# ସରଳ ସାହିତ୍ୟ

KSY376

## (ତୃତୀୟ ଭାଷା ଓଡ଼ିଆ)

## ଅଷ୍ଟମ ଶ୍ରେଣୀ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ସରଳ ସାହିତ୍ୟ

(ତୃତୀୟ ଭାଷା ଓଡ଼ିଆ)

(ଅଷ୍ଟମ ଶ୍ରେଣୀ)

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା
ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**ସମୀକ୍ଷା ଓ ସଂପାଦନା ମଣ୍ଡଳୀ :**
ଡ. ବୈରାଗୀ ଚରଣ ଜେନା (ସମୀକ୍ଷକ)
ଡ. ବସନ୍ତ କୁମାର ପଣ୍ଡା
ଶ୍ରୀ ଜନ୍ମେଜୟ ମିଶ୍ର
ଶ୍ରୀ ରମେଶ କୁମାର ସାହୁ

**ସଂଯୋଜନା :** ଡ଼. ସବିତା ସାହୁ

**ନୂତନ ସଂପାଦନା ଓ ସମୀକ୍ଷକ ମଣ୍ଡଳୀ :**
ଡ. କୈଳାସ ଚନ୍ଦ୍ର ଟିକାୟତରାୟ
ଡ. ବସନ୍ତ କୁମାର ପଣ୍ଡା
ଡ. ସନ୍ତୋଷ କୁମାର ତ୍ରିପାଠୀ
ଡ. ମୀନାକ୍ଷୀ ଦାସ
ସୁଶ୍ରୀ ବିଦ୍ୟୁଲ୍ଲତା ମିଶ୍ର
ଡ. ସଞ୍ଜୁଲତା ପାତ୍ର
ଶ୍ରୀ ସୁବାସଚନ୍ଦ୍ର ମିଶ୍ର
ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ

**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା

**ମୁଦ୍ରଣ ବର୍ଷ :** ୨୦୧୯

**ପ୍ରସ୍ତୁତି :**
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
ଓ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର

# ॥ ଭୂମିକା ॥

ରାଜ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ଗ୍ରହଣ କରାଯାଇଥିବା ଆଇନ ଅନୁସାରେ ପ୍ରଶାସନ, ବ୍ୟବସାୟ ଆଦି କ୍ଷେତ୍ରରେ ଅନ୍ୟଭାଷାଭାଷୀମାନେ ମଧ୍ୟ ଓଡ଼ିଆଭାଷା ଶିକ୍ଷା କରିବା ଏକାନ୍ତ ଆବଶ୍ୟକ । ଏହାକୁ ଦୃଷ୍ଟିରେ ରଖି ମାଧ୍ୟମିକ ଶିକ୍ଷାରେ ଓଡ଼ିଆକୁ ତୃତୀୟ ଭାଷା ଭାବେ ଶିଖିବାର ବ୍ୟବସ୍ଥା ରହିଛି । ଏଣୁ ଅଷ୍ଟମ ଶ୍ରେଣୀରେ ମାତୃଭାଷା ଓଡ଼ିଆକୁ ପ୍ରଥମ ଭାଷାଭାବେ ପଢୁନଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଓଡ଼ିଆ ଶିକ୍ଷା ନିମିତ୍ତ 'ସରଳ ସାହିତ୍ୟ' ପୁସ୍ତକ ପ୍ରସ୍ତୁତ ହୋଇଛି । ମାଧ୍ୟମିକ ଶିକ୍ଷାରେ ପୂର୍ବପ୍ରଚଳିତ ବିଷୟଗୁଡ଼ିକର କେତେକ ଅଭ୍ୟାସ କାର୍ଯ୍ୟ ସଂଯୋଗ ସହ ପୁସ୍ତକଟି ପୁନଃପ୍ରକାଶନ କରାଯାଉଛି ।

ଏହି ଅବସରରେ ସଂପାଦନାମଣ୍ଡଳୀ ଓ ପ୍ରକାଶନ ସହ ସଂପୃକ୍ତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରୁଛି । ଅଣଓଡ଼ିଆ ଭାଷୀଙ୍କୁ ଓଡ଼ିଆ ଶିକ୍ଷାଦାନରେ ପୁସ୍ତକଟି ସହାୟକ ହେବ ବୋଲି ଆଶା ।

ନିର୍ଦ୍ଦେଶକ

# ॥ ମୁଖବନ୍ଧ ॥


ଅଷ୍ଟମ ଶ୍ରେଣୀରେ ପଢୁଥିବା ଅଣଓଡ଼ିଆ ଶିକ୍ଷାର୍ଥୀଙ୍କୁ ତୃତୀୟ ଭାଷା ଭାବରେ ଓଡ଼ିଆ ଭାଷା ଶିକ୍ଷାଦାନ ପାଇଁ ଜାତୀୟ ପାଠ୍ୟକ୍ରମ ଆଧାର-୨୦୦୫ ଓ ରାଜ୍ୟ ପାଠ୍ୟଖସଡ଼ା-୨୦୦୭ ଭିତ୍ତିରେ ପ୍ରସ୍ତୁତ ହୋଇଥିବା **'ସରଳ ସାହିତ୍ୟ'** ପୁସ୍ତକଟିର ବିଷୟଗୁଡ଼ିକୁ ନେଇ ଅଭ୍ୟାସ-କାର୍ଯ୍ୟ ସମନ୍ୱିତ ଏହି ବହିଟି ସଂପାଦନା କରାଯାଇଛି । ତୃତୀୟ ଭାଷା ଭାବରେ ଅଣଓଡ଼ିଆଭାଷୀ ପିଲାମାନଙ୍କୁ ଓଡ଼ିଆ ଭାଷା ପ୍ରତି ଆଗ୍ରହାନ୍ୱିତ କରିବାରେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଏ ପୁସ୍ତକଟି ଯଥୋଚିତ ସହାୟତା କରିପାରିଲେ ଆମର ଶ୍ରମ ସାର୍ଥକ ହେବ । ଏହି ପୁସ୍ତକ ପ୍ରକାଶନ ଅବସରରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓ ପୂର୍ବ ବହିର ପ୍ରସ୍ତୁତକାରୀ ମାଧ୍ୟମିକ ଶିକ୍ଷା ପରିଷଦକୁ ଆମର ଆନ୍ତରିକ ଧନ୍ୟବାଦ ।

**ସଂପାଦକ ଓ ସମୀକ୍ଷକମଣ୍ଡଳୀ**



ଅଦ୍ୟାବଧି ଜଗତମାତାଙ୍କର ଚରଣରେ ମୁଁ ଯେଉଁଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

**ମହାତ୍ମା ଗାନ୍ଧୀ**



## ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମେ ଭାରତବାସୀ ଭାରତକୁ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ✶ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ✶ ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ✶ ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ✶ ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ
ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା
ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)
## ୫୧(କ)ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ହେବ –**

(କ) ସମ୍ବିଧାନକୁ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା :

(ଖ) ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନୀସୂଚକ ବ୍ୟବହାର କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହା ଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର କାର୍ଯ୍ୟାବଳୀର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବା ।

# ସୂଚିପତ୍ର

## ପଦ୍ୟବିଭାଗ


| କ୍ର.ନଂ. | ପ୍ରସଙ୍ଗ | କବି/ଲେଖକ | ପୃଷ୍ଠା |
|---|---|---|---|
| ୧. | କମଳଲୋଚନ ଚଉତିଶା | ବଳରାମ ଦାସ | ୦୧ |
| ୨. | ପରିଶ୍ରମ | ଗଙ୍ଗାଧର ମେହେର | ୦୫ |
| ୩. | ଧର୍ମପଦ | ଗୋପବନ୍ଧୁ ଦାସ | ୧୦ |
| ୪. | ଗାନ୍ଧିଜୀ | ମାୟାଧର ମାନସିଂହ | ୧୬ |
| ୫. | ତୋ ଧୂଳି ମୁଠିଏ | ଅନନ୍ତ ପଟ୍ଟନାୟକ | ୨୧ |
| ୬. | ଶୁଆ ଓ ଦେବଦୂତ | ରାଧାମୋହନ ଗଡ଼ନାୟକ | ୨୭ |
| ୭. | ଛୋଟରେ ବଡ଼ | ବିଦ୍ୟୁତ୍‌ପ୍ରଭା ଦେବୀ | ୩୩ |


## ଗଦ୍ୟବିଭାଗ


| | | | |
|---|---|---|---|
| ୮. | ସଭ୍ୟ ଜମିଦାର | ଫକୀରମୋହନ ସେନାପତି | ୩୬ |
| ୯. | ସାର୍ ଆଇଜାକ୍ ନିଉଟନ୍ | ମଧୁସୂଦନ ରାଓ | ୪୮ |
| ୧୦. | ନାରୀ ଜୀବନରେ କଳାଚର୍ଚ୍ଚା | ସରଳା ଦେବୀ | ୫୬ |
| ୧୧. | ଧର୍ମ-ଧନ ମୁଁ ସଞ୍ଚିବି | ଶତ୍ରୁଘ୍ନ ନାଥ | ୬୨ |
| ୧୨. | କଟକର ସରଳ ବାଳକ ଭାରତର ଓ୍ୱାସିଂଟନ | ଗୋଲୋକବିହାରୀ ଧଳ | ୬୯ |
| ୧୩. | ଆତ୍ମିକ ଶିକ୍ଷା | ମୋହନଦାସ କରମଚାନ୍ଦ ଗାନ୍ଧୀ<br>ଅନୁବାଦ - ଗୋପବନ୍ଧୁ ଚୌଧୁରୀ | ୭୭ |

ପ୍ରବନ୍ଧ ଓ ପତ୍ର ବା ଦରଖାସ୍ତ ଲିଖନ ୮୩

# କମଳଲୋଚନ ଚଉତିଶା

KT7Y8T

● ବଳରାମ ଦାସ

## କବି ପରିଚୟ :

ବଳରାମ ଦାସ (ପଞ୍ଚଦଶ-ଷୋଡ଼ଶ ଶତାବ୍ଦୀ) ଓଡ଼ିଆ ସାହିତ୍ୟରେ ଭକ୍ତିଯୁଗର ପଞ୍ଚସଖା କବିମାନଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ । 'ଜଗମୋହନ ରାମାୟଣ' ବା 'ଦାଣ୍ଡୀରାମାୟଣ' ତାଙ୍କର ଶ୍ରେଷ୍ଠ କୃତି । ଏଥିସହିତ 'ଲକ୍ଷ୍ମୀପୁରାଣ', 'ବ୍ରହ୍ମାଣ୍ଡ ଭୂଗୋଳ', 'ବଟ ଅବକାଶ', 'ମୃଗୁଣୀ ସ୍ତୁତି', 'କାନ୍ତ କୋଇଲି', 'ଭାବସମୁଦ୍ର' ଓ 'ବେଢ଼ା ପରିକ୍ରମା' ପ୍ରଭୃତି ବହୁ ରଚନାରେ ତାଙ୍କର ଭକ୍ତି ଓ କବି ଜୀବନର ମହତ୍ତ୍ୱ ପ୍ରକଟିତ । ସେ ରାଜା ପ୍ରତାପରୁଦ୍ର ଦେବଙ୍କ ସମସାମୟିକ ଥିଲେ । ଓଡ଼ିଆ ଭାଷାରେ ବ୍ୟଞ୍ଜନବର୍ଣ୍ଣର ପ୍ରତ୍ୟେକ ଅକ୍ଷରକୁ କ୍ରମାନୁସାରେ ଆରମ୍ଭରେ ରଖି ଚଉତିଶା ରଚନାର ଯେଉଁ ପରଂପରା ଥିଲା; 'କମଳଲୋଚନ ଚଉତିଶା' ତାହାର ଏକ ସୁନ୍ଦର ଉଦାହରଣ । ଏଥିରେ ସରଳ ଭାଷାରେ ଭଗବାନ ଶ୍ରୀହରିଙ୍କ ବିଭିନ୍ନ ଲୀଳା ବର୍ଣ୍ଣନା ସହ ସ୍ତୁତିଗାନ କରାଯାଇଛି ।

---

**କ**ମଳ ଲୋଚନ ଶ୍ରୀହରି । କରେଣ ଶଙ୍ଖ ଚକ୍ର ଧାରୀ ।
ଖଗ ଆସନେ ଖଗପତି । ଖଟନ୍ତି ଲକ୍ଷ୍ମୀ ସରସ୍ୱତୀ ।
ଗରୁଡ଼ ଆସନେ ମୁରାରି । ଗୋପରେ ରଖିଲେ ବାଛୁରୀ ।
ଘନ କଠିନ କଳେବର । ଘଟଣ ଶ୍ରୀମୁଖ ସୁନ୍ଦର ।
ନନ୍ଦନନ୍ଦନ ଗୋପୀନାଥ । ନିସ୍ତରିଯିବ ନରେ ଚିନ୍ତ ।
ଚନ୍ଦ୍ରମା ପ୍ରାୟେକ ବଦନ । ଚାହିଁଲେ ଖଣ୍ଡେ ଦୁଃଖମାନ ।
ଛତ୍ରୀ ଉତ୍ତମ ଶିରୋମଣି । ଛଟକେ ଆଣିଲେ ରୁକ୍ମିଣୀ ।
ଜଗଜ୍ଜୀବନ ଦାଶରଥି । ଜାନକୀ ଦେବୀ ପ୍ରାଣପତି ।
ଝୀନ ପତନୀ ଅଙ୍ଗେଶୋଭା । ଝଟକେ ବିଦ୍ୟୁ ପ୍ରାୟେ ଆଭା ।
ନୀଳେନ୍ଦ୍ରୀ ଜଳେ ପଦ୍ମ ଆଖି । ନିସ୍ତରିଯିବା ନରେ ଦେଖି ।
ଟେକିଲେ ଦୂବ କରେ ଦାରୁ । ଟାଣପଣରେ ଭାଙ୍ଗେ ମେରୁ ।
ଠଣ ସୁନ୍ଦର ଶିରୋମଣି । ଠିକେ କମଳା ଯା'ର ରାଣୀ ।

ଡମ୍ବରୁଧର ଯା'ଙ୍କୁ ସେବା । ଡରେ ଖଟନ୍ତି ସର୍ବ ଦେବା ।
ଢମ ଯେ କଲା ରାୟେକଂସ । ଢାଳେ ଅସୁର ଗଲା ନାଶ ।
ଅନନ୍ତ ନାମେ ଅନ୍ତ ନାହିଁ । ଅଣ ଅକ୍ଷରେ ଯା'ର ଦେହୀ ।
ତପନ କୁଳେ ଅବତରି । ତାରିଲେ ଗଉତମ ନାରୀ ।
ଥବିରପଣେ ମାୟାଗତି । ଥୟ ନ ଜାଣେ ବେଦପତି ।
ଦରିଦ୍ର ଦାମୋଦର ମିତ୍ର । ଦଣ୍ଡକେ ଦେଲେ କୋଟିଅର୍ଥ ।
ଧରଣୀଧର ଶିରୋମଣି । ଧ୍ରୁବଙ୍କୁ ନିସ୍ତାରିଲେ ପୁଣି ।
ନୃସିଂହମାଧବ ମୁରାରି । ନଖେଣ ହିରଣ୍ୟ ବିଦାରି ।
ପରମାନନ୍ଦ ପଦ୍ମଲାଭ । ପୂରି ରହିଛ ସର୍ବ ଜୀବ ।
ଫୁଲାପଣକୁ ନୋହେ ସରି । ଫୁଲ ମାଳରେ ଦେହଭରି ।
ବାଳିକି ବଧକଲ ହେଳେ । ବନ୍ଧ ବାନ୍ଧିଲ ସିନ୍ଧୁଜଳେ ।
ଭାଙ୍ଗିଲ ରତ୍ନମୟ ପୁର । ଭ୍ରାନ୍ତି ଛାଡ଼ିଲା ଦେବଙ୍କର ।
ମାଇଲ ଅକ୍ଷୟ ରାବଣ । ମହିମା କେ କରୁ ବଖାଣ ।
ଯାଦବ ବଂଶେ ଜାତହୋଇ । ଜଗତ ଉଦ୍ଧାରିବା ପାଇଁ ।
ରଖିଲ ଜଳରେ ଗଜକୁ । ରାଗେଣ ଛେଦିଣ ଗ୍ରାହକୁ ।
ଲାବଣ୍ୟ ମୂର୍ତ୍ତି ଲକ୍ଷ୍ମୀଧର । ଲୟ କରନ୍ତି ସୁର ନର ।
ଶ୍ରୀପତି ଶ୍ରୀକର ଶ୍ରୀଧର । ଶ୍ରିୟା ଦେବୀଙ୍କ ମନୋହର ।
ସଂସାର ଭିତରେ ଉତ୍ତମ । ସାଧୁଙ୍କ ହିତରେ ଜନମ ।
ଶ୍ୟାମସୁନ୍ଦର କଳେବର । ସକଳ ଦେବେ ପରିଚାର ।
ହରି ବୋଇଲେ ହରେ ଦୁଃଖ । ହରି ଆନନ୍ଦ ମହାସୁଖ ।
କ୍ଷମାସାଗର ପୀତବାସ । ଭଣିଲେ ବଳରାମ ଦାସ ।

**ସୂଚନା :**

ଖଗ - ପକ୍ଷୀ (ଏଠାରେ ଗରୁଡ଼)
ନିସ୍ତରିଯିବ - ଉଦ୍ଧାର ପାଇଯିବ
ଝୀନ - ସୂକ୍ଷ୍ମ, ପତଳା
ନୀଳେନ୍ଦ୍ରୀ - ନୀଳ ଇନ୍ଦ୍ରମଣି

| | | | |
|---|---|---|---|
| ଡମ୍ବରୁଧର | - ମହାଦେବ | ଛତ୍ରୀ | - କ୍ଷତ୍ରୀ, ବୀର |
| ତପନ | - ସୂର୍ଯ୍ୟ | ଛଟକେ | - ଚତୁରତାରେ |
| ବେଦପତି | - ବ୍ରହ୍ମା | ଠଣ | - ଶରୀରର ଗଢ଼ଣ |
| ଭ୍ରାନ୍ତି | - ଭୁଲଧାରଣା | ଡମ | - ଗର୍ବ, ଅହଂକାର |
| ହରେ | - ଦୂର ହୋଇଯାଏ, ହରଣ ହୁଏ | ଢାଳେ | - ନିମିଷକେ |
| ତାରଣ | - ଉଦ୍ଧାର କରିବା | ଥବିରପଣ | - ସ୍ଥିର ଭାବରେ |
| ଘଟଣ | - ଗଢ଼ଣ | ଫୁଲାପଣ | - ଦେଖେଇହେବା |

## ଆସ ଜାଣିବା କେତୋଟି ନୂଆ ଶବ୍ଦ

କମଳ, ଲୋଚନ, କରେଣ, ମୁରାରି, କଳେବର, ବଖାଣ, ଗ୍ରାହ, ଲାବଣ୍ୟ, ଲୟ, ପରିଚାର

## ଅଭ୍ୟାସ

### ଆସ, କଥାବାର୍ତ୍ତା ହେବା :

୧. ଶ୍ରୀହରି କରରେ କ'ଣ ଧାରଣ କରିଛନ୍ତି ?
୨. ଲକ୍ଷ୍ମୀ ଓ ସରସ୍ୱତୀ କାହାପାଖରେ ଖଟୁଛନ୍ତି ?
୩. ଶ୍ରୀହରିଙ୍କ କଳେବର କିପରି ?
୪. 'ନନ୍ଦନନ୍ଦନ' ବୋଲି କାହାକୁ କୁହାଯାଇଛି ?
୫. ଛଟକେ ଶ୍ରୀହରି କାହାକୁ ଆଣିଥିଲେ ?
୬. ଦାଶରଥି କିଏ ?
୭. ନରଗଣ କାହାକୁ ଦେଖି ନିସ୍ତାର ପାଇବେ ?
୮. କାହାର ମହିମାରେ ଦୂବ ଦାରୁ ହୁଏ ଓ ମେରୁ ଭଗ୍ନ ହୁଏ ?
୯. ଶ୍ରୀହରିଙ୍କ ରାଣୀ ବୋଲି କାହାକୁ କୁହାଯାଇଛି ?
୧୦. ଅଣ ଅକ୍ଷର ଦେହୀ ବୋଲି କାହାକୁ କୁହାଯାଇଛି ?
୧୧. ତପନକୁଳ କହିଲେ କ'ଣ ବୁଝାଯାଏ ?
୧୨ ସେ କୁଳରେ କିଏ ଅବତାର ଗ୍ରହଣ କରିଥିଲେ ?
୧୩. ଗୌତମନାରୀ କିଏ ?
୧୪. କିଏ ତାଙ୍କୁ ତାରଣ କରିଥିଲେ ?
୧୫. ଥବିରପଣେ ମାୟାଗତିର ଅର୍ଥ କ'ଣ ?
୧୬. ନୃସିଂହ ନଖରେ କାହାକୁ ବିଦାରିଥିଲେ ?

## ଆସ, ମନେ ପକାଇ ଦୁଇ ତିନି ଧାଡ଼ିରେ ଉତ୍ତର ଲେଖିବା :

୧୭. ସିନ୍ଧୁଜଳରେ କିଏ କେଉଁଠି ବନ୍ଧ ବାନ୍ଧିଥିଲେ ?

୧୮. ଯାଦବ ବଂଶରେ କିଏ ଜନ୍ମ ଗ୍ରହଣ କରିଥିଲେ ?

୧୯. କିଏ କାହିଁକି ଗ୍ରାହକୁ ଛେଦନକରିଥିଲେ ?

୨୦. ଲାବଣ୍ୟମୂର୍ତ୍ତି ବୋଲି କାହାକୁ କୁହାଯାଇଛି ?

୨୧. ସଂସାରରେ ଭଗବାନ କାହାହିତରେ ଜନ୍ମ ନେଇଥାନ୍ତି ?

୨୨. ଦୁଃଖ ହରଣ ପାଇଁ କାହା ନାମ ସ୍ମରଣ କରାଯାଏ ?

୨୩. ଯେପରି ଦଶରଥଙ୍କ ପୁତ୍ର ଦାଶରଥି, ସେହିପରି କ'ଣ ହେବ -

ଜନକଙ୍କ ପୁତ୍ରୀ ________________ ।

୨୪. 'ପଦ୍ମ'ର ତିନୋଟି ପ୍ରତିଶବ୍ଦ ଲେଖିବା ।

୨୫. ଶ୍ରୀପତି, ଶ୍ରୀକର, ଶ୍ରୀଧର ପରି ଆଉ ୪ଟି ଶବ୍ଦ ଆରମ୍ଭରେ 'ଶ୍ରୀ' ଥାଇ ନୂଆ ଶବ୍ଦ ଗଠନ କରିବା ।

୨୬. ପଠିତ ପଦ୍ୟରୁ ଉପଯୁକ୍ତ ପଦନେଇ ଶୂନ୍ୟସ୍ଥାନ ପୂରଣ କରିବା ଓ ତାକୁ ଆବୃତ୍ତି କରିବା ।

(କ) ସଂସାର ଭିତରେ ଉତ୍ତମ ________________ ।

(ଖ) କ୍ଷମା ସାଗର ପୀତବାସ ________________ ।

୨୭. ଗରୁଡ଼, ଲକ୍ଷ୍ମୀ, ସରସ୍ୱତୀ ଭଳି ଆଉ ୧୦ଟି ବିଶେଷ୍ୟ ପଦ ମନରୁ ଭାବି ଲେଖିବା ।

୨୮. ବାନ୍ଧିଲ, ଭାଙ୍ଗିଲ, ଛାଡ଼ିଲା ଭଳି କ୍ରିୟା ପଦଗୁଡ଼ିକୁ ନେଇ ଗୋଟିଏ ଗୋଟିଏ ପୂର୍ଣ୍ଣ ବାକ୍ୟ ଗଠନ କରିବା ।

୨୯. କମଳ, ସୁନ୍ଦର, ଲାବଣ୍ୟ ପରି ବିଶେଷଣ ପଦଗୁଡ଼ିକୁ ନେଇ ଗୋଟିଏ ଲେଖାଏଁ ସାର୍ଥକ ବାକ୍ୟ ଗଢ଼ିବା ।

୩୦. ଡମ୍ବରୁକୁ ଧରିଛନ୍ତି ଯେ - ଡମ୍ବରୁଧର ।

ସେହିପରି ଆଉ ୫ଟି ଶବ୍ଦ ଲେଖିବା ।

## ତୁମପାଇଁ କାମ :

୧. ବଳରାମ ଦାସଙ୍କ ଦ୍ୱାରା ରଚିତ ଅନ୍ୟାନ୍ୟ ଗ୍ରନ୍ଥ ସଂଗ୍ରହ କରି ଟିପା ଖାତାରେ ଲେଖିବା ଓ ଶ୍ରେଣୀରେ ଆଲୋଚନା କରିବା ।

୨. ଓଡ଼ିଆ ଭାଷାରେ ରଚିତ ଅନ୍ୟ କେତୋଟି ଚଉତିଶା ସଂଗ୍ରହ କରି ଶ୍ରେଣୀରେ ପାଠ କରିବା ।

❖❖❖

# ପରିଶ୍ରମ

● ଗଙ୍ଗାଧର ମେହେର

## କବି ପରିଚୟ :

ଗଙ୍ଗାଧର ମେହେର (୧୮୬୨-୧୯୨୪) ବରଗଡ଼ ଜିଲ୍ଲାର ବରପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ନିଜର ସ୍ୱାଧ୍ୟାୟ ଓ ଅଧ୍ୟବସାୟ ବଳରେ ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗର ସ୍ରଷ୍ଟାମାନଙ୍କ ମଧ୍ୟରେ ସେ ଏକ ବିଶିଷ୍ଟ ସ୍ଥାନର ଅଧିକାରୀ ହୋଇ 'ସ୍ୱଭାବକବି' ବୋଲି ପରିଚିତ ହୋଇଥିଲେ । କବିଙ୍କ ରଚିତ 'ତପସ୍ୱିନୀ', 'ପ୍ରଣୟ ବଲ୍ଲରୀ', 'କୀଚକ ବଧ', 'ଇନ୍ଦୁମତୀ', 'ଉତ୍କଳ ଲକ୍ଷ୍ମୀ', 'ଅର୍ଘ୍ୟ ଥାଳୀ' ପ୍ରଭୃତି କାବ୍ୟଗୁଡ଼ିକ ଆମ ସାହିତ୍ୟର ଅମୂଲ୍ୟ ସମ୍ପଦ । 'ପରିଶ୍ରମ' କବିତାଟି କବିଙ୍କର 'ଅର୍ଘ୍ୟଥାଳୀ' କବିତାଗ୍ରନ୍ଥରୁ ଅଣାଯାଇଛି । ଏଥିରେ କର୍ମର ଜୟଗାନ କରାଯାଇଛି ଓ ଆଳସ୍ୟକୁ ନିନ୍ଦା କରାଯାଇଛି ।

---

ଅବନୀ ଗରଭେ ରହିଛି
ପୂରି ପ୍ରଚୁର ଜଳ,
ତେତେ ବାହାରିବ ଖୋଳିବ
ଯେତେ ପ୍ରକାଶି ବଳ ।
ସେହି ଜଳ ଆଣି ପ୍ଲାବିତ
କଲେ ଅବନୀ ଉର,
ଫଳ, ମୂଳ, ଶାକ ଅଳପ
ବୀଜେ ମିଳେ ପ୍ରଚୁର ।
ପରିଶ୍ରମ କରି ଅଧିକ
ଅଳ୍ପ ଭୂମିରେ ମାଳୀ,
ବାରମାସ ନିଜ କୁଟୁମ୍ବ
ନିଏ ସ୍ୱଚ୍ଛନ୍ଦେ ପାଳି ।
ବହୁ ଭୂମି ଥାଇ କୃଷକ
ହୋଇ ଶ୍ରମ ବିମୁଖ,
ଇନ୍ଦ୍ରେ ଦୋଷ ଦେଇ ସଲିଳ
ବିନା ଲଭଇ ଦୁଃଖ ।

ଇନ୍ଦ୍ର ଦତ୍ତ ଜଳ ଯତନେ
ପୁଣି ରଖଇ ନାହିଁ,
ଜଳାଭାବ ହେଲେ ସତୃଷ୍ଣ
ଥାଏ ଶୂନ୍ୟକୁ ଚାହିଁ ।
ଅଳସ ଲୋକର ପାଶକୁ
ନ ପଶଇ ସମ୍ପଦ,
ମଧୁ ଆସି ମୁଖେ ନ ପଶେ
ଶୋଇଥିଲେ ଷଟ୍‌ପଦ ।
ଦେଶ ଦେଶାନ୍ତର ବିଚରି
ପକ୍ଷୀ ପୋଷେ ଉଦର,
କ୍ଷୁଧାରେ ମରଇ ଅଳସ
ତେଜି ନ ପାରି ଘର ।
ବାୟା ବିହଙ୍ଗମ କରଇ
କେଡ଼େ ସୁନ୍ଦର ବସା,
କୁଟୀର ଅଭାବେ ଅଳସ
ଭୁଞ୍ଜେ ଘୋର ଦୁର୍ଦ୍ଦଶା ।
ଘାସ ଖାଇ ପଶୁ ସତତ
ନରେ ସାହାଯ୍ୟ କରେ,
ଓହୋ କି ବିଚିତ୍ର ତଥାପି
ନର ଉପାସେ ମରେ !
ନରକୁ ଦଇବ ଜଗତେ
ଅଛି କିସ ନ ଦେଇ !
ଦ୍ୱାରେ ଦ୍ୱାରେ ବୁଲି ତଥାପି
ବୋଲେ ସେ ଦେହି ଦେହି !
ନିଜ ନିଜ ପେଟ ପୋଷନ୍ତି
କୀଟ ପତଙ୍ଗଗଣ,
ପେଟ ପାଇଁ ନର ଭିକାରି
ଧରେ ପର ଚରଣ !

**ସୂଚନା :**

| | | | |
|---|---|---|---|
| ଅବନୀ | - ପୃଥିବୀ | ଉଦର | - ପେଟ |
| ପ୍ଲାବିତ କଲେ | - ମଡ଼ାଇଲେ | ଉର | - ଛାତିର ଉପରିଭାଗ |
| ବୀଜ | - ମଞ୍ଜି | ସଲିଳ | - ଜଳ |
| ସ୍ୱଚ୍ଛନ୍ଦେ | - ବିନା କଷ୍ଟରେ, ଆନନ୍ଦରେ | ଦେଶାନ୍ତର | - ଅନ୍ୟଦେଶ |
| ସତୃଷ୍ଣ | - ଶୋଷିଲା, ତୃଷିତ | ବିଚରି | - ବିଚରଣ କରି |
| ଷଟ୍‌ପଦ | - ଭଅଁର | ସତତ | - ସର୍ବଦା |
| ବିହଙ୍ଗମ | - ପକ୍ଷୀ | କୀଟ | - ପୋକ |
| ଦେହି | - ଦିଅ | ଶାକ | - ଶାଗ |
| ପତଙ୍ଗ | - ଝିଣ୍ଟିକା ଜାତୀୟ ପ୍ରାଣୀ | ତେଜି | - ତ୍ୟାଗକରି |
| ଶୂନ୍ୟ | - ଆକାଶ | ଭୁଞ୍ଜେ | - ଭୋଗକରେ |
| ମଧୁ | - ମହୁ | ଚରଣ | - ପାଦ |

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

ଲଭଇ, ଦଇବ, ଦେହି

**ଅଭ୍ୟାସ**

**ଆସ, ମନେପକାଇ ଦୁଇ ତିନି ଧାଡ଼ିରେ ଉତ୍ତର ଲେଖିବା :**

୧. ଜଳ ସାହାଯ୍ୟରେ କ'ଣ କରାଯାଏ ?

୨. ମାଳୀ କିପରି ତା'ର ପରିବାର ପ୍ରତିପୋଷଣ କରିଥାଏ ?

୩. କୃଷକ କାହିଁକି ଦୁଃଖ ପାଏ ?

୪. ଜଳାଭାବ ଜନିତ ଅସୁବିଧାକୁ କୃଷକ କିପରି ଦୂର କରିପାରିବ ?

୫. ଅଳସୁଆ ସମ୍ପଦର ଅଧିକାରୀ ହୋଇପାରେ ନାହିଁ କାହିଁକି ?

୬. କବିତାରେ ଷଟ୍‌ପଦ କାହାକୁ ଲକ୍ଷ୍ୟକରି କୁହାଯାଇଛି ?

୭. ପକ୍ଷୀ କିପରି ନିଜର ଖାଦ୍ୟ ସଂଗ୍ରହ କରିଥାଏ ?

୮. ଅଳସୁଆ ଓ ପକ୍ଷୀ ମଧ୍ୟରେ କି ପାର୍ଥକ୍ୟ ଦେଖାଯାଏ ?

୯. ବାୟା ଚଢ଼େଇ ଅଳସୁଆ ଲୋକକୁ କି ଶିକ୍ଷା ଦିଏ ?

୧୦. ପଶୁ ମଣିଷକୁ କିପରି ସାହାଯ୍ୟ କରେ ?

୧୧. 'ଓହୋ କି ବିଚିତ୍ର ତଥାପି ନର ଉପାସେ ମରେ' ଏ କଥା କାହିଁକି କୁହାଯାଇଛି ?

୧୨. ମଣିଷକୁ ଈଶ୍ୱର କ'ଣ କ'ଣ ଦେଇଛନ୍ତି ?

୧୩. ମଣିଷ ଭିକ ମାଗେ କାହିଁକି ?

୧୪. ଭିକ ମାଗିବାକୁ କବି କିଭଳି ଭାବେ ଗ୍ରହଣ କରିଛନ୍ତି ?

## ଆସ, କଥାବାର୍ତ୍ତା ହେବା :

୧୫. ଅଳ୍ପ ବୀଜରେ କ'ଣ ପ୍ରଚୁର ମିଳେ ?

୧୬. କୃଷକର କ'ଣ ବହୁତ ଅଛି ?

୧୭. କୃଷକ କ'ଣ କରିବାକୁ ବିମୁଖ ?

୧୮. କାହାର ପ୍ରଦତ୍ତ ଜଳକୁ କୃଷକ ସାଇତି ରଖେ ନାହିଁ ?

୧୯. ଜଳର ଅଭାବରେ କୃଷକ କାହାକୁ ଅନାଇଥାଏ ଓ କାହାକୁ ଦୋଷ ଦିଏ ?

୨୦. ଅଳସୁଆ କିପରି ମରେ ?

୨୧. କ'ଣ ପାଇଁ ଅଳସୁଆ ଦୁର୍ଦ୍ଦଶା ଭୋଗକରିଥାଏ ?

୨୨. କିଏ ଦ୍ୱାର ଦ୍ୱାର ବୁଲି ଭିକ ମାଗିଥାଏ ?

୨୩. କୀଟ ପତଙ୍ଗ କିପରି ନିଜ ପେଟ ପୋଷନ୍ତି ?

୨୪. ପେଟ ପାଇଁ ନର କ'ଣ କରେ ?

୨୫. ମଣିଷ, ଇନ୍ଦ୍ର, ସଲିଳ, ଉଦର- ଏଇ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ନିମ୍ନରେ ଥିବା ବନ୍ଧନୀ ମଧ୍ୟରୁ ବାଛି ଲେଖିବା ।

(ଦେବରାଜ, ଜଳ, ପେଟ, ଧନ, ନର)

୨୬. ଯେପରି ଅନ୍ୟ ଦେଶ- ଦେଶାନ୍ତର, ସେହିପରି କ'ଣ ହେବ ଲେଖିବା ।

ଅନ୍ୟ ଭାଷା ________________ ।

ଅନ୍ୟ ମନ ________________ ।

ଅନ୍ୟ ଗ୍ରାମ ________________ ।

ଅନ୍ୟ ମତ ________________ ।

୨୭. କବିତାକୁ ମନେପକାଇ ଶୂନ୍ୟସ୍ଥାନଟିକୁ ପୂରଣ କରିବା ।

ନରକୁ ଦଇବ ଜଗତେ

...............................

ଦ୍ୱାରେ ଦ୍ୱାରେ ବୁଲେ ତଥାପି

.............................

## ତୁମପାଇଁ କାମ :

୧. ଗଙ୍ଗାଧର ମେହେରଙ୍କର ଫଟୋ ସଂଗ୍ରହ କରି ଶ୍ରେଣୀରେ ଟାଙ୍ଗିବା ।

୨. ଗଙ୍ଗାଧର ମେହେରଙ୍କର ଜୀବନୀ ସଂଗ୍ରହ କରି ପଢ଼ିବା ।

୩. ଏହି କବିଙ୍କର ଅନ୍ୟାନ୍ୟ ଲେଖାକୁ ସଂଗ୍ରହ କରି ଏକ ତାଲିକା ପ୍ରସ୍ତୁତ କରିବା ।

୪. ବିଦ୍ୟାଳୟରେ ବିଭିନ୍ନ ବିଷୟ ପଢ଼ିବା ସହିତ ଖେଳ, ବଗିଚା କାମରେ ମନ ଦେଇ କିପରି ଆନନ୍ଦ ପାଉଛ ତାହା ଜଣାଇ ସାନଭାଇ ପାଖକୁ ପତ୍ରଟିଏ ଲେଖିବା ।

❖❖❖

# ଧର୍ମପଦ

KTQQC4

● ପଣ୍ଡିତ ଗୋପବନ୍ଧୁ ଦାସ

## କବି ପରିଚୟ :

ପଣ୍ଡିତ ଗୋପବନ୍ଧୁ ଦାସ ( ୧୮୭୭-୧୯୨୮ ) ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ସତ୍ୟବାଦୀ ଯୁଗ ସାହିତ୍ୟର ପ୍ରମୁଖ ସ୍ରଷ୍ଟା ଥିଲେ । ଜାତିପାଇଁ ତାଙ୍କର ଜୀବନ ଉତ୍ସର୍ଗୀକୃତ ଥିଲା । ତାଙ୍କର ପ୍ରତ୍ୟେକ ରଚନା ଓ କର୍ମ ଦେଶପ୍ରେମର ଜ୍ୱଳନ୍ତ ସ୍ୱାକ୍ଷର ବହନ କରୁଥିଲା । ସେ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତାମାନଙ୍କ ମଧ୍ୟରେ ଅନ୍ୟତମ । ତାଙ୍କ ପ୍ରତିଷ୍ଠିତ ସମାଜ ( ୧୯୧୯ ) ସଂବାଦପତ୍ର ଆଜି ଓଡ଼ିଆ ଭାଷାକୁ ଏକ ନୂତନ ରୂପ ପ୍ରଦାନ କରିଛି । ଗୋପବନ୍ଧୁ ୧୯୦୯ରେ 'ସତ୍ୟବାଦୀ ବନ ବିଦ୍ୟାଳୟ' ପ୍ରତିଷ୍ଠା କରି ଭଲ ମଣିଷ ଗଢ଼ିତୋଳିବା ଲାଗି ପ୍ରୟାସ କରିଥିଲେ । ତାଙ୍କର କବିତା ପୁସ୍ତକ ମଧ୍ୟରେ 'କାରା କବିତା', 'ଧର୍ମପଦ', 'ବନ୍ଦୀର ଆତ୍ମକଥା', 'ଗୋ ମାହାତ୍ମ୍ୟ' ଓ 'ଅବକାଶ ଚିନ୍ତା' ଆଦି ପ୍ରଧାନ ।

ଆଲୋଚ୍ୟ କବିତାଟି 'ଧର୍ମପଦ' ର ଅଂଶବିଶେଷ । ଏଠାରେ ଉତ୍କଳର ମହିମା, ଉତ୍କଳୀୟମାନଙ୍କର ପୂର୍ବପୁରୁଷଙ୍କ ଗୌରବ, ଉତ୍କଳର କଳା ଓ ଐତିହ୍ୟ, ଜାତି ପାଇଁ ତ୍ୟାଗ ଏବଂ ସତ୍‌କର୍ମ କିପରି ମଣିଷକୁ ଅମର କରେ, ତାହା ବର୍ଣ୍ଣନା କରାଯାଇଛି ।

---

**କ**ହେ ପୁଅ, "ବାପ ଜୀବନ ମରଣ
ଲାଗିଅଛି ଅନୁକ୍ଷଣ,
ଜନମ ହୋଇଲେ ଆଗେ ଅବା ପଛେ
ଅବଶ୍ୟ ହେବ ମରଣ ।
କାପୁରୁଷ ପରି ମରିବା ଜଗତେ
ନୁହେଁ ନର ପଉରୁଷ,
ପରହିତ ସାଧି ମରେ ଯେ ମହୀରେ
ସେହି ଏକା ସୁପୁରୁଷ ।

ମାନବ-ଜୀବନ ନୁହଇ କେବଳ
ବର୍ଷ-ମାସ-ଦିନ-ଦଣ୍ଡ,
କର୍ମେ ଜିଏଁ ନର, କର୍ମ ଏକା ତା'ର
ଜୀବନର ମାନଦଣ୍ଡ ।
ମୁହୂର୍ତ୍ତେ ମାତର ଉଜ୍ଜ୍ୱଳ ପ୍ରଖର
ଶିଖା ଟେକି ହୁତାଶନ
ଜଳି ଯେବେ କରେ ଆଲୋକ ଉତ୍ତାପ
ଚଉଦିଗେ ବିତରଣ,
ଲିଭୁ ସେ କ୍ଷଣକେ ତଥାପି ଏ ଲୋକେ
ରହେ ତା' ଆଦର ଯଶ;
କି ଲୋଡ଼ା ତହିଁରେ ରହେ ଯେ ମହୀରେ
କୁହୁଳି ସହସ୍ର ବର୍ଷ ।
କହୁଛି ନିଶ୍ଚୟ ଏ ଜୀବନେ ଆଉ
ହେବ ନାହିଁ ଯେବେ ଦେଖା,
ଜିଇଁବା ମରିବା କିପାଇଁ ପଚାର
ସେ ଦୁଇ କଥା ତ ଏକା ।
ଏ ମୋ ବଡ଼ ଭାଗ୍ୟ ଘଟିଲା ସୁଯୋଗ
ମିଳି ଏଥି ଯଥାବେଳେ,
ମୁଦିଲି ଦେଉଳ କୁଟ ଶିଳ୍ପତନ୍ତ୍ରେ
ଶିଖିଲି ଯା ଶିଶୁ ଖେଳେ ।
ବାରଶ ବଢ଼ାଇ ମୋର ଜାତି ଭାଇ
ସହି ନିନ୍ଦା ଅପମାନ,
ମଲେ ଯେବେ ଏଥି, କି ସୁଖ ମୋହର
କରି ମନ୍ଦିର ନିର୍ମାଣ ?
ବାରଶ ବଢ଼ାଇ— ରକତ-ରଞ୍ଜିତ
ଯଶ ସନମାନ ଧନ,
ପାଇ ରାଜଦ୍ୱାରେ କହ କି ପ୍ରକାରେ
ବଢ଼ିବ ମୋ ବଡ଼ପଣ ?

ଶାଢ଼ି ବାନ୍ଧି ମୁଣ୍ଡେ ଯିବି ରାଜଦାଣ୍ଡେ
ଦେଖି ଜାତି-କୁଳ-ନାଶ,
କି ରଙ୍ଗେ ଚିତ୍ରିବ ଏ ଜଘନ୍ୟ ଛବି
ଭବିଷ୍ୟତ ଇତିହାସ !
ଦେଉଳ ଅମୁଦା ରହି ମରିଥାନ୍ତେ
ଯେବେ ସବୁ କାରିଗରେ,
ମୋ କର୍ମ କୌଶଳେ ଲଜ୍ଜା ଅପମାନ
ନ ଥାନ୍ତା ତାଙ୍କ ମୁଖରେ ।
ଉତ୍କଳର ଶିଳ୍ପି – କୁଳ-ଇତିହାସେ
ନ ରହୁ ଏ କଳା ଦାଗ,
ତେଣୁ ସ୍ୱଚ୍ଛ ମନେ ଏ ଜୀବନ ଲାଗି
କର ବାପ ମୋତେ ତ୍ୟାଗ ।''

**ସୂଚନା :**

| | | |
|---|---|---|
| ବାପ | - | ବାପାଙ୍କୁ ଲୌକିକ ସମ୍ବୋଧନ |
| ଅନୁକ୍ଷଣ | - | ପ୍ରତି ମୁହୂର୍ତ୍ତ |
| ପଉରୁଷ | - | (ପୌରୁଷ) ଗୌରବ/ ମହତ୍ତ୍ୱ |
| ହିତ | - | କଲ୍ୟାଣ |
| ସୁପୁରୁଷ | - | ଉତ୍ତମ ଜନ |
| ଦଣ୍ଡ | - | ଟିକିଏ ସମୟ |
| ଜିଏଁ | - | ଜୀବିତ ରହେ |
| ମହୀ | - | ପୃଥିବୀ |
| ମାନଦଣ୍ଡ | - | ମାପକାଠି |
| ହୁତାଶନ | - | ଅଗ୍ନି |
| ବିତରଣ | - | ପ୍ରଦାନ, ବଣ୍ଟନ |
| ଲୋକେ | - | ଜଗତରେ |
| ଯଶ | - | ଖ୍ୟାତି, ମହିମା |
| କୁହୁଳି | - | ଧୂଆଁ ସୃଷ୍ଟି କରି |
| ଶିଳ୍ପତନ୍ତ୍ରେ | - | ଶିଳ୍ପ ବିଦ୍ୟାରେ |
| ରଞ୍ଜିତ | - | ବୋଲିହୋଇଥିବା |
| କାପୁରୁଷ | - | ଭୀରୁ |
| ମୁଦିଲି | - | ମୁଣ୍ଡିମାରିଲି, ମୁଦକଲି |
| ଜଘନ୍ୟ ଛବି | - | ଦୁଃଖଦ / ହୃଦୟବିଦାରକ ଦୃଶ୍ୟ |

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

ଅନୁକ୍ଷଣ, ସାଧି, ହୁତାଶନ, ଜଘନ୍ୟ, ଅମୁଦା

## ଅଭ୍ୟାସ

**ଆସ, କଥାବାର୍ତ୍ତା ହେବା :**

୧. କବିତାଟିରେ 'ପୁଅ' କାହାକୁ ଲକ୍ଷ୍ୟକରି କୁହାଯାଇଛି ?

୨. ପୁଅଟି ବାପାଙ୍କୁ କ'ଣ କହୁଛି ?

୩. କିପରି ମରିବା ମଣିଷର ଗୌରବ ନୁହେଁ ?

୪. ମଣିଷ ଜୀବନର ମାନଦଣ୍ଡ କ'ଣ ?

୫. ମନୁଷ୍ୟ ଜୀବନ କେବଳ କ'ଣ ନୁହେଁ ?

୬. କାହାର ଯଶ ଅକ୍ଷୟ ରହେ ?

୭. ଶିଶୁ ଖେଳରେ ଶିଶୁଟି କ'ଣ ଶିଖିଥିଲା ?

୮. ବାରଶ ବଢ଼େଇ କ'ଣ ଗଢ଼ିଥିଲେ ?

୯. କେଉଁଥି ପାଇଁ ଶିଶୁଟି ରାଜାଙ୍କ ପାଖରେ ନିଜର ବଡ଼ପଣର ଗାରିମା ପାଇଁ ମନା କରିଛି ?

୧୦. ଭବିଷ୍ୟତ ଇତିହାସ କ'ଣ ଲେଖିବ ବୋଲି କବି କହିଛନ୍ତି ?

୧୧. କାହାର ଇତିହାସରେ କଳା ଦାଗ ରହିବ ନାହିଁ ?

**ଆସ, ମନେପକାଇ ଦୁଇ ତିନିଧାଡ଼ିରେ ଉତ୍ତର ଲେଖିବା :**

୧୨. କାହାକୁ ସୁପୁରୁଷ କୁହାଯାଇଛି ଓ କାହିଁକି ?

୧୩. କେଉଁ ଦୁଇ କଥା ଏକା ବୋଲି କବି କହିଛନ୍ତି ଏବଂ କାହିଁକି ?

୧୪. ବାରଶ ବଢ଼େଇ କାହିଁକି ନିନ୍ଦା ଅପମାନ ପାଇବା କଥା କୁହାଯାଇଛି ?

୧୫. ପୁଅ କାହାକୁ ନିଜର ଜୀବନ ତ୍ୟାଗ ପାଇଁ ଅନୁରୋଧ କରିଛି ଏବଂ କ'ଣ ପାଇଁ ?

୧୬. ନିମ୍ନଲିଖିତ ପଦ ଗୁଡ଼ିକର ଗଦ୍ୟ ରୂପକୁ ଲେଖିବା ।

(କ) ଜନମ (ଖ) ମାତର (ଗ) ପଉରୁଷ (ଘ) ଚଉଦିଗେ

୧୭. 'ଜନମମରଣ' ଓ 'ଆଗପଛ' ପରି କବିତାରେ ଥିବା ଯୁଗ୍ମ ଶବ୍ଦଗୁଡ଼ିକୁ ବାଛି ଲେଖିବା ।

୧୮. ଅନୁକ୍ଷଣ, କାପୁରୁଷ, ସୁଯୋଗ, ଅପମାନ, ନିର୍ମାଣ ଶବ୍ଦକୁ ବ୍ୟବହାର କରି ବାକ୍ୟ ଗଠନ କରିବା ।

୧୯. ଅସଜଡ଼ା ଶବ୍ଦଗୁଡ଼ିକୁ ସଜାଡ଼ି କବିତାଂଶଟି ଲେଖିବା ।

ମାନବ ଜୀବନ ନୁହଁଇ କେବଳ
ଦିନ ମାସ ବର୍ଷ ଦଣ୍ଡ
କର୍ମେ ଜିଏଁ ନର କର୍ମ ଏକା ତାର
ମାନଦଣ୍ଡ ଜୀବନର ।

୨୦. ମହୀ, ହୁତାଶନ, ଯଶ ର ୨ଟି ଲେଖାଏଁ ପ୍ରତିଶବ୍ଦ ଲେଖିବା ।

୨୧. ବହିରୁ ମନେପକାଇ ଶୂନ୍ୟସ୍ଥାନ ପୂରଣ କରିବା ।

__________ ପରି ମରିବା ଜଗତେ
ନୁହେଁ ନର __________
ପରହିତ ସାଧି ମରେ ଯେ __________
ସେହି ଏକା __________ ।

୨୨. ଧରମାର ବାପା କିଏ, ତାହା ନିମ୍ନରୁ ବାଛି ଲେଖିବା ।

(କ) ବିଶ୍ୱମ୍ଭର ମହାରଣା

(ଖ) ବାସୁ ମହାରଣା

(ଗ) ବିଶୁ ମହାରଣା

(ଘ) ଲାଙ୍ଗୁଳା ନରସିଂହ ଦେବ

୨୩. ଏ କବିତାରେ ଯେଉଁ ମନ୍ଦିରର କଥା କୁହାଯାଇଛି, ତାହାକୁ ବାଛି ଲେଖିବା ।

(କ) ଜଗନ୍ନାଥ ମନ୍ଦିର

(ଖ) କୋଣାର୍କ ମନ୍ଦିର

(ଗ) ଲିଙ୍ଗରାଜ ମନ୍ଦିର

(ଘ) ରାଜାରାଣୀ ମନ୍ଦିର

୨୪. ତା'ର, ସେହି, ମୋର ପରି ଆଉ ୩ଟି ସର୍ବନାମ କବିତାରୁ ବାଛି ଲେଖିବା ।

୨୫. (କ) ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ଶବ୍ଦକୁ ଯୋଡ଼ି ନୂଆ ଶବ୍ଦଟିକୁ ଲେଖିବା ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ଦୁଇ | ପଣ |
| ବଡ଼ | କଥା |
| କୁ | ପୁରୁଷ |
| ସୁ | ବଢ଼େଇ |
| ବାରଶ | ପୁରୁଷ |

୨୬. ନିମ୍ନଲିଖିତ ଶବ୍ଦମାନଙ୍କ ମଧ୍ୟରୁ ଠିକ୍ ଶବ୍ଦଟିକୁ ବାଛି ଲେଖିବା ।

(କ) ଶିକ୍ଷୀକୁଳ, ଶିକ୍ଷିକୁଳ, ଶିକ୍ଷୀକୂଳ

(ଖ) ମୁହୂର୍ତ୍ତ, ମୁହୁର୍ତ୍ତ, ମୂହୂର୍ତ୍ତ

(ଗ) ଲଜ୍ୟା, ଲଜ୍ଜା, ଲଯ୍ୟା

## ତୁମପାଇଁ କାମ :

୧. କବିତାଟିର କେଉଁ ପଂକ୍ତିଗୁଡ଼ିକ ତୁମକୁ ଭଲ ଲାଗୁଛି, ସେଗୁଡ଼ିକୁ ଉଦ୍ଧାର କରି ଶ୍ରେଣୀରେ ପାଠ କରିବା ।

୨. କବିତାଟି ତୁମ ମନରେ କି ପ୍ରକାର ଭାବ ସୃଷ୍ଟି କରୁଛି, ତାହା ବର୍ଣ୍ଣନା କରି ନିଜର ସାନଭାଇ ପାଖକୁ ପତ୍ର ଲେଖିବା ।

୩. ଗୋପବନ୍ଧୁଙ୍କର ଜୀବନୀ ଓ କବିତା ସଂଗ୍ରହ କରି ପଢ଼ିବା ।

❖❖❖

KTZLDR

# ଗାନ୍ଧିଜୀ

● ଡ. ମାୟାଧର ମାନସିଂହ

## କବି ପରିଚୟ :

କବି ଡ. ମାୟାଧର ମାନସିଂହ (୧୯୦୫-୧୯୭୩) ପୁରୀ ଜିଲ୍ଲା ଅନ୍ତର୍ଗତ ଚିଲିକା ଉପକୂଳବର୍ତ୍ତୀ ନନ୍ଦଳା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ସ୍ୱାଧୀନ ଚିନ୍ତାଧାରା ଏବଂ ସତ୍ୟ ପ୍ରକାଶ କରିବାରେ ନିର୍ଭୀକତା ତାଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା ଓ ଓଡ଼ିଶାର ସାହିତ୍ୟିକ ଓ ବୌଦ୍ଧିକ ବାୟୁମଣ୍ଡଳକୁ ଉଜ୍ଜୀବିତ କରିଥିଲା । ଓଡ଼ିଶା ବାହାରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ପରିଚିତ କରାଇବା ଦିଗରେ ତାଙ୍କର ଇଂରାଜୀ ଭାଷାରେ ଲିଖିତ ପୁସ୍ତକ ଗୁଡ଼ିକର ଅବଦାନ ଅବିସ୍ମରଣୀୟ । କବିଙ୍କର ରଚନାଗୁଡ଼ିକରୁ ତାଙ୍କର ଅସାମାନ୍ୟ ପ୍ରତିଭାର ପରିଚୟ ମିଳେ । କବିଙ୍କର ବିଭିନ୍ନ କାବ୍ୟ କବିତା ମଧ୍ୟରେ 'ଧୂପ', 'ହେମ-ଶସ୍ୟ', 'କୋଣାର୍କ', 'ବାପୁ-ତର୍ପଣ', 'ଅକ୍ଷତ', 'ମାଟି-ବାଣୀ', 'ସିନ୍ଧୁ ଓ ବିନ୍ଦୁ', 'ସେ ଦିନର କବିତା' ବିଶେଷ ଉଲ୍ଲେଖଯୋଗ୍ୟ ।

ଏହି କବିତାଟି କବିଙ୍କର 'ବାପୁ ତର୍ପଣ' କାବ୍ୟଗ୍ରନ୍ଥର ଅଂଶବିଶେଷ । ଏହି କବିତାରେ ଗାନ୍ଧିଜୀଙ୍କର ଦେଶ ଓ ଦେଶବାସୀଙ୍କ ପାଇଁ ତ୍ୟାଗ ଓ ଅହିଂସାର ମହିମା ବର୍ଣ୍ଣିତ ହୋଇଚି । କବିତାଟିରେ ଗାନ୍ଧିଜୀଙ୍କ ପ୍ରତି କବି ପ୍ରାଣର ଶ୍ରଦ୍ଧା ଓ ସମ୍ମାନ ସମର୍ପିତ ।

---

**ସ**ତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ,
ଅହରହ ସେ ଗୋ ଭାବୁଥାଏ ପରପାଇଁ ।
ଦୁଇ ହାତେ ଏକକରିଲା ସେ ଆଜି ବ୍ରାହ୍ମଣ, ପାରିଆ,
ନିଷ୍ପାପ ତା'ର ଶୋଣିତ-ବିନ୍ଦୁ, ଅହିଂସ ତା'ର ହିୟା ।
ଅଞ୍ଜଳି ଭରି ବିଷ ପାନକଲା, ଧରାର ଦଳିତ ପାଇଁ,
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।
କ୍ଷୀଣ ଜୀବ ସେତ, ଡରିଲା ନାହିଁ ସେ
କମାଣେ କି କଟୁଆଳେ,
ଶତ୍ରୁରେ ଦିଏ ନିଜ ସନ୍ଧାନ
ହସି ପଶେ କାରାଗାରେ ।

ନିଜ ତପେ କରେ ଶତ-ଶତ-ଯୁଗ
ଅନ୍ୟାୟ ଧରାଶାୟୀ,
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।
ଆସିଛି ସେ ଆଜି ହିଂସା, ରକ୍ତ,
କରୁଣାରେ ଦେବ ଧୋଇ,
ପର ପାଇଁ ଯେତେ ଜଞ୍ଜାଳ ନିଜ
ମସ୍ତକେ ନେବ ବୋହି ।
ପରର ମୁକ୍ତି ପାଇଁ ସନ୍ନ୍ୟାସୀ,
ସୁଖ ତା' ଜୀବନେ କାହିଁ ?
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।
ଦେବତା-ଆତ୍ମା ବହେ ସେ ତାହାର
କ୍ଷୀଣ ମାଟି ଅବୟବେ,
ପଦ୍ମ-ବିକାଶ ତେଣୁ ସିନା ତା'ର
ଚଲା-ପଥେ ସମ୍ଭବେ ?
ବୁଦ୍ଧ, ଖ୍ରୀଷ୍ଟ ଏକା ସେ କହିଲା
ପତିତଙ୍କୁ କଲା ଭାଇ,
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।
ଯେ ପଥେ ଯାଏ ସେ, ସେ ପଥେ କରଇ
କରୁଣା-କୁସୁମ ବୃଷ୍ଟି,
ବ୍ୟଭିଚାର, ପାପ, ଅନାଚାରୁଁ ସେ ଗୋ
କରେ ସତ୍ୟର ସୃଷ୍ଟି ।
ସମାଜରେ ନୂଆ କଳେବର ଦିଏ,
ତୁଳନା ତାହାର କାହିଁ ?
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।
ଶିଶୁ, ନର, ନାରୀ ପାଗଳ ତା' ପାଇଁ
କାରାଗାର ନେଲେ ବରି,
ରୁକ୍ଷ ପଥରେ, କରିଲେ ଯାତ୍ରା
ଖଦଡ଼ ପରିହରି ।

କମାଣେ ଭେଟିଲେ ବିଭୀଷିକା ଯାର
ଥିଲା କଟୁଆଳ ଛାଇ,
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।
ଯାହା ସେ କରଇ କରେ ନିବେଦନ
ଭଗବାନ- ପାଦତଳେ,
ମଥା ଖାଲି ନତ ହୋଇ ଆସେ ତା'ରେ
ଗଭୀର ନମସ୍କାରେ ।
ଧନ୍ୟ ତେଣୁ ଏ କବିର ଲେଖନୀ
ମହିମା ତାହାର ଗାଇ,
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।

**ସୂଚନା :**

| | | | | | |
|---|---|---|---|---|---|
| ଅହରହ | - | ଅନବରତ, ସବୁବେଳେ | କଟୁଆଳ | - | ପ୍ରହରୀ, ନଗର ରକ୍ଷୀ |
| ପାରିଆ | - | ପାରିକରୁଥିବା କୈବର୍ତ୍ତବର୍ଗର ବ୍ୟକ୍ତି | ବ୍ୟଭିଚାର | - | କଦାଚାର, ହୀନ ଆଚରଣ |
| ନିଷ୍ପାପ | - | ପାପଶୂନ୍ୟ | ଅନାଚାରୁଁ | - | ଅନୁଚିତ ଆଚରଣରୁ |
| ଶୋଣିତ | - | ରକ୍ତ | ପରିହରି | - | ପରିହିତକରି, ପିନ୍ଧି |
| ହିୟା | - | ହୃଦୟ | ବିଭୀଷିକା | - | ଭୀଷଣ ଭୟ ବା ଆତଙ୍କ |
| ଦଳିତ | - | ଅବହେଳିତ | ଅବୟବ | - | ଶରୀରର ଅଙ୍ଗପ୍ରତ୍ୟଙ୍ଗ |
| କ୍ଷୀଣ ଜୀବ | - | ଦୁର୍ବଳ ଜୀବ | ରୁକ୍ଷ | - | କଠୋର |

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଧରା, ଧରାଶାୟୀ, ପତିତ, ପରିହରି, ନତ

## ଅଭ୍ୟାସ

### ଆସ, କଥାବାର୍ତ୍ତା ହେବା :

୧. ସତ୍ୟର ପୂଜାରୀ କିଏ ?
୨. "ନିଷ୍ପାପ ତା'ର ଶୋଣିତ ବିନ୍ଦୁ, ଅହିଂସ ତାର ହିୟା'' - ଏହି ଉକ୍ତି କାହା ଉଦ୍ଦେଶ୍ୟରେ କୁହାଯାଇଛି ?
୩. ଦଳିତମାନଙ୍କର ଉଦ୍ଧାର ପାଇଁ ଗାନ୍ଧିଜୀ କ'ଣ କଲେ ?
୪. ଜୀବନ କ୍ଷୀଣ ହେଲେ ବି କାହାକୁ ଡରିଲେ ନାହିଁ ?

୫. ପର ପାଇଁ ବାପୁ କ'ଣ ସବୁ ନିଜେ ବୋହି ନେବା ପାଇଁ କହିଛନ୍ତି ?

୬. କରୁଣାରେ କ'ଣ ସବୁ ଧୋଇହୋଇଯିବ ?

୭. ସନ୍ନ୍ୟାସୀ କ'ଣ ପାଇଁ ଦୁଃଖ ବରଣକରେ ?

୮. ଚଲା ପଥରେ କ'ଣ ସୃଷ୍ଟି ହୁଏ ?

୯. ମଣିଷ ନିଜ କର୍ମ କାହା ପାଦତଳେ ସମର୍ପଣ କରେ ?

୧୦. ସମାଜର ପରିବର୍ତ୍ତନ ପାଇଁ ସାଧୁ କ'ଣ କରିପାରେ ?

୧୧. ଧରାର ଦଳିତ ପାଇଁ ସାଧୁ କ'ଣ କରିପାରେ ?

## ଆସ, ମନେପକାଇ ଦୁଇ ତିନି ଧାଡ଼ିରେ ଉତ୍ତର ଲେଖିବା :

୧୨. ଶିଶୁ, ନର, ନାରୀ କ'ଣ ପାଇଁ ପାଗଳ ?

୧୩. 'ରୁକ୍ଷ ପଥରେ କରିଲେ ଯାତ୍ରା' - କେଉଁ ଉଦ୍ଦେଶ୍ୟରେ କୁହାଯାଇଛି ?

୧୪. କବି ଧନ୍ୟ ହୁଏ କିପରି ?

୧୫. ସତ୍ୟଦର୍ଶୀ କାହାକୁ ଡରେନା - କାରଣ କ'ଣ ?

୧୬. ତପସ୍ୟା ବଳରେ ଗୁଣୀ ଲୋକ କାହାକୁ ଧରାଶାୟୀ କରେ ?

୧୭. ମହାତ୍ମାଗାନ୍ଧୀଙ୍କୁ କାହିଁକି ସନ୍ନ୍ୟାସୀ କୁହାଯାଇଛି ?

୧୮. 'କ୍ଷୀଣ ଜୀବ' ଅର୍ଥ ସହ ସାମଞ୍ଜସ୍ୟ ଥିବା ପଦଟିକୁ କବିତାରୁ ବାଛି ଲେଖିବା ।

୧୯. 'ଦଳିତ' ଶବ୍ଦ ପରି ଏହି ଅର୍ଥ ବୁଝାଉଥିବା ଅନ୍ୟ କେଉଁ ଶବ୍ଦ କବିତାରେ ବ୍ୟବହୃତ ହୋଇଛି, ତାହା ଲେଖିବା ।

୨୦. ଭିନ୍ନ ଶବ୍ଦଟିକୁ ବାଛି ଲେଖିବା ।

ବ୍ୟଭିଚାର, ଅନାଚାର, ଦୁରାଚାର, ଶିଷ୍ଟାଚାର ।

୨୧. ଶତ୍ରୁର ପ୍ରତିଶବ୍ଦଟିକୁ ଲେଖିବା ।

(କ) କରି (ଖ) ଅରି (ଗ) ଶିରି

୨୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖିବା ।

ଅହିଂସା, ନିଷ୍ପାପ, କରୁଣା, ଦେବତା, ବିଷ, ଶତ୍ରୁ ।

୨୩. ଧରାରେ ଶୟନ କରେ ଯେ ଏକପଦରେ ହୁଏ 'ଧରାଶାୟୀ'

ସେହିପରି ନିମ୍ନଲିଖିତଗୁଡ଼ିକ କ'ଣ ହେବ ତାହା ଲେଖିବା –

ଗୃହରେ ଅବସ୍ଥାନ କରେ ଯେ ____________

ଗ୍ରାମରେ ବାସ କରେ ଯେ ____________

ଦେଶକୁ ପ୍ରେମ କରେ ଯେ ____________

ମିଥ୍ୟା କୁହେ ଯେ ____________

୨୪. ନାହିଁ ପାପ ଯାହାର ସେ ନିଷ୍ପାପ,

ସେହିପରି କ'ଣ ହେବ ଲେଖିବା ।

ନାହିଁ ଦୟା ଯାହାର ____________

ନାହିଁ ଶଙ୍କା ଯାହାର ____________

ନାହିଁ ଅଭିମାନ ଯାହାର ____________

ନାହିଁ ବିକାର ଯାହାର ____________

୨୫. (କ) ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ଶବ୍ଦକୁ ଯୋଡ଼ି ନୂଆ ଶବ୍ଦଟିକୁ ଲେଖିବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ନର | ଝିଅ |
| ଭାଇ | ନାରୀ |
| ଦେବ | ଭଉଣୀ |
| ପୁଅ | ଦେବୀ |

୨୬. ଏହି କବିତାରେ ଥିବା ଦଶଟି ବିଶେଷ୍ୟପଦକୁ ବାଛି ଲେଖିବା ।

୨୭. ଏହି କବିତାରୁ ପାଞ୍ଚଟି କ୍ରିୟାପଦ ବାଛି ଲେଖିବା ଓ ତାକୁ ବାକ୍ୟରେ ବ୍ୟବହାର କରିବା ।

## ତୁମପାଇଁ କାମ :

୧. ଡ. ମାୟାଧର ମାନସିଂହଙ୍କ ଫଟୋ ସଂଗ୍ରହ କରିବା ।

୨. ଡ. ମାୟାଧର ମାନସିଂହଙ୍କର ଅନ୍ୟାନ୍ୟ କବିତା ସଂଗ୍ରହ କରି ପଢ଼ିବା ।

୩. ତୁମ ବିଦ୍ୟାଳୟରେ ଗାନ୍ଧୀଜୟନ୍ତୀ ଦିନ ମହାତ୍ମାଗାନ୍ଧୀଙ୍କ ବିଷୟରେ ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରି ସେଥିରେ ତୁମେମାନେ ଭାଗ ନିଅ ।

୪. ଗାନ୍ଧିଜୀଙ୍କର ଚିତ୍ର ଅଙ୍କନ କରି ସେଥିରେ ରଙ୍ଗଦେବା ।

୫. ଗାନ୍ଧିଜୀଙ୍କ ଜୀବନୀ ସଂଗ୍ରହ କରି ପଢ଼ିବା ।

❖❖❖

# ତୋ ଧୂଳି ମୁଠିଏ

L2Z07H

● ଅନନ୍ତ ପଟ୍ଟନାୟକ

**କବି ପରିଚୟ :**

କବି ଅନନ୍ତ ପଟ୍ଟନାୟକ (୧୯୧୦-୧୯୮୭) ଓଡ଼ିଆ ସାହିତ୍ୟର ପ୍ରଗତିବାଦୀ ଚିନ୍ତାଧାରାର ଜଣେ ବିଶିଷ୍ଟ କବି । 'ଶାନ୍ତି ଶିଖା', 'ତର୍ପଣ କରେ ଆଜି', 'ଅଲୋଡ଼ା ଲୋଡ଼ା', 'ଛାଇର ଛିଟା' ପ୍ରଭୃତି କବିତା ଗ୍ରନ୍ଥ କବିଙ୍କର ପ୍ରଧାନ କାବ୍ୟସୃଷ୍ଟି । ତାଙ୍କର କବି-ଦୃଷ୍ଟି ଅଧିକ ସମାଜ ସଚେତନ । ଶ୍ରେଣୀହୀନ ସମାଜ ପ୍ରତିଷ୍ଠା, ଅଶିକ୍ଷା, ଧର୍ମାନ୍ଧତା, ଅନ୍ଧବିଶ୍ୱାସ ଦୂରୀକରଣ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ ତାଙ୍କ ସାହିତ୍ୟର ଆଭିମୁଖ୍ୟ । ତାଙ୍କର ଅଧିକାଂଶ କବିତାରେ ନୂତନ ଯୁଗ ଓ ସମାଜ ଗଠନ ପାଇଁ ବୈପ୍ଳବିକ ଆହ୍ୱାନ ଦେଖିବାକୁ ମିଳେ । ମାନବବାଦୀ ଆବେଦନ ତାଙ୍କ କବିତାର ମୁଖ୍ୟ ସ୍ୱର । 'ଶିଶୁଲେଖା' ପତ୍ରିକା ସଂପାଦନା କରି ସେ ଓଡ଼ିଆ ଶିଶୁ ସାହିତ୍ୟକୁ ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଆଲୋଚ୍ୟ କବିତାଟି ମାତୃଭୂମିର ମହତ୍ତ୍ୱ ଉପରେ ଆଧାରିତ । ମାତୃଭୂମି ଜନନୀଠାରୁ ବଡ଼ । ନିଜର ସ୍ନେହ, ପ୍ରେମ, ବଳିଦାନ, ନିଃସ୍ୱାର୍ଥପରତା ଦ୍ୱାରା କିପରି ମାତୃଭୂମିର ଗୌରବ ଓ ଗାରିମା ବୃଦ୍ଧି ପାଏ ତାହା ଏଥିରେ ବର୍ଣ୍ଣିତ ।

---

**କ୍ଷୀ**ର ସରି ଯା'ର ନୀର ମୁଁ ପିଏ ଲୋ,
ଛାତିରେ ଯାହାର କରେ ମୁଁ ଖେଳା,
ମଥା ଟେକି ଯା'ର ଆକାଶ ତଳେ ଲୋ
ସଖାସାଥୀ ମେଳେ ବିତାଏ ବେଳା ।

ପବନେ ଯାହାର ଜିଇଁଛି ମୁହିଁ ଲୋ,
ଯାହାର ଆଲୁଏ ଖୋଲେ ମୁଁ ଆଖି,
କାନନୁ କାନନେ କୁସୁମ ଯା'ର ଲୋ
ଦିଏ ମୋ ଆନନେ ପରାଗ ମାଖି ।

ଅସରା ରସ ଯା' ସୁନେଲି ଧାନର
ଏଇ ମୋ ଶିରାରେ ରକତ-ଧାରା ।
ବଣ-ପରବତ- ଖଣିର ଧନେ ଯା'
ମୋ ହାତ ଶମାଏ ଦୁଃଖର ଭାରା ।

ସେଇ ତୁ ମାଆ ଲୋ ଜନମ ଭୂଇଁ ମୋ !
ତୋହୋଠାରୁ ବଳି କିଏ ସେ ବଡ଼ ?
ନୋହୁ ତୁ ତ ଖାଲି ବାଲୁକା ପୋଷେ ଲୋ
ନଈ, ନାଳ, ମାଟି, ପାଷାଣ, ଜଡ଼ ।

ମାଆ ଚାଲିଯାଏ ସରଗେ କାହିଁ ମୋ
ତୁହି ଧରିଥାଉ କୋଳରେ ମତେ ।
ତୋହ ପାଇଁ ଯୁଝି ପାଇକ ବୀର ଲୋ
ତୋତେ ନେଇ ବୁଲେ କୀରତି-ରଥେ ।

ହାତରୁ ହାତକୁ ସୁନା ରୁପା ଯାଏ
ଯାଏ କେତେ ଧନ ନିମିଷେ ଉଡ଼ି,
ଆଜିର ହସ ତ ପାସୋର କାଲିକି
ଅଇଲା ତ ଯାଏ ଗଲାରେ ବୁଡ଼ି ।

ତୁହି ରହିଥାଉ ଜନମଭୂଇଁ ଲୋ
ଯୁଗେ ଯୁଗେ ଶୋହି ସବୁଜ ମୁଖେ,
ନାଚିକୁଦି କେତେ ଯାଏ କେ ଆସି ଲୋ
ସେନେହ-ଉଛୁଳା ତୋହରି ବୁକେ ।

କେତେ ରାଜଗାଦି ମିଶଇ ଧୂଳିରେ,
କେତେ ତରବାରୀ ଭାଜଇ କାହିଁ,
ତୁଷାର-ମଉଳି ହିମାଳୟ ତୋର
ଶିବସମ ସିନା ରହେ ଲୋ ଚାହିଁ !

ତୋ ପୁଅଝିଅର          ଝାଳରେ ଗଢ଼ା ଲୋ
କଳକାରଖାନା ଗାଏ କି ଗାନ;
ନୂଆନୂଆ ଚିଜ          ତିଆରି ନିତି ଲୋ
ଉଲୁସାଏ ସୁଖେ ନିଖିଳ ପ୍ରାଣ !

ତୋହ ଲାଗି ଆଜି          ଶପଥ ଘେନୁଚି,
ତୋହରି ସେବାରେ ରଖିବି ମତି,
ସାଇତି ହୃଦେ ତୋ          ସେନେହ ମମତା
ଜୀବନ-ପଥରେ ରଚିବି ଗତି ।

ଆସେ ଯଦି କେବେ          ଅରାତି ବିଦେଶୁଁ
ଆଣେ ଲୋ ଯାତନା ତୋ ଲାଗି ଥରେ,
ଶପଥ କରୁଚି          ରୁଧିର ଦେଇ ମୋ
ରଖିବି ତୋତେ ମୁଁ ଜିଏଁ ବା ମରେ ।

ତୋହରି ପତାକା          ପଣତ ତୋର ଲୋ
ଉଡାଇ ନାଚିବି ପୁଲକେ ମାତି;
ତାହାରି ଛାଇରେ          ରହିବି ସୁଖେ ମୁଁ
ତୋହରି ଯଶରେ ଫୁଲାଇ ଛାତି !

ତୋ ଧୂଳି ମୁଠିଏ          କପାଳେ ବୋଳି ମୋ
ହେବି ମୁଁ ଧରାରେ ହୃଦୟଜୟୀ !
ମାଆଠାରୁ ବଳି          ମାଆ ତୁ ମୋର ଲୋ
ଶାନ୍ତି-ପୀରତି-ମମତାମୟୀ !

**ସୂଚନା :**

| | | | | | |
|---|---|---|---|---|---|
| ସରି | - | ସମତୁଲ୍ୟ, ପରି, ସଦୃଶ | ରୁଧିର | - | ରକ୍ତ |
| ନୀର | - | ଜଳ, ପାଣି | ପ୍ରୀତି | - | ମମତା |
| ମଥା | - | ଶିର | ସରଗେ | - | ସ୍ୱର୍ଗରେ |
| ବିତାଏ | - | କଟାଏ | ଯୁଝି | - | ଝଟି, ସଂଗ୍ରାମ କରି |
| ବେଳା | - | ସମୟ | ନିମିଷେ | - | ପଲକ ମାତ୍ରେ |
| ଜିଇଁଚି | - | ବଞ୍ଚିଛି | ଶୋହି | - | ଶୋଭା ପାଇ |
| କାନନ | - | ଜଙ୍ଗଲ | ବୁକୁ | - | ଛାତି |
| କୁସୁମ | - | ଫୁଲ | ତୁଷାର | - | ବରଫ |
| ଆନନେ | - | ମୁଖରେ | ଚିଜ | - | ପଦାର୍ଥ |
| ସୁନେଲି | - | ସୁନାରଙ୍ଗର | ନିତି | - | ପ୍ରତିଦିନ |
| ଶମାଏ | - | ସମ୍ଭାଳେ, ସ୍ଥିର କରେ | ଉଲୁସାଏ | - | ଆନନ୍ଦିତ କରେ |
| ପୋଷେ | - | ପାପୁଲିଏ, ହାତଚକିରେ ଟିକିଏ | ଗତି | - | ଯାତ୍ରା |
| ମତି | - | ମନ, ବୁଦ୍ଧି | ଯାତନା | - | କଷ୍ଟ |
| ଶପଥ | - | ସଂକଳ୍ପ | ପଣତ | - | ଲୁଗା କାନି |
| ରଚିବି | - | ସୃଷ୍ଟି କରିବି | କପାଳ | - | ଲଲାଟ |
| ପରାଗ | - | ଫୁଲର କେଶର | ତୁଷାର-ମଉଳି | - | ବରଫରେ ଆବୃତ ହୋଇଥିବା ପର୍ବତର ଶୀର୍ଷ ଭାଗ |
| ଅରାତି | - | ଶତ୍ରୁ | | | |

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଅସରା, ରଚିବି, ପୁଲକେ

## ଅଭ୍ୟାସ

**ଆସ, କଥାବାର୍ତ୍ତା ହେବା :**

୧. ଆମେ କ୍ଷୀର ଭଳି କାହାର ନୀର ପିଉ ?

୨. ମଥା ଟେକି ଆକାଶ ତଳେ କାହା ସହିତ ଆମେ ସମୟ କଟାଉ ?

୩. କାହାର ପବନରେ ଆମେ ବଞ୍ଚିଚେ ?

୪. କବି କାହାକୁ କେବଳ ବାଲୁକା ପୋଷେ ନୁହଁ ବୋଲି କହିଛନ୍ତି ?

୫. କାହା କୋଳରେ ଆମେ ମଥା ରଖିଥାଉ ?

୬. କ'ଣ ନିମିଷ ମାତ୍ରକେ ଉଡ଼ିଯାଏ ?

୭. କେଉଁମାନେ ଜନ୍ମଭୂମି ପାଇଁ ଲଢ଼େଇ କରି ନିଜର କୀର୍ତ୍ତି ଅର୍ଜନ କରିଛନ୍ତି ?

୮. କିଏ ଶିବ ସମ ଚାହିଁ ରହିଥାଏ ?

୯. କାହାର ପରିଶ୍ରମରେ କଳକାରଖାନା ଗଢ଼ାହୋଇଛି ?

୧୦. କ'ଣ ଆମ ମନରେ ଆନନ୍ଦ ଖେଳାଇ ଦେଇଥାଏ ?

**ଆସ, ମନେ ପକାଇ ଦୁଇ ଧାଡ଼ିରେ ଉତ୍ତର ଲେଖିବା :**

୧୧. କିପରି ଆମେ ମାତୃଭୂମିର ସେବା କରିବା ?

୧୨. ମାତୃଭୂମିର କ'ଣ କ'ଣ ଆମ ହୃଦୟରେ ସାଇତି ରଖି ଜୀବନ ପଥରେ ଆଗେଇ ଯିବା ?

୧୩. ମାତୃଭୂମିକୁ ଆମେ କିପରି ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ?

୧୪. କ'ଣ କପାଳରେ ବୋଳିହେବା ପାଇଁ କବି କହିଛନ୍ତି ?

୧୫. 'ଶାନ୍ତି-ପୀରତି-ମମତାମୟୀ' ବୋଲି କବି କାହାକୁ କହିଛନ୍ତି ?

୧୬. ମା' କ୍ଷୀର ମାତୃଭୂମିର କାହା ସହ ସମାନ ?

୧୭. ମୋ ମୁହଁରେ କିଏ ପରାଗ ମାଖି ଦିଏ ?

୧୮. ନିଜ ମା' ଚାଲିଗଲେ କିଏ ଆମକୁ କୋଳରେ ଧରେ ?

୧୯. କବିତାଟିରେ କବି କାହା ବିଷୟରେ ବର୍ଣ୍ଣନା କରିଛନ୍ତି ?

୨୦. କବିଙ୍କ ଶିରାରେ କ'ଣ ରକ୍ତ ଧାର ହୋଇ ବହୁଛି ?

୨୧. କବିତାକୁ ମନେପକାଇ ନିମ୍ନଲିଖିତ ଶୂନ୍ୟସ୍ଥାନକୁ ପୂରଣ କରିବା ।

(କ) ମାତୃଭୂମି ପାଇଁ __________ ଦେବି

(ଖ) ମାତୃଭୂମି ପାଇଁ __________ ରଖିବି

୨୨. ନିମ୍ନ ପଦଗୁଡିକର ଗଦ୍ୟ ରୂପକୁ ଲେଖିବା ।

(କ) ସରଗେ (ଖ) କୀରତି (ଗ) ସେନେହେ (ଘ) ଉଲୁସାଏ

୨୩. 'ନାଚିକୁଦି' ପରି ଆଉ କେଉଁ ଶବ୍ଦ କବିତାରେ ବ୍ୟବହାର କରାଯାଇଛି, ତାହା ବାଛି ଲେଖିବା ।

୨୪. ନିମ୍ନ ପଦଗୁଡିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖିବା ଓ ତାକୁ ବାକ୍ୟରେ ବ୍ୟବହାର କରିବା ।

(କ) ମରେ (ଖ) ଯାତନା (ଗ) ଯଶ

୨୫. 'ସେନେହ' ଶବ୍ଦର ଏକାର୍ଥବୋଧକ କେଉଁକେଉଁ ଶବ୍ଦ ବ୍ୟବହାର କରାଯାଇଛି, ତାହାକୁ କବିତାରୁ ବାଛି ଲେଖିବା ।

୨୬. କ୍ଷୀର, ନୀର ଭଳି ଆଉ ପାଞ୍ଚଟି ବିଶେଷ୍ୟ ପଦ ଲେଖିବା ।

୨୭. କୀରତି ରଥେ, ସୁନେଲି ଧାନ ଭଳି ଆଉ ପାଞ୍ଚଗୋଟି ବିଶେଷଣ ପଦ ଲାଗିଥିବା ବିଶେଷ୍ୟ ପଦ ଲେଖିବା ।

୨୮. ନୀର, ଆକାଶ, ପବନ, ରୁଧିର, କାନନ, ଏହି ପଦଗୁଡ଼ିକ ତିନୋଟି ଲେଖାଏଁ ପ୍ରତିଶବ୍ଦ ଲେଖିବା ।

୨୯. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ଶବ୍ଦକୁ ମିଳନ କରି ଲେଖିବା ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ମତି | ଯୁଝିବି |
| ଗତି | ରହିବି |
| ମାତି | ରଖିବି |
| ରୁଧିର | ଦେବି |
| ସୁଖେ | ରଖିବ |
| ତୋ ପାଇଁ | ନାଚିବି |

## ତୁମପାଇଁ କାମ :

୧. କବି ଅନନ୍ତ ପଟ୍ଟନାୟକଙ୍କର ଫଟୋ ସଂଗ୍ରହ କରି ଶ୍ରେଣୀରେ ଟାଙ୍ଗିବା ।

୨. କବି ଅନନ୍ତ ପଟ୍ଟନାୟକଙ୍କର ଅନ୍ୟାନ୍ୟ କାବ୍ୟକବିତା ସଂଗ୍ରହ କରି ପଢ଼ିବା ।

୩. ଦେଶାତ୍ମବୋଧକ କବିତା ଲେଖିଥିବା କବିମାନଙ୍କର କବିତା ସଂଗ୍ରହ କରି ପଢ଼ିବା ।

୪. ସାଙ୍ଗ ନିକଟକୁ 'ମାତୃଭୂମିର ମହତ୍ତ୍ୱ' ସଂପର୍କରେ ବର୍ଣ୍ଣନା କରି ପତ୍ରଟିଏ ଲେଖିବା ।

❖❖❖

L3999J

# ଶୁଆ ଓ ଦେବଦୂତ

● ରାଧାମୋହନ ଗଡ଼ନାୟକ

## କବି ପରିଚୟ :

ରାଧାମୋହନ ଗଡ଼ନାୟକ (୧୯୧୧-୨୦୦୦)ଙ୍କ ଜନ୍ମସ୍ଥାନ- କଲଣ୍ଡାପାଳ, ଅନୁଗୁଳ । ସେ ଥିଲେ ଓଡ଼ିଶାର ଜଣେ ଲବ୍‌ଧପ୍ରତିଷ୍ଠ ଛାନ୍ଦସିକ କବି । ତାଙ୍କ ପୁସ୍ତକ ମଧ୍ୟରେ 'କାବ୍ୟ ନାୟିକା', 'ଉତ୍କଳିକା', 'ପଶୁପକ୍ଷୀର କାବ୍ୟ', 'ଶାମୁକାର ସ୍ୱପ୍ନ', 'କୈଶୋରିକା', 'ସୂର୍ଯ୍ୟ ଓ ଅନ୍ଧକାର' ଆଦି ପ୍ରଧାନ । ପଠିତ କବିତାଟି କବିଙ୍କର 'ପଶୁପକ୍ଷୀର କାବ୍ୟ' କବିତା ସଂକଳନରୁ ସଂଗୃହୀତ । ଏଥିରେ ପରିବେଶ ସଚେତନତା ଓ ସମ୍ବେଦନଶୀଳତା ପ୍ରକାଶିତ ।

---

(୧)

**କା**ଶୀ ରାଜ୍ୟର ସାନ୍ଦ୍ର ଗହନ ବନଭାଗେ
ଶାଳ ତରୁଟିରେ ଶୁଆଟିଏ ରହି ଅନୁରାଗେ
ଶାନ୍ତିର ଧନ
ସୁଖର ସପନ
ନିତି ଦେଖୁଥିଲା ଆଖି ଆଗେ ।

(୨)

ଦିନକର ତହିଁ ଲୁବ୍‌ଧକ କରେ ଧନୁ ଧରି
ପଳାୟିତ ଏକ ତ୍ରସ୍ତ ହରିଣ ଅନୁସରି
ବିଷ-ଜର୍ଜର
ଖର ଏକ ଶର
ଛାଡ଼ିଦେଲା କାଳ ନାଗ ପରି ।

(୩)

ଲକ୍ଷ୍ୟ ହରାଇ ଶରଟି ଇଆଡ଼େ ଲାଖି ଯାଉଁ
ବିଷର ଦହନେ ମରିଗଲା ତରୁ ଚାହୁଁ ଚାହୁଁ,
ଲିଭିଗଲା ତାର
ଶିରୀସମ୍ଭାର,
ଶୁଖିଗଲା ତାର ସବୁ ବାହୁ ।

(୪)

ଦୁଃଖେ ଶୁଆଟି ଛୁଇଁଲାନି ଆଉ ପାନାହାର
କାତର କୂଜନେ ଢାଳିଲା ବୁକୁର ହାହାକାର,
ଡାଳରୁ ମୂଳକୁ
ମୂଳରୁ ଡାଳକୁ
ଘୂରି ହେଲା ଖାଲି ବାରବାର ।

(୫)

ଆଉ ଦିନକର ପାନ୍ଥ ସେ ଏକ ପରବାସୀ
ପଥେ ଯାଉଁ ଯାଉଁ ଛିଡ଼ା ହୋଇଗଲେ ତହିଁ ଆସି;
"ଅବୋଧ ଶୁଆ ରେ
ଶୂନ୍ୟ ଦୁଆରେ,
କହ ତୁହି କେଉଁ ସୁଖଆଶୀ ?

(୬)

ଶୁଷ୍କ ହେଲାଣି ପ୍ରିୟତମ ତୋର ଏଇ ଶାଳ,
ପତ୍ରବିହୀନ ହେଲାଣି ରେ ପୁଣି ସବୁ ଡାଳ,
ଚାଲି ଯାଉ ନାହୁଁ,
କି ଭାବୁଚୁ ଆଉ ?
ଶକ୍ତି ନାହିଁ କି ଉଡ଼ିବାର ?''

(୭)

"ଉଡ଼ିଯିବା ପାଇଁ ଶକ୍ତି ଅଛି ମୋ ପକ୍ଷରେ
କାହିଁ ଉଡ଼ିଯିବି ଜୀବନର କେଉଁ ଲକ୍ଷ୍ୟରେ ?
ମୋର ଏଇ ବାସ
ହେଲା ଯେବେ ନାଶ
କହ ଯିବି କେଉଁ କକ୍ଷରେ ?

(୮)

ବିପଦ ପଡ଼ିଲା ବୋଲି ଆଜି ଏଇ ତରୁବାସେ
କେଉଁପରି ଆଜି ଉଡ଼ିଯିବି ଭଲା କେଉଁ ଆଶେ ?
ଆନ ପୁର ପାଇଁ
ହେବି କି ଆଶାୟୀ ?
ଗଲେ ଯାଉ ପ୍ରାଣ ଉପବାସେ ।''

(୯)

ରୂପ ବଦଳାଇ ପାନ୍ଥ କହେ, "ମୁଁ ଦେବଦୂତ,
ଅଭିଭୂତ ଆଜି ଦେଖି ତୋର ଭାବ ଅଦଭୁତ ।
ତୋର ଏ ତରୁରେ
ଦଗ୍‌ଧ ମରୁରେ
ସିଞ୍ଚି ଦେଉଚି ଅମୃତ ।''

(୧୦)

ଜୀବନ ପାଇଲା ଶାଳତରୁ ପୁଣି ପଲକରେ
ପତ୍ର-କୁସୁମ-ଫଳେ ମଣ୍ଡିତ ପୁଲକରେ
ଶୁଆଟି ଦେଖିଲା
ଅଦ୍‌ଭୁତ ଲୀଳା
ପୁଣ୍ୟଫଳର ଝଲକରେ ।

**ସୂଚନା :**

ସାନ୍ଦ୍ର – ନିବିଡ଼, ଘଞ୍ଚ
ଅନୁରାଗେ – ସ୍ନେହରେ

| | | | | | |
|---|---|---|---|---|---|
| ଶିରୀ | - | ଶୋଭା, ସୌନ୍ଦର୍ଯ୍ୟ | ପାନାହାର | - | ପାନ ଓ ଆହାର |
| ଅନୁସରି | - | ଅନୁସରଣ କରି | କୂଜନେ | - | ପକ୍ଷୀ ରାବରେ |
| ଦିନକର | - | ଦିନେ | ହୃଦୟର | - | ହୃଦୟର |
| କରେ | - | ହାତରେ | ପାନ୍ଥ | - | ପଥିକ |
| ପଳାୟିତ | - | ପଳାଇ ଯାଉଥିବା | ପରବାସୀ | - | ବିଦେଶୀ |
| ତ୍ରସ୍ତ | - | ଭୀତ | ଆଶୀ | - | ଆଶାୟୀ |
| ଖର | - | ଶୀଘ୍ର | ବାସ | - | ଘର |
| ଦହନେ | - | ଜ୍ୱାଳାରେ | ଅଭିଭୂତ | - | ଭାବାବିଷ୍ଟ, ବିହ୍ୱଳ |
| ତରୁ | - | ଗଛ | ପୁଲକରେ | - | ଆନନ୍ଦରେ |

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଲୁବ୍‌ଧକ, ଶିରୀସମ୍ଭାର, ଅବୋଧ, ଦଗ୍‌ଧ, ପଳକ

### ଅଭ୍ୟାସ

**ଆସ, କଥାବାର୍ତ୍ତା ହେବା :**

୧. ଶୁଆଟି କେଉଁଠାରେ ବାସକରୁଥିଲା ?

୨. ଶୁଆଟି କେଉଁ ସ୍ୱପ୍ନରେ ବିଭୋର ଥିଲା ?

୩. ବ୍ୟାଧ କାହା ପଛରେ ଗୋଡ଼ାଉ ଥିଲା ?

୪. ବିଷ ଜ୍ୱାଳାରେ ବୃକ୍ଷଟିର କ'ଣ ହେଲା ?

୫. ଶୁଆ ପଥିକକୁ କି ଉତ୍ତର ଦେଲା ?

୬. ପଥିକ ଜଣକ ଶୁଆକୁ କ'ଣ କହିଲେ ?

୭. ପାନ୍ଥ ଶୁଆର କଥାଶୁଣି କ'ଣ କଲା ?

୮. ବୃକ୍ଷଟି ତାର ପୂର୍ବ ରୂପ କିପରି ଫେରି ପାଇଲା ?

୯. "ପୁଣ୍ୟଫଳର ଝଲକରେ'' - କବି ଏପରି କହିବାର କାରଣ କ'ଣ ?

୧୦. ବୃକ୍ଷଟିର ସୌନ୍ଦର୍ଯ୍ୟ ତୁଟିଗଲା କାହିଁକି ?

୧୧. କବି ଶରକୁ କାଳନାଗ ସହିତ ତୁଳନା କରିଛନ୍ତି କାହିଁକି ?

୧୨. ଶୁଆଟି ଦୁଃଖ କଲା କାହିଁକି ?

୧୩. ଶୁଆ ବୃକ୍ଷଟିକୁ ଛାଡ଼ି ଚାଲିଯିବାକୁ ଚାହୁଁନଥିଲା କାହିଁକି ?

୧୪. "ଗଲେ ଯାଉ ପ୍ରାଣ ଉପବାସେ" - ଏହି ଉକ୍ତିରେ ଶୁଆ ମନର କେଉଁ ଭାବ ପ୍ରକାଶ ପାଉଛି ?

୧୫. ଶୁଆଟି କାହିଁକି ନିଜର ପାନାହାର ତ୍ୟାଗ କରିଦେଲା ?

୧୬. "ଅବୋଧ ଶୁଆରେ, ଶୂନ୍ୟ ଦୁଆରେ
କହ ତୁହି କେଉଁ ସୁଖଆଶୀ ?"
ଏହା କବିତାର କେଉଁ ପ୍ରସଙ୍ଗରେ କୁହାଯାଇଛି, ମନେ ପକାଇ ଲେଖିବା ।

## ଆସ, ମନେପକାଇ ଦୁଇ ଧାଡ଼ିରେ ଉତ୍ତର ଲେଖିବା :

୧୭. ନିମ୍ନୋକ୍ତ ଶବ୍ଦମାନଙ୍କ ମଧ୍ୟରୁ 'ବୃକ୍ଷ'ର ପ୍ରତିଶବ୍ଦକୁ ଚିହ୍ନଟ କରିବା ।

(କ) ତନୁ (ଖ) ବଟ (ଗ) ତରୁ

୧୮. ନିମ୍ନଲିଖିତ ଶବ୍ଦର ଅର୍ଥ ଅଭିଧାନରୁ ଖୋଜି ବାହାର କରିବା ।

ଲୁବ୍ଧକ, ତ୍ରସ୍ତ, ସାନ୍ଦ୍ର

୧୯. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ନେଇ ଗୋଟିଏ ଗୋଟିଏ ସାର୍ଥକ ବାକ୍ୟ ଗଢ଼ ।

ପ୍ରବାସୀ, ପ୍ରବାସ, ଆଶା, ଆଶୀ, ପନ୍ଥା

୨୦. ନିମ୍ନଲିଖିତ ଶବ୍ଦମାନଙ୍କର ଗଦ୍ୟ ରୂପକୁ ଲେଖିବା ।

ଶିରୀ, ପରବାସୀ, ଅଦଭୁତ

୨୧. ନିମ୍ନଲିଖିତ ବିଶେଷ୍ୟକୁ ବିଶେଷଣରେ ଓ ବିଶେଷଣକୁ ବିଶେଷ୍ୟରେ ପରିବର୍ତ୍ତନ କରିବା ।

ପୁଲକ, ବିଷ, ଶାନ୍ତ, କୁଳ

୨୨. ପ୍ରବାସରେ ଯିଏ ରହେ ତାକୁ 'ପ୍ରବାସୀ' କୁହାଯାଏ । ସେହିପରି ନିମ୍ନୋକ୍ତ ପ୍ରସଙ୍ଗ କ'ଣ ହେବ, ଲେଖିବା ।

ବିଦେଶରେ ରହେ ଯେ ___________

ନିଜ ଦେଶରେ ରହେ ଯେ ___________

ବନରେ ରହେ ଯେ ___________

ଗ୍ରାମରେ ରହେ ଯେ ___________

୨୩. 'ସୁଖର ସପନ' ଭଳି ଆଉ କେଉଁ ଶବ୍ଦ ଏହି କବିତାରେ ବ୍ୟବହୃତ ହୋଇଛି, ସେଗୁଡ଼ିକୁ ବାଛି ଲେଖିବା ।

୨୪. ଦେବଦୂତ ବୃକ୍ଷଟିକୁ ଜୀବନ୍ୟାସ ଦେବାର କାରଣ କ'ଣ ହୋଇପାରେ, ତାହାର ଉତ୍ତର ନିମ୍ନରୁ ବାଛି ଲେଖିବା ।

(କ) ବୃକ୍ଷର ଉପସ୍ଥିତି ଆବଶ୍ୟକ ଥିଲା ।

(ଖ) ଶୁଆର ନିଷ୍କାପଟ ଭଲପାଇବାରେ ସନ୍ତୁଷ୍ଟ ହେଲେ ।

(ଗ) ଶୁଆର ବସା ଭାଙ୍ଗି ଯାଇଥିଲା ।

୨୫. ପାନ୍ଥ ଜଣକ ପ୍ରକୃତରେ କିଏ ଥିଲେ, ତାହା ତଳ ଉତ୍ତରରୁ ବାହାରକରି କହିବା ।

(କ) ଦେବଦୂତ

(ଖ) ବ୍ୟାଧ

(ଗ) କାଶୀର ରାଜା

୨୬. କବିତାନୁସାରେ ଉଦ୍ଧୃତ ପାଦଗୁଡ଼ିକର ଶୂନ୍ୟସ୍ଥାନ ପୂରଣ କରିବା ଓ ତାକୁ ଆବୃତ୍ତି କରିବା ।

'ଉଡ଼ି ଯିବା ପାଇଁ ଶକ୍ତି ଅଛି ମୋ ପକ୍ଷରେ

କାହିଁ ଉଡ଼ିଯିବି ଜୀବନର ___________

ମୋର ଏଇ ବାସ

ହେଲା ଯେବେ ନାଶ

କହ ଯିବି ___________ ?

## ତୁମପାଇଁ କାମ :

୧. ଏହି କବିତାଟିକୁ ନାଟ୍ୟରୂପର ଅଭିନୟ କରିବା ପାଇଁ ସଂଳାପ ପ୍ରସ୍ତୁତ କରିବା ଓ ଶ୍ରେଣୀ ଗୃହରେ ଅଭିନୟ କରିବା ।

୨. କବି ରାଧାମୋହନ ଗଡ଼ନାୟକଙ୍କର ଅନ୍ୟାନ୍ୟ କବିତା ସଂଗ୍ରହକରି ପଢ଼ିବା ।

୩. ନିଜ ମନରୁ ଏହିପରି ଗୋଟିଏ କବିତା ଲେଖିବାକୁ ଚେଷ୍ଟାକରିବା ।

❖❖❖

# ଛୋଟରେ ବଡ଼

L3I5B7

● ବିଦ୍ୟୁତପ୍ରଭା ଦେବୀ

**କବି ପରିଚୟ :**

ବିଦ୍ୟୁତପ୍ରଭା ଦେବୀ ( ୧୯୨୯-୧୯୭୮ ) ଆଧୁନିକ ନାରୀ କବି ଭାବେ ସ୍ୱନାମଧନ୍ୟା । କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ନିକଟବର୍ତ୍ତୀ ନାଟରା ଗ୍ରାମରେ ଜନ୍ମ । ତାଙ୍କର ରଚନାବଳୀ ମଧ୍ୟରେ 'ମରୀଚିକା', 'ବିହାୟସୀ', 'ବଚନିକା', 'ସ୍ୱର୍ଣ୍ଣଦୀପ', 'ମାଟି ପାଣି ପବନ', 'ଯାହାକୁ ଯିଏ' ପ୍ରଭୃତି ପ୍ରଧାନ । ଏହି କବିତାରେ କବି ପ୍ରତ୍ୟେକ ଛୋଟ ଜୀବ, ଛୋଟ ବସ୍ତୁ ଭିତରେ ମହାନ ଗୁଣ ଲୁଚି ରହିଛି ବୋଲି ପ୍ରକାଶ କରିଛନ୍ତି ।

---

**ଛୋ**ଟଛୋଟ ଫୁଲ ଛୋଟଛୋଟ ଶ୍ୟାମ ଘାସ,
ଟିକି ଓଠ ଧାରେ ନାଲି ଗୁଲୁଗୁଲୁ ହାସ ।

ଛୋଟ ତରାଟିର ମିଟିମିଟି ଆଖି ଠାର,
ଓଦା ଆଖି ତଳେ ସରୁସରୁ ଲୁହ ଗାର ।

ଛୋଟ ପ୍ରଦୀପର ସ୍ନିଗ୍ଧ ସ୍ତିମିତ ଜ୍ୟୋତି,
କଅଁଳ କୁସୁମେ ଛୋଟ ହିମକଣା ମୋତି ।

ପ୍ରଜାପତି ଦେହେ ଟୋପିଟୋପି ଛୋଟ ଚିତା,
ଛୋଟ ଧୂଳିକଣା ଛୋଟିଆ ବରଷା ଛିଟା ।

ଆଖି କହେ ଯାକୁ ସୃଷ୍ଟିରେ ଅତି ସାନ,
ମନ ପାଏ ତହିଁ ବିରାଟର ସନ୍ଧାନ ।

**ସୂଚନା :**

| | | | | | |
|---|---|---|---|---|---|
| ଶ୍ୟାମ | - | ଶାଗୁଆ, ସବୁଜ | କୁସୁମ | - | ଫୁଲ |
| ସ୍ନିଗ୍ଧ | - | ଚିକ୍କଣ, କୋମଳ | ହିମକଣା | - | କାକରବିନ୍ଦୁ |
| ସ୍ତିମିତ | - | ମିଞ୍ଜି ମିଞ୍ଜି ଜଳୁଥିବା, କ୍ଷୀଣ | ମୋତି | - | ମୂଲ୍ୟବାନ ରତ୍ନବିଶେଷ |
| ଜ୍ୟୋତି | - | ଆଲୋକ, କିରଣ | | | |

### ଆସ ଜାଣିବା କେତୋଟି ନୂଆ ଶବ୍ଦ

ଗୁଲୁଗୁଲୁ, ହାସ

## ଅଭ୍ୟାସ

### ଆସ, କଥାବାର୍ତ୍ତା ହେବା :

୧. 'ଟିକି ଓଠ ଧାରେ ନାଲି ଗୁଲୁଗୁଲୁ ହାସ' - କବି ଏଠାରେ କାହାର ହସ ବିଷୟରେ କହିଛନ୍ତି ?

୨. ତାରାଗୁଡ଼ିକ ଆକାଶରେ କିପରି ଦେଖାଯାଆନ୍ତି ?

୩. 'ଓଦା ଆଖି ତଳେ' କହିଲେ କ'ଣ ବୁଝୁଛ ?

୪. ହିମକଣାକୁ କବି କାହା ସହିତ ତୁଳନା କରିଛନ୍ତି ?

୫. କବି କାହା ପାଖରେ ବିରାଟର ସନ୍ଧାନ ପାଇଛନ୍ତି ?

୬. 'ଛୋଟରେ ବଡ଼' କବିତାରେ କବି କ'ଣ କହିଛନ୍ତି ?

୭. ଆକାଶର ଛୋଟ ଛୋଟ ତାରାକୁ କିଭଳି ଭାବରେ ଗ୍ରହଣ କରାଯାଇଛି ?

୮. ଛୋଟ ତାରାଟି କ'ଣ କରୁଛି ?

୯. ଶିଶିରବିନ୍ଦୁ କାହା ଦେହରେ ମୋତି ଭଳି ଦେଖାଯାଉଛି ?

### ଆସ, ମନେପକାଇ ଦୁଇ ଧାଡ଼ିରେ ଉତ୍ତର ଲେଖିବା :

୧୦. ଛୋଟଛୋଟ ପ୍ରଦୀପ କିପରି ଆଲୋକିତ କରିଥାଏ ?

୧୧. ପ୍ରଜାପତି ଡେଣାର ରଙ୍ଗବେରଙ୍ଗ ଚିତ୍ରକୁ କବି କିପରି ବର୍ଣ୍ଣନା କରିଛନ୍ତି ?

୧୨. ଛୋଟ ଫୁଲରେ କବି କିପରି ବିରାଟର ସନ୍ଧାନ ପାଇଛନ୍ତି ?

୧୩. ଘାସର ବର୍ଣ୍ଣ କିପରି ?

୧୪. ପଠିତ କବିତାରୁ ପଦଟିକୁ ମନେ ପକାଇ ଶୂନ୍ୟସ୍ଥାନ ପୂରଣ କରିବା ।

ଆଖି କହେ ଯାକୁ ସୃଷ୍ଟିରେ ଅତି ସାନ,

ମନ ପାଏ ତହିଁ ____________ ।

୧୫. ଛୋଟଛୋଟ, ଗୁଲୁଗୁଲୁ ଭଳି କବିତାରେ ବ୍ୟବହାର ହୋଇଥିବା ଅନ୍ୟ ଶବ୍ଦଗୁଡ଼ିକୁ ବାଛି ଲେଖିବା ।

୧୬. ଫୁଲ, ଆଖି – ଏହି ଶବ୍ଦର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖିବା ।

୧୭. ସନ୍ଧାନ ଓ ବିରାଟକୁ ବ୍ୟବହାର କରି ଗୋଟିଏ ଲେଖାଏଁ ବାକ୍ୟ ଗଠନ କରିବା ।

୧୮. 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ସଂପର୍କ ଥିବା ଶବ୍ଦକୁ ମିଳାଇ ଲେଖିବା ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ଓଦା | ଗାର |
| ଛୋଟ | ଛିଟା |
| ବରଷା | କୁସୁମ |
| ଲୁହ | ଧୂଳିକଣା |
| କଅଁଳ | ପ୍ରଜାପତି |
| | ଆଖି |

## ତୁମପାଇଁ କାମ :

୧. କବି ବିଦ୍ୟୁତ୍‌ପ୍ରଭାଙ୍କର ଅନ୍ୟ କବିତାଗୁଡ଼ିକ ସଂଗ୍ରହକରି ପଢ଼ିବା ।

୨. ଛୋଟଛୋଟ ଜିନିଷ କିପରି ବିଭିନ୍ନ କାମରେ ଲାଗେ, ତାର ମହତ୍ତ୍ୱ ବିଷୟରେ ନିଜ ଅନୁଭୂତିରୁ ଅନୁଚ୍ଛେଦଟିଏ ଲେଖିବା ।

୩. 'ଛୋଟରେ ବଡ଼', ଏହିପରି ଆଦର୍ଶ ବର୍ଣ୍ଣନା ହୋଇଥିବା ଅନ୍ୟ କବିମାନଙ୍କଦ୍ୱାରା ଲିଖିତ କବିତାକୁ ସଂଗ୍ରହ କରିବା ଓ ଶ୍ରେଣୀରେ ପାଠକରିବା ।

❖❖❖

# ସଭ୍ୟ ଜମିଦାର

● ଫକୀରମୋହନ ସେନାପତି

## ଲେଖକ ପରିଚୟ :

କଥାସମ୍ରାଟ ଫକୀରମୋହନ ସେନାପତି (୧୮୪୩-୧୯୧୮) ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟର ଜନକ ଭାବେ ସୁପରିଚିତ । ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁରଠାରେ ତାଙ୍କର ଜନ୍ମ । ସେ ଜଣେ ସମାଜ ସଂସ୍କାରକ, ଦକ୍ଷ ପ୍ରଶାସକ, ସୁସାହିତ୍ୟିକ ଓ ମାନବବାଦର ପ୍ରବକ୍ତା ଭାବେ ସୁପରିଚିତ । ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଓଡ଼ିଆ ଭାଷା ଆନ୍ଦୋଳନର ସେ ଥିଲେ ଯଥାର୍ଥ ସେନାପତି । ତାଙ୍କଦ୍ୱାରା ଲିଖିତ 'ଛମାଣ ଆଠଗୁଣ୍ଠ', 'ଲଛମା', 'ମାମୁ, 'ପ୍ରାୟଶ୍ଚିତ୍ତ' ଉପନ୍ୟାସ ଏବଂ 'ରେବତୀ', 'ପେଟେଣ୍ଟ ମେଡ଼ିସିନ୍', 'ରାଣ୍ଡିପୁଅ ଅନନ୍ତା', 'ସଭ୍ୟ ଜମିଦାର', 'ବୀରେଇ ବିଶାଳ', 'ଡାକ ମୁନ୍‌ସି', 'ଅଧର୍ମ ବିତ୍ତ', 'ସୁନାବୋହୂ', 'ବଗଲା ବଗୁଲୀ' ଓ 'ଧୂଳିଆ ବାବା' ଇତ୍ୟାଦି କ୍ଷୁଦ୍ରଗଳ୍ପ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସଂପଦ । ତାଙ୍କର ଆତ୍ମଜୀବନ ଚରିତ ଓଡ଼ିଆ ଭାଷା ସାହିତ୍ୟର ମହାନ୍ କୃତି । 'ସଭ୍ୟ ଜମିଦାର' ଗଳ୍ପରେ ନିଜର ସ୍ୱାଭାବିକ କର୍ମଠାରୁ ଦୂରେଇ ରହିଥିବା ବ୍ୟକ୍ତି କିପରି ଶେଷରେ ଦୁଃଖ ଭୋଗ କରେ ତାହାର ଚିତ୍ର ହାସ୍ୟରସ ମାଧ୍ୟମରେ ପ୍ରଦାନ କରାଯାଇଛି ।

---

**ବା**ବୁ ବଳରାମ ବଳ କଲିକତା ବଡ଼ ବଜାରର ଜଣେ ଗଦିଆନ ମହାଜନ । ଉତ୍କଳର ସମସ୍ତ ବେପାରୀଙ୍କର ଦଣ୍ଡିଦାର । ସମସ୍ତ ମାଲ ଆମଦାନି ରପ୍ତାନି ତାଙ୍କ ହାତ ବାଟେ ହେଉଥିଲା । ଲକ୍ଷ ଲକ୍ଷ ଟଙ୍କାର କାରବାର । ଢେର ବର୍ଷ ତଳର କଥା । ରେଳ ନାମ ତ କେହି ଶୁଣି ନଥିଲେ, ଷ୍ଟୀମର୍ ମଧ୍ୟ ଚଳୁ ନଥିଲା । ବାଲେଶ୍ୱର ଜାହାଜରେ ମାଲ ଆମଦାନି ରପ୍ତାନି ହୁଏ । କଲିକତା ଆମଦାନି ମାଲ ମଧ୍ୟରେ ଧୂଆଁପତ୍ର ପ୍ରଧାନ । କଲିକତାରୁ ମାଲ ଆସି ବାଲେଶ୍ୱର ବନ୍ଦରରେ ଜାହାଜରୁ ଘାଟ ଭିଡ଼େ । ସେ ସ୍ଥାନରୁ ଶଗଡ଼ରେ ସମସ୍ତ ଉତ୍କଳକୁ ଚଲାଣ ହୁଏ, ଏଥିପାଇଁ ସମସ୍ତ ଉତ୍କଳରେ କଲିକତି ଧୂଆଁପତ୍ରର ନାମ ବାଲେଶ୍ୱରୀ । ହେଲେ, ବାଲେଶ୍ୱରୀ ଲୋକେ ଧୂଆଁପତ୍ର ଗଛ କେବେ ଦେଖିନାହାନ୍ତି ।

x x x

ମହାଜନଙ୍କ ଘର ଯାଜପୁର ଅଞ୍ଚଳରେ । ଗ୍ରାମ ନାମ ଜଣା ନାହିଁ । ମହାଜନ ଥରେ ଗ୍ରାମକୁ ଆସିଥିଲେ । ଦଶ ବାର ବର୍ଷର ଛେଉଣ୍ଡ ପିଲା ଗୋପାଳିଆ ଗାଁରେ ବୁଲୁଥିଲା । ଜାତିପୁଅଟା ଅନାସ୍ଥା ହୋଇ ବୁଲୁଛି, ଦୟାକରି ସାଙ୍ଗରେ ଘେନିଗଲେ । ଗୋପାଳ ଗଦିରେ ଥାଏ । ଖାଉଛି ତ ଖାଉଛି, ଅଛି ତ ଅଛି, ତାକୁ ଦେଖୁଛି କିଏ – ପଚରାପଚରିର ଦରକାର କ'ଣ ? ଦିନେ ରାତିରେ କ'ଣ ହେଲା କି, ମହାଜନ ଜଣେ ସଉଦାଗର ପାଖରୁ ପାଞ୍ଚଟା ଆକବରୀ ମୋହର

କିଣିଲେ । ବାବୁଙ୍କ ମନ ଭାରି ଖୁସି । ମିଳିବା ପଦାର୍ଥ ନୁହେଁ, ବାକ୍ସରେ ରଖି ପୂଜା କରିବେ । ମୋହର ପୁଟୁଳାଟି ଧରି ବସିଥାନ୍ତି କେତେବେଳେ ତଳେ ରଖି ଦେଲେଣି । ପାଇକାର, ମହାଜନ, ମୋଟିଆ, ମଜୁରିଆ ହିସାବପତ୍ର ଛାଡ଼ିବାକୁ ରାତି ଛ'ଘଡ଼ି । ବାବୁଙ୍କର ହୋସ୍ ନାହିଁ, ଗଦି ବନ୍ଦ କରି ଉଠିଗଲେ । ତହିଁ ଆର ଦିନ ସକାଳେ ଗୋପାଳ ଯେମିତି ଉଠିଛି ଗଦିରେ ମୋହର ପୋଟଳା ଉପରେ ନଜର ପଡ଼ିଗଲା, ହାତରେ ଧରି ବାବୁଙ୍କ ପାଖକୁ ଧାଇଁଲା ।

x x x

ବାବୁଙ୍କୁ ନ ଭେଟି ଗୋପାଳ ତାଙ୍କ ପଲଙ୍କ ତକିଆ ତଳେ ପୋଟଳାଟି ଥୋଇଦେଲା ।

ବେଳ ଛ' ଘଡ଼ି ବେଳେ ହଠାତ୍ ବାବୁଙ୍କର ମନରେ ପଡ଼ିଗଲା ମୋହର କଥା । ହାଁ, ମୋହର କାହିଁ ? ବାବୁ ଛିଡ଼ା ହୋଇ ପଡ଼ିଲେ, ହୁକାଟା ହାତରୁ ଖସିପଡ଼ି ନିଆଁପାଣି ଗଦିଯାକ ବୁଣି ପଡ଼ିଲାଣି, ଦେଖୁଛି କିଏ ! ପାଞ୍ଚଟା ମୋହର । ବଡ଼ କଥା ନୁହେଁ, ଏ ଯେ ହେଲା ଆକବରୀ ମୋହର ! ସେହିପରି କପାଳିଆ ଲୋକକୁ ଲକ୍ଷ୍ମୀ ଆଲିଙ୍ଗନ କରନ୍ତି, ଆକବରୀ ମୋହର ମିଳେ । ସେ ମୋହର ଗଲେ ଲକ୍ଷ୍ମୀ ଛାଡ଼ିଯାଏ । ବାବୁ ତ ମୁଣ୍ଡରେ ହାତ ଦେଇ ଗୁମ୍ ମାରି ବସିଗଲେ । ଗୋପାଳ ରୋଷେଇ ଘରେ ବସିଥିଲା, ମୋହର ଖୋଜା ଶୁଣି ଧାଇଁ ଆସିଲା । ବାବୁଙ୍କୁ ହସି ହସି କହିଲା, "ଆଜ୍ଞା, ଆଜ୍ଞା ! ମୋହର ଅଛି ।'' ବାବୁ ଧାଇଁଆସି ଗୋପାଳକୁ କୁଣ୍ଢେଇ ପକେଇଲେ । ଗୋପାଳ ମୋହର କାଢ଼ି ଦେଇ ପାଇବାର ହାଲ ସବୁ କହିଲା । ବାବୁ ଦଣ୍ଡେ ଯାଏ ତାକୁ ଅନାଇ ନିଃଶ୍ୱାସଟାଏ ପକାଇଲେ ।

ସେହିଦିନ କତିରୁ ତୁଚ୍ଛାଟାରେ ହେଲେ ବାବୁ ଦଶଥର 'ଗୋପାଳରେ', 'ଗୋପାଳରେ', ଡାକ ପକାଉଥିବେ । ଭୋଜନବେଳେ ଥାଳି ପାଖରେ ଗୋପାଳ ଅବଖୁରାରେ ଜଳ ଥୋଇ ନଦେଲେ ବାବୁଙ୍କୁ ଆଉ ଜଳ ଭଲ ଲାଗେ ନାହିଁ । ବାବୁଙ୍କ ବିଡିଆ ଗୋପାଳ ଭାଙ୍ଗିବ । ଶେଯ ପରାଟା ଗୋପାଳ ଜିମା । ବାବୁଙ୍କ ଶ୍ରଦ୍ଧା ଦେଖି ଗଦିର ଆଉ ପାଞ୍ଚଜଣ ବି ତାକୁ ମାନି ନେଲେଣି । ବାବୁଙ୍କ ଇଚ୍ଛା, ବଡ଼ ଗୋଟାଏ କିଛି ପାଇଟିରେ ତାକୁ ଲଗାଇବେ । ହେଲେ ଓଡ଼ିଆ ପିଲା, ମଫସଲ ଗାଁରେ ଘର, ଏଣେ ତ କଳିକତାଟା ଠକ, ଗଣ୍ଠିକଟାଙ୍କ ଖଣି । କ'ଣ ବୋଲି କ'ଣ ହୋଇଯିବ । ହେଉ, ଆଉ ଟିକିଏ ପାରିଯାଉ ।

x x x

ଗୋପାଳ ରନ୍ଧାବଢ଼ା ସାରି ସବୁବେଳେ ଗଦିରେ ବାବୁଙ୍କ ପାଖେ ପାଖେ ଥାଏ । ତୁଚ୍ଛା ବସିଥାଏ ନାହିଁ, କେତେବେଳେ କଣ୍ଟା ଧରିଛି ତ, କେତେବେଳେ ମାଲ ସାଇତାରେ ଅଛି ।

ମାଲ କିଣାବିକା ଛକଛାକ ଗୋପାଳ ବେଶ୍ ଜାଣିଗଲାଣି । ବାବୁ ଢେର ଥର ବିଡ଼ିଲେଣି, ଆପେ ଏଡ଼େ ପୁରୁଣା ଲୋକ ହେଲେ ବି ଥରେ ଥରେ ଗୋପାଳ ବଳିପଡ଼େ, ତା କଥାରେ ଚାଲିଲେ ଠକିବାକୁ ହୁଏନାହିଁ, ବେଶ୍ ଦି'ପଇସା ଲାଭ ହୁଏ ।

x x x

ଧାଁ ଦଉଡ଼ କାମ ଗୋପାଳ ଜିମା । ଏବେ ଆଉ ସେ ଗୋପାଳ ନୁହେଁ, ଗଦିରେ ଡାକ ନାମ ସାନବାବୁ । କାଗଜପତ୍ରରେ ଗୁମାସ୍ତା ଲେଖେ, 'ବାବୁ ଗୋପାଳଚନ୍ଦ୍ର ମହାପାତ୍ର ।'

ବାବୁ ଗୋପାଳଚନ୍ଦ୍ର ମହାପାତ୍ରେ ସନ୍ଧାନ କରି ବୁଝିଲେ, ଯଶୋର, ମୋତିହାର, ପାବନା ଅଞ୍ଚଳରୁ ଯେଉଁ ସବୁ ହଳଦୀ, ଧୂଆଁପତ୍ର ସରକ ଆସେ, ପ୍ରଥମେ ଚାଷୀଠାରୁ କିଣେ ବୁଲାବେପାରୀ, ସେ ବିକେ ପାଇକାରକୁ, ପାଇକାରଠାରୁ

କିଣେ ଗୋଦାମବାଲା, ଦଣ୍ଡିଦାର ତା ପାଖରୁ ମାଲ କିଣି ଚଲାଣ ଦିଏ । କଲିକତାରେ ମାଲ ପହଞ୍ଚିବା ବେଳକୁ ତିନିଟା ହାତରେ ଲାଭ ଲାଗିଯାଏ । ମହାପାତ୍ରେ ଦିନ ବେଳ ଉଣ୍ଡି ମହାଜନଙ୍କୁ ଜଣାଇଲେ, "ଆଜ୍ଞା, ବେପାରର ଲାଭ ବିକା ଜାଗାରେ ନୁହେଁ, କିଣା ଜାଗାରେ । ଏହି ଯେ ଧୂଆଁପତ୍ର, ହଳଦୀ, ସରକ ଆସୁଛି, ମୁଁ ଥରେ ଯାଇ ଠିକଣା ଜାଗାଟା ବୁଝି ଆସେ ।

ମହାଜନଙ୍କ ଅନୁମତି ଘେନି ସାନବାବୁ ସଳଖେ ସଳଖେ ଠିକଣା ଜାଗାକୁ ଚାଲିଗଲେ । ମଝିରେ ଆଉ କାହାରିକୁ ନଗା ନରଖି ଚାଷମୁଣ୍ଡରେ ଚାଷୀମାନଙ୍କଠାରୁ ସଉଦା କଲେ । ଦୁଇବର୍ଷ ଏହିପରି କାମ ଚଳିବାରୁ ଦେଖାଗଲା, ପୂର୍ବଠାରୁ ଦୁଇଗୁଣ ଲାଭ ବେଶୀ । ମହାପାତ୍ରେ ଏବେ ବଳଙ୍କର ଚାକର ନୁହନ୍ତି, ଲାଭରେ ଚାରିପଣୀ ଅଂଶଭାଗୀ ।

x x x

ବାବୁ ଗୋପାଳଚନ୍ଦ୍ର ମହାପାତ୍ରଙ୍କର ଗୋଟିଏ ବୋଲି ପୁଅ । ନାମ ରାଜୀବଲୋଚନ । ପୁଅଟି ପାରିଗଲାଣି, ଚଉଦ ପୂରି ପନ୍ଦର ଚାଲିଛି । ଗୋପାଳ ବାବୁ ଗ୍ରାମକୁ ଯାଇଥିଲେ, ଅବଧାନେ ଆସି କହିଲେ, "ସାନବାବୁ ଖୁବ୍ ବୁଦ୍ଧିଆ, ଭାରି ପାଠୁଆ । ଖଡ଼ିପାଠ, ପୋଥିପାଠ ସବୁ ଛିଡ଼ିଗଲାଣି । ଆଉ ତାଙ୍କୁ ପଢ଼ାଇବାକୁ ପାଠ ନାହିଁ ।'' ଅସଲ କଥା, ରାଜୀବଟା ଭାରି ଦୁଷ୍ଟ, ଚାଟଶାଳୀରେ ବଡ଼ ଉତ୍ପାତ କରେ, ଅବଧାନଙ୍କ ସଙ୍ଗରେ ବି ତୋଖଡ଼ ମୋଖଡ଼ ଲଗାଇଲାଣି । ବଡ଼ଲୋକ ପୁଅ, ଜମିଦାର ପୁଅ ବୋଲି ଅବଧାନେ ଶଙ୍କି ରହିଥାନ୍ତି, କିଛି କହିପାରନ୍ତି ନାହିଁ । ବାବୁ ପୁଅର ପ୍ରଶଂସା ଶୁଣି ଭାରି ଖୁସି । ଅବଧାନେ ଗୋଟିଏ ଜଥା, ପାଞ୍ଚୋଟି ଟଙ୍କା ପୁରସ୍କାର ପାଇ ଦଣ୍ଡବତଟାଏ କରି ମେଲାଣି ଘେନିଲେ; ସାଆନ୍ତାଣୀ (ରାଜୀବଙ୍କ ମାତା) ସାଆନ୍ତଙ୍କୁ କହିଲେ, "ରାଜୀବ ମୋ ବୋଲ ମାନେ ନାହିଁ, ଦିନଯାକ ଗାଁ ଟୋକାଙ୍କ ସାଙ୍ଗରେ ଦାଣ୍ଡରେ ବୁଲୁଥାଏ । ତାକୁ ସାଙ୍ଗରେ ଘେନିଯାଅ ।''

x x x

ଗଦିର ସରକାର କେଲ୍‌କାଟା ଏଣ୍ଡ ଏକାଡେମୀରେ ରାଜୀବ ବାବୁଙ୍କର ନାମ ଲେଖାଇ ଦେଇ ଆସିଲା । ପଢ଼ା ଚାଲିଛି ତ ଚାଲିଛି । ମାସକୁ ଥରେ ସ୍କୁଲ ଦରମା ଓ କିତାପର ଦାମ୍ ନେବା ବେଳେ ବାପପୁଅଙ୍କର ଭେଟ । ବାପେ ପାଠ ସଇ ନେବେ କ'ଣ, କିପରି ପଢୁଛି ପଚାରିବାକୁ ବି ବେଳ ନାହିଁ । ତିନି ଚାରି ବର୍ଷ ବିତିଗଲାଣି, ମାସକୁ ମାସ ସ୍କୁଲ ଦରମା ଆଉ କିତାପର ଦାମ୍ ପଚାଶ ଟଙ୍କାରୁ ବଳିଗଲାଣି । ଦିନେ ବାପେ ପଚାରିଲେ, "କିରେ ରାଜୀବ, ଏବେ ଏତେ ଖରଚ କ୍ୟାଁ ?" ରାଜୀବ ବାବୁ ଜବାବ ଦେଲେ, "ବାପା, ମୁଁ କିଲାସ ଢେର ଉପରକୁ ଉଠିଗଲିଣି, ସେଥିପାଇଁ ଏତେ ଖରଚ ।'' ବାପେ କହିଲେ, "ତେବେ ଆଉ ପଢ଼ନା, ଆ କାମରେ ଲାଗ ।'' ରାଜୀବ ବାବୁ କହିଲେ, "ନା, ବାପା, ପାସ୍ ନକଲେ ଇଂରାଜୀ ପାଠ ହୁଏ ନାହିଁ ।'' ମହାପାତ୍ରେ ବି ଶୁଣିଥିଲେ, ଇଂରାଜୀରେ ଗୋଟାଏ ପାସ୍ ହୁଏ । କହିଲେ, "ହଁରେ, ସେ କଥା ମତେ ଜଣାଅଛି । ତୁ ବେଶୀ ବେଶୀ ପାସ୍ କରି ପକା, ଯେତେ ଟଙ୍କା ଲାଗିବ ଲାଗୁ ।'' ବାପ ପୁଅ ଦୁହିଁଙ୍କ ମନ ଖୁସି ।

ଚାରି ପାଞ୍ଚ ବର୍ଷ ମଧ୍ୟରେ ବାବୁଙ୍କ ଇଂରାଜୀପଢ଼ା କେତେଦୂର ହେଲା ସେ କଥା ଜଣାନାହିଁ, ମାତ୍ର ଢେର୍ ଢେର୍ ସଭାସମିତିରେ ଉପସ୍ଥିତି, ଥିଏଟର୍ ଆଉ ସୁସ୍ଥାନ କୁସ୍ଥାନ ଭ୍ରମଣ ବିଷୟରେ ବାବୁ ପକ୍‌କା ହୋଇଗଲେଣି । ସ୍ୱଦେଶର ଉନ୍ନତି ସାଧନ ନିମନ୍ତେ କେତେ ଜଣ ବନ୍ଧୁ ମିଳି ଏକାବେଳକେ ଯୋଡ଼ିଏ ସମିତି ସ୍ଥାପନ କଲେ । ମଙ୍ଗଳବାର ଦିନ 'କୁସଂସ୍କାର ବିମର୍ଦ୍ଦିନୀ', ଶନିବାର 'ନାରୀ ସ୍ୱାଧୀନତା ବିବର୍ଦ୍ଧିନୀ ସଭାର ଅଧିବେଶନ ହୁଏ । ଦୁଇ ସଭାର ସମ୍ପାଦକ

ନିଜେ ବାବୁ । ସଭାର ସମସ୍ତ ବ୍ୟୟ ବହନ କରିବା ତ ସମ୍ପାଦକଙ୍କ ପକ୍ଷରେ ଉଚିତ, ଏଇଟା ହେଲା କଲିକତାର ନିୟମ ।

x x x

ଆକସ୍ମିକ ଗୋଟିଏ ସନ୍ନିପାତ ବେମାରୀ ଆସିଲା, ଦିନ ତିନିଟା ଭିତରେ ସଜ୍ଞାନରେ ବାବୁ ଗୋପାଳଚନ୍ଦ୍ର ମହାପାତ୍ରଙ୍କ ଗଙ୍ଗାଲାଭ ।

x x x

ମହାଜନ ବଳବାବୁ ପିଲାଟିକୁ ଯତ୍ନରେ ପାଖରେ ରଖିଲେ । ଇଚ୍ଛା, ପିତୃକାର୍ଯ୍ୟରେ ଉତ୍ତରାଧିକାରୀ ହେଉ । ମାତ୍ର ସେ ଇଂରାଜୀ ପାଠ ପଢ଼ିଛି ସତ ବେପାର ବଣିଜ କାମ ଶିଖିନାହିଁ । ଆଶା, କାମରେ ବାପଠାରୁ ବଳି ପଡ଼ିବ । ଗୋପାଳ ଯେ ଅକ୍ଷର ଜାଣିନଥିଲା । ମହାଜନ ପାଖରେ ବସାଇ କାମ ଶିଖାଇବାକୁ ଲାଗିଲେ ମଧ୍ୟ ଶିଖାଇବା ପାଇଁ କର୍ମଚାରୀଙ୍କୁ ଉପଦେଶ ଦେଲେ । ଏଣେ ରାଜୀବବାବୁଙ୍କର ଗଦିରେ ବସିବାକୁ ମନ ନାହିଁ । ମହାଜନେ ଧରାଧରି କରି ବସାଇଲେ । କାମରେ ମନ ନାହିଁ, କ'ଣଟାଏ ବସି ଭାବୁଥାଏ, ମଙ୍ଗଳବାର ଶନିବାର ରାତିରେ କୁଆଡ଼େ ଚାଲିଯାଏ । ବଳବାବୁ ମନରେ କଲେ ହାତରେ ପାଇଟି ପଡ଼ିଲେ ବା ବାଟକୁ ଆସିବ । ଯେ କାମ ଦେଲେ ଲାଭ ଥାଉ ମୂଳରୁ ତ୍ରୁଟି କରି ବସେ ।

x x x

କିନ୍ତୁ ତାଙ୍କର ସମସ୍ତ ଚେଷ୍ଟା ପାଣି ଫାଟିଗଲା; ତେଣୁ ସେ ରାଜୀବ ବାବୁଙ୍କୁ ଧରାଧରି କରି ଗ୍ରାମକୁ ପଠାଇଦେଲେ । ପାଞ୍ଜିଆ ଗୁମାସ୍ତା ପ୍ରଜା ପାଟକଙ୍କ ମନ ଭାରି ଖୁସି । ନୂଆ ଜମିଦାରଙ୍କୁ ଅଧାବାଟରୁ ପାଛୋଟି ନେଲେ ।

x x x

ନୂଆ ଜମିଦାର ବାବୁ ଖୋଜି ବସିଲେ ଗ୍ରାମ ମଧ୍ୟରେ ଶିକ୍ଷିତ କୁସଂସ୍କାରବର୍ଜିତ ଲୋକ ଅଛନ୍ତି କି ନାହିଁ । ପ୍ରାଇମେରୀ, ଅପର ପ୍ରାଇମେରୀ ପାସ୍, ଛାତ୍ରବୃତ୍ତି ଫେଲ୍ ଢେର ଶିକ୍ଷିତ ସ୍ୱାଧୀନମନା ଲୋକ ଗ୍ରାମରେ ବୁଲୁଥିଲେ । ଜମିଦାରଙ୍କ ଆହ୍ୱାନରେ ତୁରନ୍ତ ହାଜର ହୋଇଗଲେ । ଜମିଦାରୀ କଚେରି ଘରେ ସନ୍ଧ୍ୟା ସମୟରେ ପ୍ରଥମ ସଭା ବସିଲା । ନିଜେ ଜମିଦାର ବାବୁ ଢେର ବକ୍ତୃତା କଲେ । ସେଥିର ସାର ମର୍ମ, "ହେ ସଭ୍ୟ ମହୋଦୟଗଣ ! ଏଦେଶର ଦୁଃଖଦୁର୍ଦ୍ଦଶାର କାରଣ ଲୋଡ଼ିଲେ ଦିନଆଲୁଅ ପରି ଜଣାଯିବ । ମୂର୍ଖତା, କୁସଂସ୍କାର, ଅବଳା ଭଗିନୀମାନଙ୍କୁ ଘରଭିତରେ ଲୁଚାଇ ରଖିବା ସମସ୍ତର ମୂଳ । ଏ ସମସ୍ତ ଦୂର କରିବା ସର୍ବାଗ୍ରେ ଉଚିତ ।'' ଆଉ ସମସ୍ତେ କିଛି ନ ବୁଝିପାରି ମୁହଁ ଚାହାଁଚାହିଁ ହେଲେ । ବାବୁ ହରିବୋଲ ପଟ୍ଟନାୟକେ ଚଞ୍ଚଳ ଛଡ଼ା ହୋଇପଡି କହିଲେ, 'ସୁଶିକ୍ଷିତ ଜମିଦାର ମହୋଦୟଙ୍କ ପ୍ରସ୍ତାବ ଦ୍ୱିତୀୟ କରୁଛି । ଉଚିତ୍, ଖୁବ୍ ଉଚିତ, ନିଶ୍ଚୟ ଉଚିତ, ଶୀଘ୍ର ଉଚିତ ।'' ଜମିଦାରବାବୁ ଭାରି ଖୁସି ହୋଇ ବାବୁଙ୍କର ପରିଚୟ ପଚାରିଲେ । ହରିବୋଲବାବୁଙ୍କ ଘର ଏହି ଗ୍ରାମରେ, ଇଂରାଜୀ ମାଇନର ପାସ୍ । ବିଦୁପୁର ପୋଷ୍ଟ ଅଫିସରେ ସବ୍‌ପୋଷ୍ଟମାଷ୍ଟର ଥିଲେ । ଅନ୍ୟାନ୍ୟ କର୍ମଚାରୀ ଅର୍ଥାତ୍ ପିଅନମାନେ ବଡ଼ ଚୋର ଓ ଅଯୋଗ୍ୟ ଲୋକ ଥିଲେ । ବାବୁ ସେମାନଙ୍କୁ ଶାସନ କରିବାରୁ ସେମାନେ ସରକାରୀ ତହବିଲ ଟ୧୬୨-୬୦ ଚୋରି କରି ବାବୁଙ୍କ ନାମରେ ଗଡ଼ାଇଦେଲେ । ମେଜେଷ୍ଟର ସାହେବ ତାଙ୍କୁ ଛ'ମାସ କଟକରେ ଅଟକାଇ ରଖିଲେ ସତ୍ୟ, ମାତ୍ର ପଛନ୍ତେ ଅସଲ ହାଲ ଜାଣିପାରି ନିର୍ଦ୍ଦୋଷ ବୋଲି ଛାଡି ଦେଇଥିଲେ । ବାବୁ ବିରକ୍ତ ହୋଇ ପର ଅଧୀନରେ ଚାକିରି ଛାଡ଼ି ଦେଇଛନ୍ତି ।

ଜମିଦାର ବାବୁ ଭାରି ଖୁସି । ଗ୍ରାମ ମଧ୍ୟରେ ତାଙ୍କୁ ଯୋଗ୍ୟ ଲୋକ ବୋଲି ସ୍ଥିର କଲେ । ଆପାତତଃ ଜ୍ଞାନବର୍ଦ୍ଧିନୀ ଓ ସ୍ତ୍ରୀ ସ୍ୱାଧୀନତାବର୍ଦ୍ଧିନୀ ଯୋଡ଼ିଏ ସଭା ବସିବାର ସ୍ଥିର ହେଲା । ଦୁଇ ସଭାର ସମ୍ପାଦକ ହରିବୋଲ ବାବୁ । ପ୍ରତିଦିନ ନିୟମିତ ରୂପେ ସଭାକାର୍ଯ୍ୟ ଚଳିଲା । ସଭାକାର୍ଯ୍ୟ ଶେଷ ହେବାକୁ ଅଧିକ ରାତ୍ରି ହୋଇଯାଏ । ସଭ୍ୟମାନେ ଘରକୁ ଯାଇପାରନ୍ତି ନାହିଁ । କଚେରି ଘରେ ସେମାନଙ୍କ ଭୋଜନପାନର ବନ୍ଦୋବସ୍ତ ହୁଏ । ଗୋଟିଏ ବାଳିକା ବିଦ୍ୟାଳୟ ଓ ଜନାନା ସ୍କୁଲ ବସିବାର ବନ୍ଦୋବସ୍ତ ହେଲା ।

ରୋଜ ରୋଜ ଟଙ୍କା ଦାଖଲ କରି ବୁଢ଼ା ପଟ୍ଟନାୟକ ହୟରାଣ । ଟିକିଏ ବିଳମ୍ବ ବା ମୋଡ଼ ମୋଡ଼ ହେଲେ ବାବୁ ଭାରି ଖପା । ଟଙ୍କାଗୁଡ଼ାକ କୁଆଡ଼େ ଯାଏ, କି କାରବାର ହୁଏ, ଇଦମଥି ନାହିଁ । ଦିନେ ସନ୍ଧ୍ୟାବେଳେ ମାଆ ସାଆନ୍ତାଣୀ ଓ ପଟ୍ଟନାୟକଙ୍କ ମଧ୍ୟରେ କଥା ହେଲା ।

ପଟ୍ଟନାୟକେ- ଆଜ୍ଞା, ସବୁ ବୁଡ଼ି ବସିଲା !

ମା' ସାଆନ୍ତାଣୀ - ରହିବ ପରା, ନିଜେ ମୂର୍ଖ, କିଛି ବୁଝିବାର ନାହିଁ, ମୂଳକର ଚୋର ଗୁଣ୍ଡ, ଟିକିଏ ଧର୍ମଭାବ ଭଲା ଥାଆନ୍ତା ! ଏହି ଘରେ ପୁଣି ମଦ ମାଂସ । ରାଧେକୃଷ୍ଣ, ରାଧେକୃଷ୍ଣ ! ପଟ୍ଟନାୟକେ, ତୁମେ ଅଲଗା ହୋଇଯାଅ ।

ପଟ୍ଟନାୟକେ ନିଃଶ୍ୱାସଟିଏ ପକାଇଲେ । ପଟ୍ଟନାୟକଙ୍କୁ କିଛି କହିବାକୁ ହେଲା ନାହିଁ । ରାତି ସଭାରେ ସ୍ଥିର ହୋଇଗଲା, "ବୁଢ଼ାଟା, ଅଯୋଗ୍ୟ, କୁସଂସ୍କାରୀ, ସଭାର ବିଘ୍ନକାରୀ'' - ସେ ବରଖାସ୍ତ । ହରିବୋଲ ବାବୁ ଭାରି ଯୋଗ୍ୟ ଲୋକ, ସଭା ଏବଂ ଜମିଦାରୀ ଦୁଇ କାର୍ଯ୍ୟ ତୁଲେଇ ପାରିବେ । ଏଣିକି ସୁନ୍ଦର କାର୍ଯ୍ୟ ଚଳିଲା, ଟଙ୍କାର ଅଭାବ ନାହିଁ ।

x x x

ବାବୁ ଗୋପାଳଚନ୍ଦ୍ର ମହାପାତ୍ରେ ଉଆସ ଆଗରେ ଗୋଟିଏ ପକ୍କା ମନ୍ଦିର ତୟାର କରାଇ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ପ୍ରତିଷ୍ଠା କରାଇଥିଲେ । ମାଆ ସାଆନ୍ତାଣୀ ବର୍ତ୍ତମାନ ଘରୁ ବାହାରି ଯାଇ ସେହି ମନ୍ଦିରରେ ଅଛନ୍ତି, ପ୍ରତିଦିନ ସନ୍ଧ୍ୟା ସମୟରେ ବକତେ ଠାକୁର ପ୍ରସାଦ ହବିଷ୍ୟାନ୍ନ । ବୁଢ଼ା ଛାମୁକରଣ ବି ସେଇଠାରେ ଥାଆନ୍ତି । ପ୍ରତିଦିନ ସନ୍ଧ୍ୟାଠାରୁ ଅଧରାତିଯାଏ ଭାଗବତ ପାଠ ହୁଏ । ମା'ସାଆନ୍ତାଣୀ ଦିନଯାକ ଠାକୁର ଆଗରେ ଆଖିବୁଜି ମାଳି ଗଡ଼ାଉଥାନ୍ତି । ଦିନେ ପଟ୍ଟନାୟକେ ସାଆନ୍ତାଣୀଙ୍କୁ କହିଲେ, "ଆଜ୍ଞା, ଶୁଣୁଛନ୍ତି, ବାବୁଙ୍କ ମଙ୍ଗଳକୃତ୍ୟ ବଢ଼ିବାର ସଭାରେ ସ୍ଥିର ହେଲା । ମୁଁ କହୁଛି, ହେଉ, ବୋହୂ ସାଆନ୍ତାଣୀ ଆସିଲେ ଅବା ଘରକରଣାଟା ସମ୍ଭଳା ସମ୍ଭଳି କରିବେ ।'' ମା'ସାଆନ୍ତାଣୀ ଆଁ ଟା କରି ପଟ୍ଟନାୟକଙ୍କ ମୁହଁକୁ ଘଡ଼ିଏ ଯାଏ ଚାହିଁଲେ; ତହିଁ ଉତ୍ତାରେ ପଚାରିଲେ, "–ଆଁ–କନ୍ୟା ?'' ପଟ୍ଟନାୟକେ କହିଲେ, ''ଆଜ୍ଞା, ମୁଁ ନିଜେ ସେ କଥା ବୁଝିବାକୁ ଯାଇଥିଲି । ବାବୁ ଜବାବ ଦେଲେ ଦେଶୀ କନ୍ୟାଗୁଡାକ ଅଶିକ୍ଷିତା, କୁସଂସ୍କାର ଅସଭ୍ୟତାରେ ବୁଡ଼ିଛନ୍ତି । କଲିକତାରେ ପରା କନ୍ୟା ଠିକ୍ ହେଲାଣି ।'' ମା' ସାଆନ୍ତାଣୀ ପାଟିକରି, ରାଧେକୃଷ୍ଣ, ରାଧେକୃଷ୍ଣ' କହି ତୁନି ହେଲେ । ହାତଯୋଡି ଠାକୁରଙ୍କୁ ଅନାଇଥାନ୍ତି, ଦୁଇ ଆଖିରୁ ଯୋଡ଼ାଏ ଧାର ବହିଯାଉଛି ।

x x x

ସଭାର ସଭ୍ୟମାନଙ୍କୁ ସାଙ୍ଗରେ ଧରି ବାବୁ କଲିକତା ଚାଲିଗଲେଣି ।

x x x

କନ୍ୟାଟିର ନାମ ନୟନତାରା ଦୁଃଖପାସୋରା । ବାବୁ ଶୁଣିଥିଲେ, ମଧ୍ୟ ପ୍ରତ୍ୟକ୍ଷ ଦେଖିଲେ- କନ୍ୟା ସୁନ୍ଦରୀ, ସଭ୍ୟା, ସ୍ୱାଧୀନା, ଶିକ୍ଷିତା । ଜମିଦାର ବାବୁ ବିମୋହିତ ହୋଇଗଲେଣି । ମନେ କଲେ ସ୍ୱର୍ଗରୁ ଦେବ କନ୍ୟାଟିଏ ଓହ୍ଲାଇ ଆସିଛି ।

x x x

ପ୍ରଜାପତି ଘଟସୂତ୍ର, ଜଣେ ଦଲାଲ ଠିକଣା ଲଗାଇଦେଲା । ସେହି ଦଲାଲ ବାବୁଙ୍କୁ ଜଣାଇଲା, "ଆପଣ ଜମିଦାର, କଲିକତା ସହରର ଭାରି ନାମ ଡାକ । ସେହିପରି ମର୍ଯ୍ୟାଦାରେ ବିଭାଘର ହେବ ।'' ବାବୁ ଝୁଙ୍କି ଝୁଙ୍କି କହିଲେ, "ଅବଶ୍ୟ, ଅବଶ୍ୟ ନିଶ୍ଚୟ ।" ମେନେଜରବାବୁ କହିଲେ, "ଟଙ୍କା ନାହିଁ ଯେ ।' ଦଲାଲ କହିଲା, "ଏ କ'ଣ ଗୋଟାଏ କଥା ? ବାବୁଙ୍କର ପୁଣି ଟଙ୍କାର ଅଭାବ ? ବାବୁ ଆଜ୍ଞା କରନ୍ତୁ, ଏଇଲାଗେ ଦଶହଜାର ଟଙ୍କା ଆଣିଦେବି ।''

x x x

ବିବାହ ଶେଷ । ଜମିଦାର ଜମିଦାରାଣୀ ଦେଶସ୍ଥ ସଭ୍ୟମାନଙ୍କୁ ଧରି ଦେଶକୁ ବାହୁଡ଼ିଲେ । ବରକନ୍ୟା ଉଆସ ମଧ୍ୟକୁ ପ୍ରବେଶ କଲାବେଳେ ଉଆସର ପୋଇଲୀ ପଞ୍ଝା, ଗ୍ରାମର ଭଲ ଭଲ ଲୋକ ଘର ବୋହୂ ଝିଅମାନେ ଗୋଟିଏ ନୂଆ କୁଲାରେ ସେରେ ଅରୁଆ ଚାଉଳ, ଦୂବ ବରକୋଳି ପତ୍ର ଦେଇ ତାହା ଉପରେ ଘିଅ ଦୀପଟିଏ ଥୋଇ ବରକନ୍ୟାଙ୍କୁ ବନ୍ଦାଇ ନେବାକୁ ଆସିଲେ । ଶଙ୍ଖ ହୁଳହୁଳି ଶୁଣି ଜମିଦାର ଭାରି ରାଗିଯାଇ "କୁସଂସ୍କାର, କୁସଂସ୍କାର, ଅସଭ୍ୟତା'' କହି ଭାରି ଗୋଟାଏ ପାଟି କଲେ । ସ୍ୱାମୀଙ୍କ ଦେଖାଦେଖି କନ୍ୟା ମଧ୍ୟ "ଏହା ନିତାନ୍ତ ବଡ଼ କୁସଂସ୍କାର ଅଛି, ଏହା ଅସଭ୍ୟତା'' କହି ଠୋ ଠୋ କରି ହସି ଉଠିଲେ । ଗାଁ ଭୁଆସୁଣୀଗୁଡ଼ାକ ଏ ସବୁ ଦେଖି ଶୁଣି ଛାନିଆରେ ଡରରେ ଅଗଣାରେ କୁଲାଟା ତଳେ ଥୋଇଦେଇ ଯେ ଯାହା ଘରକୁ ପଳାଇଲେ ।

ପୁଅବୋହୂ ହାତ ଧରାଧରି ହୋଇ ମା'ସାଆନ୍ତାଣୀଙ୍କ ସହିତ ସାକ୍ଷାତ୍ କରିବାକୁ ବାହାରିଲେ । ମା' ସେତେବେଳେ ଠାକୁରଙ୍କ ଆଗରେ ମାଳିଟି ହାତରେ ଧରି ଆଖି ବୁଜି ବସି ଫୁସ୍ ଫୁସ୍ 'ହରେକୃଷ୍ଣ' ନାମ ଜପୁଛନ୍ତି । ବୋହୂର ଗୋଡ଼ରେ ଲେଡ଼ି ଜୋତାର ଠକ୍ ଠକ୍ ଶବ୍ଦ ଶୁଣି, ଚମକିପଡ଼ି ଠିଆ ହୋଇଗଲେ । ବୋହୂ ଟିକିଏ ହସି ହସି 'ଓ ଆମ୍ଭର ପ୍ରିୟ ଶାଶୁ, ନମସ୍କାର- ନମସ୍କାର । କେମନ୍ତ କର ଆପଣଙ୍କର' କହି ହାତ ବଢ଼ାଇ ଯେମନ୍ତ ଶାଶୂ ପାଖକୁ ଚାଲିଗଲେ, ବୁଢ଼ୀ ତ 'ଛୁଁ– ନା–ଛୁଁ–ନା– ଛୁଁନା – ଆରେ କିଏ ଅଛିରେ, ମନ୍ଦିର ଅପ୍ରତିଷ୍ଠା ହେଲାରେ, ବାହାର କରି ଦିଅରେ, ବାହାର କରି ଦିଅରେ', ବୋଲି ରଡ଼ି ଛାଡ଼ିଲେ, ଜମିଦାରବାବୁ ମିସେସ୍ ମହାପାତ୍ରଙ୍କ ହାତଧରି ଭିଡ଼ିନେଲେ । ଭାରି ଖପାଟାଏ ହୋଇ କହିଲେ, "ଅସଭ୍ୟତା, ମୂର୍ଖତା, ଭାରି କୁସଂସ୍କାର । ଓହୋ !ଲେଡ଼ିକୁ ଇନସଲ୍ଟ !" ସେହି ମୁହୂର୍ତ୍ତରେ ମା'ସାଆନ୍ତାଣୀ ବିଶ୍ୱାସୀ ପୋଇଲୀ ରାଧୀ ଆଉ ଗୋଟିଏ ପୁଟୁଳି ଧରି ଘରୁ ବାହାରିଗଲେ ପୁରୀ । ମାତାମଠରେ ରହିଥିବାର ଆଠଦିନ ବାଦ ସମ୍ବାଦ ଆସିଲା ।

କେହି ବାଧା ଦେବାକୁ ନାହିଁ, କେହି କିଛି କହିବାକୁ ନାହିଁ; ସ୍ୱାଧୀନ ଭାବରେ କୁସଂସ୍କାର ନିବାରଣ ଆଉ ଦେଶ ଉଦ୍ଧାର ବିଷୟରେ ବାବୁ ଲାଗିପଡ଼ିଛନ୍ତି ।

x x x

ଦିନଯାକ ଶୋଇଥାନ୍ତି । ପ୍ରଜାପାଟକ, କେହି ଗୁହାରିଆ ଆସିଲେ ଭେଟ ପାଏ ନାହିଁ । ଯଦି ଭେଟ ମିଳେ, ଏକ ଜବାବ, "ମେନେଜର ପାଖକୁ ଯାଅ ।''

କେହି ବୋହୂ ସାଆନ୍ତାଣୀ ବୋଲି କହିଲେ ଜମିଦାରବାବୁ ଭାରି ଖପା ହୋଇଯାଆନ୍ତି । ନାମ ହେଉଛି ମିସେସ୍ ମହାପାତ୍ର । ମାତ୍ର ପୋଇଲୀମାନେ ଆଉ ମୂର୍ଖ ଚାକରଗୁଡ଼ାକ ଠିକ୍ ନାମ ଧରି ଡାକି ପାରନ୍ତି ନାହିଁ । କେହି କହେ କିସମିସ୍ ମହାପାତ୍ର – କେହି କହେ ମିସ୍କି ମହାପାତ୍ର – କେହି ଡାକେ ଫିସ୍‌ଫିସ୍ ମହାପାତ୍ର । କିନ୍ତୁ ସେଥିରେ ମନା ନାହିଁ, ବରଞ୍ଚ ମିସେସ୍ ମହାପାତ୍ର ହସି ପକାଇ ବଡ଼ ଖୁସି ହୁଅନ୍ତି ।

ମିସେସ୍ ମହାପାତ୍ର ପ୍ରାତଃକାଳରେ ଚା' ଖାଇଲା ବାଦ୍ ପୋଷାକ ପିନ୍ଧି ଉଆସ ଚଉପିଠି ବଗିଚା ଆଉ ଆଗ ଦାଣ୍ଡରେ ପ୍ରାତଃଭ୍ରମଣ କରି ଆସନ୍ତି । ଦିନେ ବବୁର୍ଚିଖାନା ତଦାରଖ କରିବାକୁ ଚାଲିଗଲେ । ତେତେବେଳେ ପୋଇଲୀ ପଦୀ ହାଣ୍ଡିଏ ଗୋବର ପାଣି ଧରି କନା ଖଣ୍ଡିକରେ ଚୁଲି ଲିପୁଥିଲା । ଜୋତାର ଠକ୍ ଠକ୍ ଶବ୍ଦ ଶୁଣି ଯିମିତି ମୁହଁ ବଙ୍କାଇ ପଛକୁ ଚାହିଁ ଦେଇଛି, ଭାରି ପାଟିଟାଏ କଲା, "ଆଲୋ ମୋ ମା'ଲୋ ! ଆଲୋ ମୋ' ବାପା ଲୋ ! ଜୋତା ମାଡ଼ି ହାଣ୍ଡିଶାଳରେ ପଶିଲା ଲୋ ! ହାଣ୍ଡିଶାଳ ମାରୁଗଲା ଲୋ !" କନାଖଣ୍ଡ ଫୋପାଡ଼ି ଦେଇ ଏକମୁହାଁ ଧାଇଁଛି । ଆଉ ଉଆସରେ ତାକୁ କେହି କେବେ ଦେଖିନାହିଁ । ଏଣେ ମିସେସ୍ ମହାପାତ୍ର 'ଉଆ, ଉଆ, ଉଆ କହି ଅନ୍ୟ ଆଡ଼କୁ ଧାଇଁଛନ୍ତି, ମୁହଁରେ ରୁମାଲ ଜାକି ନଥିଲେ, କେଜାଣି ବାନ୍ତି କରି ପକାଇଥାନ୍ତେ । ଏକାବେଳକେ ଶିଶିଏ ଲେଭଣ୍ଡର ଦେହଯାକ ଢାଳି ହେବାରୁ ଟିକିଏ ସାଷ୍ଟାମ ହେଲେ ।

x x x

ଏହିପରି ଆଠ ଦଶମାସ ଗଲା ବାଦ୍ ଦିନେ କରଣମାନେ ମେଳି ବାନ୍ଧି ଆସି ମେନେଜର ପାଖରେ ଜଣାଇଲେ, "ଖମାର ସବୁ ଖାଲି ପଡ଼ିଛି, ଗୋରୁ ମଇଁଷି ପଲରେ ଲାଙ୍ଗୁଡ଼ ଖଣ୍ଡେ ବି ନାହିଁ, ପାଞ୍ଚବାଟୀ ହାତଚାଷ ପ୍ରଜା ଲଗାଇ ଦେଇ ଯେଉଁ ସଲାମୀ ମିଳିଥିଲା ତାହା ଆସି ସରିଲାଣି, ଆଉ ଏବେ କାହୁଁ ଖରଚ ଯୋଗାଇବୁଁ ?" ମେନେଜର ତୁରନ୍ତ ଜବାବ ଦେଲେ, "ମାରିପିଟି ପ୍ରଜାଙ୍କଠାରୁ ଆଗତୁରା ବର୍ଷକର ଖଜଣା ଅସୁଲ କର ।" 'କୁମ୍ଭୀର ଖୋଜେ ଗୋଳିଆ ପାଣି' ନ୍ୟାୟରେ, ଅମଲାମାନେ ଆନନ୍ଦରେ 'ଆଜ୍ଞା, କହି' ଦଣ୍ଡବତ ହୋଇ ଚାଲିଗଲେ ।

ଆଉ ଦୁଇମାସ ବାଦେ କାର୍ତ୍ତିକ କିସ୍ତି ଟଙ୍କା ଦାଖଲ ନ ହେବାରୁ ତାଲୁକ ନିଲାମରେ ଚଢ଼ିବାର କଟକରୁ ଜବାବ ଆସିଲା । ଠିକ୍ ସେହିଦିନ କଲିକତା ମହାଜନ ଦଶହଜାର ଟଙ୍କା ମୂଳକୁ କଳନ୍ତର ଖର୍ଚ୍ଚା ଭିଡ଼ି କୋଡ଼ିଏ ହଜାର ଟଙ୍କା ପାଇଁ ଡିଗ୍ରୀଜାରି ପିଆଦା କଲିକତା ହାଇକୋର୍ଟରୁ ଆସି ଚଳନ୍ତି ଅଚଳନ୍ତି ଯାନାସନ ସମସ୍ତ କ୍ରୋକ୍ କରିପକାଇଲା ।

ସକାଳୁ ଉଠି ମିଷ୍ଟର ଓ ମିସେସ୍ ମହାପାତ୍ର ବଗଲା ବଗୁଲୀ ପରି ବସିଛନ୍ତି, ଜନପ୍ରାଣୀ ପାଖରେ ନାହିଁ । ସଭାର ସଭ୍ୟମାନେ ଆଗରୁ ଏକଘରିଆ ହୋଇଥିଲେ, ଗୋବରପାଣି ପିଇ ଜାତିରେ ଉଠିଛନ୍ତି । ଆଉ କି ଆସିବେ ? ବେଳ ବୁଡ଼ିବାକୁ ବସିଲାଣି । ମିଷ୍ଟର ଓ ମିସେସ୍ ଦୁଇଜଣ ଭୋକରେ ଛଟପଟ ହେଉଛନ୍ତି । ସଞ୍ଜ ଲାଗିଲାବେଳକୁ ମିସେସ୍ ମହାପାତ୍ର ବହୁ କଷ୍ଟରେ ଖଣ୍ଡେ ଅଳଙ୍କାର କାଢ଼ି ଦେଲେ, ବିକିବାକୁ ଯାଇ ଦେଖିଲେ ପିତଳଗିଲ୍‌ଟି । ଖଣ୍ଡିଏ, ଆଉ ଖଣ୍ଡିଏ ଦେଖାଗଲା, ସବୁଗୁଡ଼ାକ ଗିଲ୍‌ଟି ! ବିଭାଘର ସମୟରେ ଅଢ଼େଇ ହଜାର ଟଙ୍କାର ଗହଣା କିଣା ଯାଇଥିଲା, ସବୁଗୁଡାକ ଗିଲ୍‌ଟି ! ଏତେବେଳେ ଦୁଇଜଣଙ୍କର ଚେତା ପଶିଲା । ଆଉ ଡିଗ୍ରୀଜାରି ପିଆଦା ଜୁଲୁମରେ ଘରେ ରହିପାରିଲେ ନାହିଁ । ରାତି ଅନ୍ଧାରରେ କାହିଁ ଅନ୍ତର୍ଦ୍ଧାନ ।

ପାଞ୍ଚ ଛ ବର୍ଷ ବାଦେ ଜମିଦାରବାବୁ ତାଙ୍କ ଶଶୁର କାମରେ ଆସାମରେ ଖାନସମାଗିରି କାମ କରୁଥିବାର ଦେଶରେ ଶୁଣାଗଲା ।

**ସୂଚନା :**

| | | |
|---|---|---|
| ଦଣ୍ଡିଦାର | - | ଯେଉଁ ଲୋକ ଉତ୍ପାଦନକାରୀଙ୍କ ଠାରୁ ଦ୍ରବ୍ୟ କିଣି ମହାଜନମାନଙ୍କୁ ବିକ୍ରୟ କରେ ଓ ଏଥିପାଇଁ କମିଶନ୍ ମଧ୍ୟ ପାଏ । |
| ସରକ | - | ମସଲା |
| ଗୁମାସ୍ତା | - | ଜମିଦାରଙ୍କର ଖଜଣା ଅସୁଲ କରିବା କର୍ମଚାରୀ |
| ଗଙ୍ଗାଲାଭ | - | ମୃତ୍ୟୁବରଣ କରିବା |
| ପୋଇଲୀ | - | ଚାକରାଣୀ |
| ଲେଭେଣ୍ଡର | - | ସୁବାସିତ ଅତର |
| ଜନାନା | - | ସ୍ତ୍ରୀଲୋକ |
| ବିବର୍ଜିତ | - | ରହିତ, ପରିତ୍ୟକ୍ତ |
| ସଉଦାଗର | - | ବଣିକ |
| କଣ୍ଟାଧରିବା | - | ଓଜନ କରିବା |
| ଖଡ଼ିପାଠ | - | ଲେଖାଲେଖି ପାଠ |
| ଆକବରୀ ମୋହର | - | ଆକବରଙ୍କର ସମୟରେ ପ୍ରଚଳିତ ସୁନାମୋହର |
| ସଲାମି | - | ରାଜାଙ୍କୁ ପ୍ରଥମ ଦର୍ଶନ ସମୟରେ ଦିଆଯାଉଥିବା ଉପହାର |

କେମନ୍ତ କର,ଆପଣଙ୍କର - "What do you do" ର ହାସ୍ୟରସାତ୍ମକ ଅନୁବାଦ ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଗଦିଆନ, ହୋସ୍, ଅବଖୁରା, ଗଣ୍ଡିକଟା, ଜଥା ତୋଖଡ଼ ମୋଖଡ଼, କିତାପ, ସଜ୍ଞାନ, ପାଞ୍ଜିଆ, ପ୍ରଜାପାଟକ, ହବିଷାଆନ୍ନ, ମଙ୍ଗଳକୃତ୍ୟ, ବିମୋହିତ, ଖପା, ବବୁର୍ଚିଖାନା, ତଦାରଖ, କିସ୍ତି, ଇଦମଥ୍, ଖାନସମାଗିରି, ପିଆଦା

### ଅଭ୍ୟାସ

**ଆସ, କଥାବାର୍ତ୍ତା ହେବା :**

୧. ମହାଜନଙ୍କର ମୋହର ପୁଟୁଳା କିଏ ପାଇଥିଲା ?

୨. ବାବୁ ଗୋପାଳଚନ୍ଦ୍ରଙ୍କ ପୁଅର ନାମ କ'ଣ ?

୩. ରାଜୀବ ବାବୁଙ୍କର ଇଂରାଜୀ ପଢ଼ା କେଉଁଠାରେ ହେଲା ?

୪. ହରିବୋଲ ବାବୁ ପ୍ରଥମେ କେଉଁ ଚାକିରି କରିଥିଲେ ?

୫.  ନୂଆ ଜମିଦାର ବାବୁ ନିଜ ଗ୍ରାମରେ କେଉଁ ଅନୁଷ୍ଠାନ କରିଥିଲେ ?

୬.  ମାଆ ସାଆନ୍ତାଣୀ କେଉଁଠାରେ ସମୟ କଟାଉଥିଲେ ?

୭.  ନୂଆ ଜମିଦାରବାବୁ କାହାକୁ ବିବାହ କଲେ ?

୮.  ଜମିଦାର ବାବୁଙ୍କର କରଣମାନେ ମେନେଜର ବାବୁଙ୍କୁ କ'ଣ ଜଣାଇଲେ ?

୯.  ନୂଆ ଜମିଦାର ବାବୁଙ୍କ ପାଖକୁ କଟକରୁ କେଉଁ ଖବର ଆସିଥିଲା ?

## ଆସ, ମନେପକାଇ ଦୁଇ ତିନି ଧାଡ଼ିରେ ଉତ୍ତର ଲେଖିବା :

୧୦. ଅତୀତ ଉତ୍କଳରେ କଲିକତି ଧୂଆଁପତ୍ରର ନାମ ବାଲେଶ୍ୱରୀ ରଖାଯାଇଥିଲା କାହିଁକି ?

୧୧. ଗୋପାଳବାବୁ କିପରି ମୃତ୍ୟୁବରଣ କଲେ ?

୧୨. ପୋଇଲୀମାନେ ନୂଆ ଜମିଦାରବାବୁଙ୍କ ସ୍ତ୍ରୀ କିପରି ସମ୍ବୋଧନ କରୁଥିଲେ ?

୧୩. ପୋଇଲୀ ପଦୀ ଉଆସ ଛାଡ଼ି ଚାଲିଗଲା କାହିଁକି ?

୧୪. ଉକ୍ତ ଗଳ୍ପରୁ କେଉଁ ନୀତିଶିକ୍ଷା ମିଳେ ?

୧୫. ପାଞ୍ଚ ଛଅ ବର୍ଷ ପରେ ଜମିଦାରବାବୁଙ୍କ ସଂପର୍କରେ କ'ଣ ଶୁଣାଗଲା ।

୧୬. 'ବାଲେଶ୍ୱର' ଏକ ବିଶେଷ୍ୟ ପଦ । ଏହାର ବିଶେଷଣ ରୂପ ହେଉଛି 'ବାଲେଶ୍ୱରୀ' । ସେହିପରି ତଳଲିଖିତ ବିଶେଷ୍ୟ ପଦର ବିଶେଷଣ ରୂପ ଲେଖିବା ।

କଟକ : ________________

ଆକବର : ________________

ସାହସ : ________________

ବିବେକ : ________________

ଜମିଦାର : ________________

୧୭. 'ମଜୁରି'ଶବ୍ଦରେ 'ଇଆ' ପ୍ରତ୍ୟୟ ଯୋଗ କଲେ 'ମଜୁରିଆ' ହୁଏ । ଆସ ତଳ ଲିଖିତ ଶବ୍ଦଗୁଡ଼ିକର ନୂଆ ରୂପ ଲେଖିବା ।

ହଳ : ________________

ମୂଳ : ________________

ଗହଳ : ________________

୧୮. 'କିଲାସ' ର ଗଦ୍ୟ ରୂପ 'କ୍ଲାସ' । ଏହା ଏକ ଇଂରାଜୀ ଶବ୍ଦ । ଏହି ଗଳ୍ପରେ ଥିବା ଏହିଭଳି ପାଞ୍ଚୋଟି ବୈଦେଶିକ ଶବ୍ଦର ତାଲିକା କରିବା ।

| | | | | |
|---|---|---|---|---|
| | | | | |

୧୯. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଅଭିଧାନ ଖୋଜି ଲେଖିବା ।

| | |
|---|---|
| କଳନ୍ତର : | |
| ପିଆଦା : | |
| ସାଷ୍ଟାମ : | |
| ପୋଇଲି : | |
| କୁସଂସ୍କାର : | |

୨୦. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ଶବ୍ଦ ମିଳନ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ଆକସ୍ମିକ | ବିବର୍ଦ୍ଧିନୀ |
| ଶିକ୍ଷିତ | ଘଟଣା |
| ସ୍ୱାଧୀନତା | ଜମିଦାର |
| କୁସଂସ୍କାର | ବିମର୍ଦ୍ଦିନୀ |
| | ବିଘ୍ନକାରୀ |

୨୧. "ବାଡ଼ିବଗିଚା" ଏକ ଯୁଗ୍ମଶବ୍ଦ । ନିମ୍ନଲିଖିତ ଶୂନ୍ୟସ୍ଥାନ ଏହିଭଳି ଶବ୍ଦ ଯୋଡ଼ି ପୂରଣ କର ।

ମଉଜ ____________ ____________ ତାମସା ଗୋରୁ ____________

____________ ବାନ୍ଧବ ପିଠା ____________

୨୨. 'ଆରମ୍ଭ'ର ବିପରୀତ ଅର୍ଥବୋଧକ ଶବ୍ଦ 'ଶେଷ' । ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖିବା ଓ ତାକୁ ବାକ୍ୟରେ ବ୍ୟବହାର କରିବା ।

ଆଦାନ :

ଉପକାର :

ଶିକ୍ଷିତ :

ଧନୀ :

ଦେଶୀ :

ବିପକ୍ଷ :

ଚେତା :

୨୩. ଠିକ୍ ଉତ୍ତରଟି ବାଛି ଲେଖ ।

ମହାଜନ ବଳରାମ ବାବୁଙ୍କର ପ୍ରିୟ ଥିଲେ ବାବୁ ଗୋପାଳଚନ୍ଦ୍ର କାରଣ –

କ) ସେ ବାପମାଆ ଛେଉଣ୍ଡ ଥିଲେ ।

ଖ) ସେ ହିସାବୀ ଥିଲେ ।

ଗ) ସେ କର୍ମଦକ୍ଷ ଥିଲେ ।

ଘ) ସେ ମହାଜନ ବଳରାମ ବାବୁଙ୍କର ଅନୁଗତ ଥିଲେ ।

୨୪. ଏକଥା କିଏ କାହାକୁ କହିଛନ୍ତି, ମନେପକାଇ ଲେଖିବା ।

(କ) ଆଲୋ ମୋ ମା ଲୋ ! ଆଲୋ ମୋ ବାପା ଲୋ ! ଜୋତା ମାଡ଼ି ହାଣ୍ଡିଶାଳରେ ପଶିଲା ଲୋ ! ହାଣ୍ଡିଶାଳ ମାରୁ ଗଲା ଲୋ ! [ ]

(ଖ) 'ମାରିପିଟି ପ୍ରଜାଙ୍କଠାରୁ ଆଗତୁରା ବର୍ଷକର ଖଜଣା ଅସୁଲ କର ।' [ ]

(ଗ) 'ତୁ ବେଶୀ ବେଶୀ ପାସ୍ କରି ପକା, ଯେତେ ଟଙ୍କା ଲାଗିବ ଲାଗୁ ।' [ ]

(ଘ) 'ଓ ଆମ୍ଭର ପ୍ରିୟ ଶାଶୁ, ନମସ୍କାର..... ନମସ୍କାର । କେମନ୍ତ କର ଆପଣଙ୍କର ।' [ ]

(ଙ) 'ରାଜୀବ ମୋ ବୋଲ ମାନେ ନାହିଁ, ଦିନଯାକ ଗାଁ ଟୋକାଙ୍କ ସାଙ୍ଗରେ ଦାଣ୍ଡରେ ବୁଲୁଥାଏ । ତାକୁ ସାଙ୍ଗରେ ଘେନିଯାଅ ।' [ ]

୨୫. କପାଳିଆ, ପୋଥିପାଠ, ଗଙ୍ଗାଲାଭ, ତଦାରଖ, ଘରକରଣା ଏହି ଶବ୍ଦ ପାଞ୍ଚୋଟିକୁ ନେଇ ମନରୁ ଅନୁଚ୍ଛେଦଟିଏ ଲେଖିବା ଓ ତା'ର ନାମ ଦେବା ।

୨୬. କୋଠରି ମଧ୍ୟରେ ଦଶଗୋଟି ଶବ୍ଦ ରହିଅଛି । ସେଥିମଧ୍ୟରୁ ଗୋଟିଏ ଶବ୍ଦ ପାଇଁ ମୁଣ୍ଡୁଳା ଦିଆଯାଇଛି । ଅବଶିଷ୍ଟ ନଅଟି ଶବ୍ଦକୁ ଖୋଜି ଲେଖିବା ।

| | | | | | |
|---|---|---|---|---|---|
| ପ୍ର | କି | ଜା | ତା | ପା | ପ |
| ବି | ଟ | ମୋ | କ | ହି | ତ |
| ଅ | ହୋ | ବ | ସ୍ | ଖୁ | ରା |
| ପି | ତ | ଆ | ଦା | ଦା | ର |
| ସ | ନ | ଙ୍କା | ମା | ନ | ଖ |
| ଖା | ଖ | ସା | ଦା | ଗି | ରି |

ଅବଖୁରା

## ତୁମପାଇଁ କାମ :

୧. ଫକୀରମୋହନ ସେନାପତିଙ୍କର ଅନ୍ୟ ଗଳ୍ପଗୁଡ଼ିକୁ ସଂଗ୍ରହ କରି ପଢ଼ିବା ।

୨. ଓଡିଆ ଭାଷା ସାହିତ୍ୟରେ ଥିବା ଅନ୍ୟାନ୍ୟ ହାସ୍ୟରସାତ୍ମକ ଗଳ୍ପ ଓ ଗାଳ୍ପିକମାନଙ୍କର ନାମ ସଂଗ୍ରହ କରି ଏକ ତାଲିକା ପ୍ରସ୍ତୁତ କରିବା ।

୨୫. ତୁମ ଅନୁଭୂତିରେ ଆସିଥିବା କୌଣସି ହାସ୍ୟରସାତ୍ମକ ଘଟଣାକୁ ଗଳ୍ପରୂପ ଦେଇ ଲେଖ ।

❖❖❖

# ସାର୍ ଆଇଜାକ୍ ନିଉଟନ୍

L41HEH

● ମଧୁସୂଦନ ରାଓ

## ଲେଖକ ପରିଚୟ :

ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ପୁରୋଧା ଭକ୍ତକବି ମଧୁସୂଦନ ରାଓ (୧୮୫୩-୧୯୧୨) । ଶୈଶବରୁ ମାତୃହୀନ ହୋଇ ସେ ଈଶ୍ୱର ଅନୁରାଗୀ ହୋଇଥିଲେ । ସେ ବ୍ୟକ୍ତିଗତ ଜୀବନରେ ବ୍ରାହ୍ମଧର୍ମରେ ଦୀକ୍ଷିତ ହୋଇଥିବାରୁ ତାଙ୍କର ସୃଷ୍ଟି ସଂପଦରେ ଐଶ୍ୱରିକ ଭାବ ପ୍ରକାଶ ପାଇଥିଲା । ବୃତ୍ତିଗତ ଜୀବନରେ ସେ ଶିକ୍ଷକତାରୁ ଶିକ୍ଷାପ୍ରଶାସକ ପଦବୀକୁ ଉନ୍ନୀତ ହୋଇଥିଲେ । ଶିକ୍ଷା ବିସ୍ତାର ପାଇଁ ସେ ବହୁ ପାଠ୍ୟପୁସ୍ତକ ରଚନା କରିଥିଲେ । 'ବର୍ଣ୍ଣବୋଧ', 'ଶିଶୁବୋଧ', 'ବିଜ୍ଞାନପାଠ', 'ଅଙ୍କପୁସ୍ତକ', 'ସାହିତ୍ୟ ମଞ୍ଜରୀ', ଓ 'ସାହିତ୍ୟ କୁସୁମ' ଇତ୍ୟାଦି ପାଠ୍ୟପୁସ୍ତକ ତାଙ୍କର ରଚନା । ତାଙ୍କର ଅଧିକାଂଶ କବିତାରେ ଜାତୀୟତାଭାବ ଓ ଧର୍ମଭାବନା ପ୍ରକାଶିତ । 'ଜନ୍ମଭୂମି', 'ଭାରତୀ ବନ୍ଦନା', 'ଉତ୍କଳ ଜନନୀ' ଆଦି କବିତାରେ ଜାତୀୟତା ଭାବ ପ୍ରକାଶ ପାଇଥିବା ବେଳେ 'ଆକାଶ ପ୍ରତି', 'ପଦ୍ମ', 'ଋଷିପ୍ରାଣେ ଦେବାବତରଣ' ପ୍ରଭୃତି କବିତାରେ ତାଙ୍କର ଭକ୍ତିଭାବନା ପ୍ରତିଫଳିତ । ସେ ଜଣେ ସଫଳ ଅନୁବାଦକ ଥିଲେ । ସମାଜକୁ ସ୍ନେହ, ମମତା ଓ କରୁଣାରେ ଭରିଦେବା ପାଇଁ ସେ ଯେଉଁ ସାରସ୍ୱତ ସୃଷ୍ଟି କରିଯାଇଛନ୍ତି, ସେଥିପାଇଁ ସେ ଚିରଦିନ ଅମର ହୋଇ ରହିବେ ।

ଆଲୋଚ୍ୟ ପ୍ରବନ୍ଧରେ ମହାକର୍ଷଣଶକ୍ତିର ଆବିଷ୍କର୍ତ୍ତା ବିଶ୍ୱବିଶ୍ରୁତ ବୈଜ୍ଞାନିକ ସାର୍ ଆଇଜାକ୍ ନିଉଟନ୍‌ଙ୍କର ଜୀବନୀ ଓ ବିଜ୍ଞାନକ୍ଷେତ୍ରରେ ତାଙ୍କର ମହନୀୟ ଅବଦାନ ଆଲୋଚିତ ହୋଇଛି ।

---

**ଯେ**ଉଁ ବର୍ଷ ଇଟାଲୀର ସୁବିଖ୍ୟାତ ଜ୍ୟୋତିର୍ବେତ୍ତା ଗାଲିଲିଓ ମାନବଲୀଳା ସମ୍ବରଣ କଲେ, ସେହିବର୍ଷ ଆଇଜାକ୍ ନିଉଟନ୍ ପୃଥିବୀରେ ଆବିର୍ଭୂତ ହେଲେ । ନିଉଟନ୍ ଖ୍ରୀଷ୍ଟାବ୍ଦ ୧୬୪୨ ସାଲର ଡିସେମ୍ବର ମାସରେ ଇଂଲଣ୍ଡର ଅନ୍ତଃପାତୀ ଉଲସ୍‌ଥର୍ପ ନାମକ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଏହି ମହାତ୍ମାଙ୍କ ବିଷୟରେ ଜଣେ ପ୍ରଧାନ ଇଂଲଣ୍ଡୀୟ କବି ନିମ୍ନଲିଖିତ ରୂପେ ଲେଖିଅଛନ୍ତି । "ପ୍ରକୃତି ଏବଂ ତାହାର ନିୟମଚୟ ଘୋର ଅନ୍ଧକାରରେ ଆବୃତ ଥିଲା । 'ନିଉଟନ୍ ଆବିର୍ଭୂତ ହେଉନ୍ତୁ' ଏହି ବାଣୀ ଈଶ୍ୱର ଉଚ୍ଚାରଣ କଲେ, ତଦନନ୍ତର ସମସ୍ତ ବିଶ୍ୱତତ୍ତ୍ୱ ଉଜ୍ଜ୍ୱଳରୂପେ ପ୍ରତିଭାତ ହେଲା ।'' ବାସ୍ତବରେ ମହାନୁଭବ ନିଉଟନ୍ ଯେଉଁ ମହାତତ୍ତ୍ୱମାନଙ୍କ ଆବିଷ୍କ୍ରିୟା ଓ ପ୍ରମାଣ କରିଅଛନ୍ତି, ତାହାଦ୍ୱାରା ଜଗତର ଅଶେଷ ଉପକାର ସଂସାଧିତ ହୋଇଅଛି ଏବଂ ବିଜ୍ଞାନର ପ୍ରଭୂତ ଉନ୍ନତି ସମ୍ପାଦିତ ହେଉଅଛି ।

ଉକ୍ତ ଉଲସ୍ଥର୍ପ ଗ୍ରାମରେ ନିଉଟନ୍‌ଙ୍କର ପିତା ତାଙ୍କର ସ୍ୱଳ୍ପ ପୈତୃକଭୂମିର କର୍ଷଣଦ୍ୱାରା ବୃତ୍ତିସମ୍ପାଦନ କରୁଥିଲେ । କିଶୋରାବସ୍ଥାରେ ପିତୃହୀନ ହେବାରୁ ନିଉଟନ୍‌ଙ୍କୁ ସ୍ୱୀୟ ଜନନୀ ସମୀପରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିବାକୁ ହୋଇଥିଲା । ଦ୍ୱାଦଶ ବୟଃକ୍ରମକାଳରେ ନିଉଟନ୍ ଗ୍ରାନ୍ଥାମନଗର ପାଠଶାଳାକୁ ପ୍ରେରିତ ହେଲେ । ସେଠାରେ ଯନ୍ତ୍ରାଦି ନିର୍ମାଣ ବିଷୟରେ ବିଚିତ୍ର ଶିଳ୍ପକୌଶଳ ପ୍ରକାଶ କରି ଅସାଧାରଣ ଧୀମତ୍ତାର ପରିଚୟ ପ୍ରଦାନ କରିଥିଲେ । ଯେତେବେଳେ ପାଠଶାଳାର ଛାତ୍ରମାନେ ଅବସର ପାଇ ନାନା କ୍ରୀଡ଼ା କରୁଥାନ୍ତି, ନିଉଟନ୍ ସେହି ସମୟରେ ବିବିଧ ଯନ୍ତ୍ରର ପ୍ରତିରୂପ ନିର୍ମାଣରେ ଅଭିନିବିଷ୍ଟ ଥାନ୍ତି । ସେ ଏହି ସମୟରେ ଗୋଟିଏ ଜଳ ଘଟିକା ନିର୍ମାଣ କରିଥିଲେ । ସେହି ଘଟିକାର ଶଙ୍କୁଦଣ୍ଡ, ଗୋଟିଏ ବାକ୍‌ସ ମଧ୍ୟରୁ ନିପତିତ ଜଳବିନ୍ଦୁର ଆଘାତଦ୍ୱାରା ପରିଚାଳିତ ହେଉଥିଲା ଏବଂ ସେଥିରେ ସମୟଜ୍ଞାପନାର୍ଥ ଗୋଟିଏ ଅଙ୍କିତ ପଟ ସନ୍ନିବିଷ୍ଟ ଥିଲା ।

ପ୍ରୋକ୍ତ ପାଠଶାଳାରୁ ବହିର୍ଗତ ହେଲା ଉତ୍ତାରେ ନିଉଟନଙ୍କୁ କୃଷକବ୍ୟବସାୟ ଅବଲମ୍ବନ କରିବାକୁ ହେବ ବୋଲି ତାଙ୍କର ଅଭିଭାବକମାନେ ସ୍ଥିର କରିଥିଲେ; ମାତ୍ର ଏପରି ଶାରୀରିକ ଶ୍ରମସାଧ କାର୍ଯ୍ୟ ନିମିତ୍ତ ସେ ଯେ ସର୍ବଦା ଅନୁପଯୁକ୍ତ ଥିଲେ, ଏହା ଶୀଘ୍ର ପ୍ରତିପନ୍ନ ହୋଇଥିଲା । ଯେଉଁ ସମୟରେ କୃଷି ସମ୍ବନ୍ଧୀୟ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବା ତାହାଙ୍କର ଉଚିତ ଥିଲା, ସେତେବେଳେ ନିଉଟନ୍ ନିଶ୍ଚିନ୍ତ ମନରେ ତରୁତଳରେ ଉପବିଷ୍ଟ ହୋଇ ଗାଢ଼ ଅଧ୍ୟୟନରେ ନିଯୁକ୍ତ ଥାନ୍ତି ଏବଂ କୃଷିଲବ୍ଧ ଦ୍ରବ୍ୟମାନ ବିକ୍ରୟ କରିବାକୁ ପ୍ରେରିତ ହେଲେ, ସେ ଉକ୍ତ କାର୍ଯ୍ୟର ଭାର ଜଣେ ଭୃତ୍ୟଠାରେ ଅର୍ପଣ କରି, ନିଜେ ତୃଣରାଶି ଉପରେ ଅସୀନ ହୋଇ ଗଣିତବିଷୟକ ସମସ୍ୟାସାଧନରେ ଅଭିନିବିଷ୍ଟ ଥାନ୍ତି । ତାହାଙ୍କର ଜନନୀ ପୁତ୍ରର ଏପରି ଅଲୌକିକ ବିଦ୍ୟାନୁରାଗ ସନ୍ଦର୍ଶନ କରି ତାହାଙ୍କୁ ୧୬୬୦ ଖ୍ରୀଷ୍ଟାବ୍ଦର ଜୁନ ମାସରେ କେମ୍ବ୍ରିଜନଗରସ୍ଥ ବିଶ୍ୱବିଦ୍ୟାଳୟକୁ ପ୍ରେରଣ କଲେ ।

ନିଉଟନ୍ ସ୍ୱୀୟ ଅଧ୍ୟବସାୟ, ପ୍ରତିଭା, ସୁଶୀଳତା ଏବଂ ନିରହଙ୍କାରସ୍ୱଭାବ ଦ୍ୱାରା ଅଧ୍ୟାପକ ଏବଂ ସହାଧ୍ୟାୟୀମାନଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ । ବିଶେଷତଃ ସୁବିଖ୍ୟାତ ଧର୍ମୋପଦେଷ୍ଟା ଏବଂ ଗଣିତଜ୍ଞ ଆଇଜାକ୍ ବାରୋଙ୍କ ସହିତ ତାଙ୍କର ଅତ୍ୟନ୍ତ ଆତ୍ମୀୟତା ସ୍ଥାପନ ହୋଇଥିଲା । କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ପ୍ରବିଷ୍ଟ ହୋଇ ସେ ପ୍ରଥମେ ସଣ୍ଡର୍ସନରଚିତ ନ୍ୟାୟଶାସ୍ତ୍ର ଏବଂ କେପ୍‌ଲରପ୍ରଣୀତ ଦୃଷ୍ଟିବିଜ୍ଞାନ ଏବଂ ଡେକାର୍ଟରଚିତ ରେଖାଗଣିତ ଅଧ୍ୟୟନ କରିଥିଲେ । ସେ ଇଉକ୍‌ଲିଡ଼ଙ୍କର ଜ୍ୟାମିତିଗ୍ରନ୍ଥ ଏହି ସମୟରେ ଉତ୍ତମରୂପେ ପାଠ କରିପାରି ନଥିଲେ ବୋଲି ଉତ୍ତରକାଳରେ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଥିଲେ ।

କେମ୍ବ୍ରିଜ୍‌ରେ ଅଧ୍ୟୟନ କରିବା ସମୟରେ ନିଉଟନ୍ ପଦାର୍ଥବିଜ୍ଞାନର ଅନ୍ତର୍ଗତ ଆଲୋକପ୍ରକରଣକୁ ପ୍ରଗାଢ଼ ଅଭିନିବେଶ ସହକାରେ ପର୍ଯ୍ୟାଲୋଚନା କରିଥିଲେ । ଫ୍ରାନ୍‌ସର ସୁବିଖ୍ୟାତ ଗଣିତଜ୍ଞ ଏବଂ ଦାର୍ଶନିକ ଡେକାର୍ଟ ଏଥିପୂର୍ବେ ଏହି ସିଦ୍ଧାନ୍ତ କରିଥିଲେ ଯେ, ଅନ୍ତରୀକ୍ଷବ୍ୟାପୀ ସ୍ଥିତିସ୍ଥାପକ ସୂକ୍ଷ୍ମପଦାର୍ଥବିଶେଷର ସଞ୍ଚାଳନଦ୍ୱାରା ଆଲୋକର ଉତ୍ପତ୍ତି ହୁଏ । ନିଉଟନ୍ ଏହି ମତ ଖଣ୍ଡନ କଲେ । ଗୋଟିଏ ତମସାବୃତ ପ୍ରକୋଷ୍ଠରେ ପ୍ରବେଶ କରି ଖଣ୍ଡେ ବହୁକୋଣବିଶିଷ୍ଟ କାଚ ଉପରେ କବାଟର କ୍ଷୁଦ୍ର ଛିଦ୍ରଦ୍ୱାରା, ସୌରକିରଣ ନିପାତିତ କଲେ ଏବଂ ଏହି ପରୀକ୍ଷାଦ୍ୱାରା ଦେଖିଲେ ଯେ, ଆଲୋକ କାଚର ଭିତରଦେଇ ଗମନ କରି ଏପ୍ରକାର ବକ୍ର ଓ ଭଙ୍ଗୁର ହୋଇଅଛି ଯେ ଉକ୍ତ ପ୍ରକୋଷ୍ଠର ଭିତ୍ତିଉପରେ ସପ୍ତବିଧ ବିଭିନ୍ନ ବର୍ଣ୍ଣ ପ୍ରତିଫଳିତ ହୋଇଅଛି । ଅବଶେଷରେ ସେ ବିବିଧ ପରୀକ୍ଷାଦ୍ୱାରା ଆଲୋକର ପ୍ରକୃତ ତତ୍ତ୍ୱ ଅବଧାରଣ କଲେ । ତାହା ଏହି ଯେ, ଆଲୋକ ଅଣୁରୂପେ ବିଭାଜ୍ୟ କିରଣମାନଙ୍କ ସମଷ୍ଟି ଅଟେ ଏବଂ ଶୁକ୍ଳ ଆଲୋକର ପ୍ରତ୍ୟେକ କିରଣକୁ ବିଶ୍ଳେଷଣ କଲେ ଦେଖାଯିବ ଯେ ଏହା ରକ୍ତ, ପୀତ, ନୀଳ ଏହି ତିନୋଟି ବିଭିନ୍ନ ବର୍ଣ୍ଣଭଙ୍ଗୁର ମୌଳିକ କିରଣର ସମବାୟ ଅଟେ । ଏହି ସୁପ୍ରସିଦ୍ଧ ଆବିଷ୍କ୍ରିୟାକୁ ଦୃଷ୍ଟିବିଜ୍ଞାନଶାସ୍ତ୍ରର ମୂଳଭିତ୍ତି ବୋଲିବାକୁ ହେବ ।

୧୬୬୫ ଖ୍ରୀଷ୍ଟାବ୍ଦରେ କେମ୍ବ୍ରିଜ ନଗରରେ ଘୋର ମହାମାରୀଭୟ ଉପସ୍ଥିତ ହେବାରୁ ବିଶ୍ୱବିଦ୍ୟାଳୟର ଅଧ୍ୟାୟୀବର୍ଗ ଅନ୍ୟାନ୍ୟ ସ୍ଥାନକୁ ପ୍ରସ୍ଥାନ କଲେ । ନିଉଟନ୍ ଏହି ସମୟରେ ପ୍ରାଣରକ୍ଷାର୍ଥ ସ୍ୱୀୟ ଗ୍ରାମକୁ ଗମନ କରିଥିଲେ । ସେଠାରେ ସାଧାରଣ ପୁସ୍ତକାଳୟର ଅଭାବ ଏବଂ ଶାସ୍ତ୍ରଜ୍ଞ ପଣ୍ଡିତମାନଙ୍କର ବିରଳତା ଯୋଗୁଁ ତାଙ୍କୁ ପ୍ରଗାଢ଼ ଅଧ୍ୟୟନ ଏବଂ ଶାସ୍ତ୍ରାଳାପ ସୁଖରୁ ବଞ୍ଚିତ ହେବାକୁ ହୋଇଥିଲା; ତଥାପି ସେ ଏହି ସମୟରେ ମାଧ୍ୟାକର୍ଷଣରୂପେ ସୁମହତ୍ ତତ୍ତ୍ୱ ପ୍ରକାଶ କରି ବୈଜ୍ଞାନିକ ଜଗତରେ ମହାବିପ୍ଳବ ସଂଘଟିତ କଲେ । ଦିନେ ସେ ନିଜ ଉଦ୍ୟାନ ମଧ୍ୟରେ ବସି ଅଛନ୍ତି, ଏମନ୍ତ ସମୟରେ ଏକ ଆତବୃକ୍ଷରୁ ଗୋଟିଏ ଫଳ ଭୂମିରେ ପତିତ ହେଲା । ସେ ତାହା ଦେଖି ପଦାର୍ଥମାନଙ୍କ ପତନ ବିଷୟକ ସାଧାରଣ ନିୟମ ଆଲୋଚନା କରିବାକୁ ଲାଗିଲେ । ଅନନ୍ତର ଏହି ବିଷୟକୁ ପୁନର୍ବାର ଆଲୋଚନାକରି ଅବଧାରଣ କଲେଯେ, ଯେଉଁ କାରଣରୁ ଆତଫଳ ଭୂତଳରେ ପଡୁଅଛି, ସେହି କାରଣରୁ ଗ୍ରହମାନେ ସ୍ୱସ୍ୱ କକ୍ଷରେ ଅବସ୍ଥାପିତ ଅଛନ୍ତି ଏବଂ ସେହି କାରଣ ଜ୍ୟୋତିଷ୍କମାନଙ୍କର ଗତିର ନିୟାମକ ଅଟେ । ଏହି ପ୍ରକାରେ ପଦାର୍ଥମାନଙ୍କର ଆକର୍ଷଣ ତତ୍ତ୍ୱ ଏବଂ ଗୁରୁତ୍ୱର ନିୟମ ଆବିଷ୍କୃତ ହେଲା । ଏହି ସାଧାରଣ ନିୟମର ପ୍ରକାଶଦ୍ୱାରା ଜ୍ୟୋତିର୍ବିଦ୍ୟାର ପ୍ରଭୂତ ଉନ୍ନତି ସାଧିତ ହୋଇଅଛି ।

ଅନନ୍ତର ୧୬୬୯ ଖ୍ରୀଷ୍ଟାବ୍ଦରେ ତାହାଙ୍କର ସୁବିଖ୍ୟାତ ବନ୍ଧୁ ଡକ୍ଟର ବାରୋ ଗଣିତଶାସ୍ତ୍ରର ଅଧ୍ୟାପକପଦ ପରିତ୍ୟାଗ କରନ୍ତେ ନିଉଟନ୍ ତହିଁରେ ନିଯୁକ୍ତ ହେଲେ । ଦୃଷ୍ଟିବିଜ୍ଞାନ ବିଷୟରେ ସେ ଯେଉଁ ମହାତତ୍ତ୍ୱମାନ ଆବିଷ୍କୃତ କରିଥିଲେ ତାହାକୁ ଅବଲମ୍ବନ କରି ନିଉଟନ୍ ପ୍ରଥମତଃ କିଛିକାଳ ଅଧ୍ୟାୟୀମାନଙ୍କୁ ଶିକ୍ଷା ଦେଇଥିଲେ । ଆଲୋକ ଏବଂ ବର୍ଣ୍ଣବିଷୟକ ଅଭିନବତତ୍ତ୍ୱ ସେ ଏପରି ବିଶଦରୂପେ ବ୍ୟାଖ୍ୟା କରିଥିଲେ ଯେ, ତାହାଙ୍କର ଶ୍ରୋତୃବର୍ଗ ପରମପରିତୋଷ ଲାଭ କରିଥିଲେ । ୧୬୭୧ ସାଲ୍‌ରେ ନିଉଟନ୍ ରୟାଲସୋସାଇଟି ନାମକ ସୁପ୍ରସିଦ୍ଧ ବୈଜ୍ଞାନିକସମାଜର ସଭ୍ୟଶ୍ରେଣୀରେ ଭୁକ୍ତ ହୋଇଥିଲେ, କିନ୍ତୁ ଅଧ୍ୟାପକପଦର ବେତନ ବ୍ୟତିରେକେ ତାହାଙ୍କର ଅନ୍ୟପ୍ରକାର ଅର୍ଥୋପାୟ ନ ଥିବାରୁ, ସେ ସଭାର ବ୍ୟୟ ନିର୍ବାହାର୍ଥ ନିର୍ଦ୍ଦିଷ୍ଟ ଅର୍ଥସାହାଯ୍ୟ କରିବାକୁ ଅସମର୍ଥ ହୋଇଥିଲେ । ତାହାଙ୍କର କିଛିମାତ୍ର ବିଳାସ ବାସନା ନଥିଲା । ପ୍ରୟୋଜନୀୟ ପୁସ୍ତକ ଓ ବୈଜ୍ଞାନିକ ଯନ୍ତ୍ରାଦିର କ୍ରୟସମ୍ପାଦନ ଏବଂ ଦରିଦ୍ରର ଦୁଃଖାପନୋଦନ ଏହି ଉଭୟ କାର୍ଯ୍ୟ ଅନୁଷ୍ଠିତ ହେଲେ ସେ ଆପଣାକୁ ପରମସୁଖୀ ମଣୁଥିଲେ, ଅନ୍ୟ ଆମୋଦସ୍ପୃହା ତାଙ୍କର ହୃଦୟରେ ସ୍ଥାନ ପାଉନଥିଲା । ୧୬୮୩ ଖ୍ରୀଷ୍ଟାବ୍ଦରେ ସେ 'ପ୍ରିନ୍‌ସପିଆ' ନାମକ ତାଙ୍କର ସୁପ୍ରସିଦ୍ଧ ଗ୍ରନ୍ଥକୁ ରଚନା କଲେ । ଏହି ଗ୍ରନ୍ଥରେ ଗଣିତସୂତ୍ର ଅବଲମ୍ବନ କରି ପଦାର୍ଥବିଜ୍ଞାନର ତତ୍ତ୍ୱମାନ ବିବୃତ ହୋଇଅଛି । ଯେଉଁ ୧୬୮୮ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡରେ ଗୋଟିଏ ପ୍ରକାଣ୍ଡ ରାଷ୍ଟ୍ରବିପ୍ଳବ ସଂଘଟିତ ହୋଇଥିଲା, ନିଉଟନ୍ ସେହି ବର୍ଷ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ପ୍ରତିଭୂପଦରେ ମନୋନୀତ ହୋଇ ପାର୍ଲାମେଣ୍ଟ ମହାସଭାକୁ ପ୍ରେରିତ ହୋଇଥିଲେ । ତାହାଙ୍କର ଅସାଧାରଣ ଜ୍ଞାନର ପ୍ରଭାବରେ ସେ ଅଚିରେ ସମ୍ଭ୍ରାନ୍ତ ଏବଂ ଐଶ୍ୱର୍ଯ୍ୟଶାଳୀ ବ୍ୟକ୍ତିମାନଙ୍କ ମଣ୍ଡଳୀରେ ସମାଦୃତ ହେଲେ ଏବଂ ସେମାନଙ୍କ ଯତ୍ନରେ ସେ ମୁଦ୍ରାଶାଳାର ଅଧ୍ୟକ୍ଷପଦରେ ନିଯୁକ୍ତ ହେଲେ । ଜଟିଳ ବିଷୟ ଗବେଷଣାରେ ତାହାଙ୍କର ଅସାଧାରଣ ଧୈର୍ଯ୍ୟ ଏବଂ ନୈପୁଣ୍ୟ ଥିବାରୁ ସେ ପ୍ରୋକ୍ତ ଅଧ୍ୟକ୍ଷପଦରେ ନିଯୁକ୍ତ ହେବାପାଇଁ ସମ୍ପୂର୍ଣ୍ଣରୂପେ ଯୋଗ୍ୟ ଥିଲେ ଏବଂ ମୃତ୍ୟୁକାଳ ପର୍ଯ୍ୟନ୍ତ ସେହି ପଦରେ ରହି ସର୍ବତ୍ର ସୁଖ୍ୟାତି ପ୍ରାପ୍ତ ହୋଇଥିଲେ । ୧୭୦୫ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡେଶ୍ୱରୀ ଆନନାମ୍ନୀ ରାଜ୍ଞୀ ତାହାଙ୍କୁ 'ନାଇଟ୍' ନାମକ ମର୍ଯ୍ୟାଦାସୂଚକ ଉପାଧି ପ୍ରଦାନ କରିଥିଲେ ।

ନିଉଟନ ଏପରି ଉଦାରପ୍ରକୃତିକ ଥିଲେ ଯେ, ସାମାଜିକ ସାମାନ୍ୟ ବ୍ୟାପାରରେ ସୁଦ୍ଧା ତାହାଙ୍କର କୌଣସି ପ୍ରକାର ଚରିତ୍ରର ତ୍ରୁଟି ଲକ୍ଷିତ ହେଉନଥିଲା । କଥୋପକଥନ ସମୟରେ କଦାପି ସେ ଆତ୍ମପ୍ରାଧାନ୍ୟ ପ୍ରଖ୍ୟାପନ କରିବାକୁ ଚେଷ୍ଟା କରୁନଥିଲେ । ସରଳାତ୍ମା, ପ୍ରଫୁଲ୍ଲଚିତ୍ତ ଏବଂ ସୌଜନ୍ୟପୂର୍ଣ୍ଣ ଥିବାରୁ ସମସ୍ତେ ତାହାଙ୍କର ସହାବସ୍ଥାନକାମନା

କରୁଥିଲେ ଏବଂ ଅନ୍ୟସହିତ ଆଳାପ କରିବାରେ ତାହାଙ୍କର ମହାର୍ହ ସମୟ ଅପଚିତ ହେଲେହେଁ ସେ କିଞ୍ଚିନ୍ମାତ୍ର ବିରକ୍ତି ପ୍ରଦର୍ଶନ କରୁ ନଥିଲେ; କିନ୍ତୁ ଅତି ପ୍ରତ୍ୟୁଷରେ ଉଠିବା ଅଭ୍ୟାସ ଏବଂ ସମୟର ନିୟମିତ ବିଭାଗ ଅବଲମ୍ବନ କରିବାରୁ ଅଧ୍ୟୟନ ଓ ରଚନା ନିମିତ୍ତ ତାହାଙ୍କୁ ପ୍ରଭୂତ ଅବକାଶ ମିଳୁଥିଲା ଏବଂ ସେ ଅବସର ପାଇଲାକ୍ଷଣି ପୁସ୍ତକରଚନା ଅଥବା ଗ୍ରନ୍ଥାଧ୍ୟୟନ କାର୍ଯ୍ୟରେ ଆପଣାକୁ ନିୟୋଜିତ କରୁଥିଲେ । ନିଉଟନ୍ ଦାନଶୀଳ ଏବଂ ଧାର୍ମିକ ଥିଲେ । ଅତ୍ୟନ୍ତ ବୃଦ୍ଧ ବୟସରେ ସୁଦ୍ଧା ତାହାଙ୍କର ପ୍ରତିଭା ନିଷ୍ପ୍ରଭ ହୋଇ ନଥିଲା । ତାହାଙ୍କର ପ୍ରଫୁଲ୍ଲସ୍ୱଭାବ, ସଂଯତଆହାର ଏବଂ ଶାରୀରିକ ସବଳତା ତାହାଙ୍କୁ ଜରାର ଅସହାୟତା ଏବଂ ନାନାବିଧ କଷ୍ଟରୁ ରକ୍ଷା କରୁଥିଲା । ବାର୍ଦ୍ଧକ୍ୟରେ ମଧ୍ୟ ତାହାଙ୍କର ନୟନର ଜ୍ୟୋତି ଏବଂ ବୁଦ୍ଧିମତ୍ତା ଅବ୍ୟାହତ ଥିଲା, ତାହାଙ୍କର ଆନନଶ୍ରୀ ସର୍ବଦା ଦୟାପୂର୍ଣ୍ଣ ଥିଲା । ଚରମକାଳରେ ତାହାଙ୍କୁ ଅତ୍ୟନ୍ତ ଶାରୀରିକ ଯାତନା ସହିବାକୁ ହୋଇଥିଲା; କିନ୍ତୁ ତାଙ୍କ ହୃଦୟରେ ଈଶ୍ୱରନିର୍ଭରଭାବ ଏପରି ପ୍ରବଳ ଥିଲା ଯେ, ସେ ଅପୂର୍ବ ସହିଷ୍ଣୁତା ସହିତ ସମସ୍ତ କଷ୍ଟ ସହିଥିଲେ । ୧୭୨୭ ଖ୍ରୀଷ୍ଟାବ୍ଦର ମାର୍ଚ୍ଚ ମାସ ୨୦ ତାରିଖରେ ଚତୁରଶୀତି ବର୍ଷ ବୟସରେ ନିଉଟନ୍ ପ୍ରାଣତ୍ୟାଗ କଲେ ।

ନିଉଟନ୍‌ଙ୍କର ଚରିତ୍ର ସମାନ୍ୟବ୍ୟକ୍ତିର ଚରିତ୍ରତୁଲ୍ୟ ବର୍ଣ୍ଣିତ ଅଥବା ଆଲୋଚିତ ହୋଇ ନପାରେ । ତାହାଙ୍କର ଜୀବନ ପର୍ଯ୍ୟାଲୋଚନା କଲେ ମହୋପକାର ଏବଂ ମହାଶିକ୍ଷା ଲାଭ ହୁଏ । ସେ ଅଲୌକିକ ପ୍ରତିଭା ପ୍ରଭାବରେ ଗ୍ରହମାନଙ୍କ ଗତି, ଧୂମକେତୁମାନଙ୍କର କକ୍ଷ, ସମୁଦ୍ରର ଜଳୋଚ୍ଛ୍ୱାସ ପ୍ରଭୃତିର ପ୍ରକୃତତତ୍ତ୍ୱ ଅବଧାରଣ କରିଥିଲେ । ଆଲୋକ ଏବଂ ବର୍ଣ୍ଣ ଏଇ ଦୁଇ ପଦାର୍ଥର ତତ୍ତ୍ୱ ନିରୂପଣ କରି ଦୃଷ୍ଟିବିଜ୍ଞାନଶାସ୍ତ୍ରର ମୂଳପତ୍ତନ କରିଥିଲେ । ପ୍ରଗାଢ଼ ଅଧ୍ୟବସାୟ ଏବଂ ବିଲକ୍ଷଣ ନୈପୁଣ୍ୟ ସହକାରେ ନିଉଟନ୍ ପ୍ରକୃତିରୂପ ଅନନ୍ତଗ୍ରନ୍ଥକୁ ଅଧ୍ୟୟନ କରି ସୃଷ୍ଟିକର୍ତ୍ତାଙ୍କର ଅନନ୍ତ ଶକ୍ତି, ଜ୍ଞାନ ଏବଂ କରୁଣାକୁ ମହୀୟାନ କରିଥିଲେ । ଏତାଦୃଶ ପ୍ରତିଭାଶାଳୀ ଏବଂ ବିଦ୍ୱାନ୍ ହୋଇ ସୁଦ୍ଧା ସେ ଏପରି ବିନୀତସ୍ୱଭାବ ଥିଲେ ଯେ, ସେ ନିଜ ପାଣ୍ଡିତ୍ୟବିଷୟରେ କିଛିମାତ୍ର ଅହଙ୍କାର କରୁନଥିଲେ । ତାହାଙ୍କର ଗୋଟିଏ ପ୍ରସିଦ୍ଧ ଉକ୍ତି ଜନସମାଜରେ ଅଦ୍ୟାବଧି ପ୍ରଚଳିତ ଅଛି । ତାହା ଏହି; "ମୁଁ ବାଳକତୁଲ୍ୟ ବେଳାଭୂମିରୁ ଉପଳଖଣ୍ଡ ମାତ୍ର ସଂଗ୍ରହ କରୁଅଛି, କିନ୍ତୁ ଅନନ୍ତ ଜ୍ଞାନମହାର୍ଣ୍ଣବ ଅକ୍ଷୁଣ୍ଣଭାବରେ ସମ୍ମୁଖରେ ପଡ଼ିଅଛି ।''

**ସୂଚନା :**

| | | | | | |
|---|---|---|---|---|---|
| ସୁବିଖ୍ୟାତ | – | ବିଶେଷ ଭାବେ ଖ୍ୟାତ | ଧୀମତ୍ତା | – | ବୁଦ୍ଧିଶକ୍ତି |
| ଜ୍ୟୋତିର୍ବେତ୍ତା | – | ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଜ୍ଞାନାର୍ଜନକାରୀ | ନାଇଟ | – | ଇଂଲଣ୍ଡରେ ପ୍ରଦତ୍ତ ମର୍ଯ୍ୟାଦାଜନକ ଉପାଧି । |
| ମାନବଲୀଳା ସମ୍ବରଣ କଲେ | – | ମୃତ୍ୟୁ ବରଣ କଲେ | ସୌଜନ୍ୟ | – | ସୁଜନର ଭାବ |
| ଭୂମି କର୍ଷଣ | – | ଭୂମିଚାଷ | ସମାଦୃତ | – | ବିଶେଷଭାବେ ଆଦୃତ |
| ସ୍ୱୀୟ | – | ନିଜର | ଅଭିନିବିଷ୍ଟ | – | ମନୋଯୋଗ |
| ସମୀପ | – | ନିକଟ | ଶଙ୍କୁ | – | ଖୁଣ୍ଟ |
| ଦ୍ୱାଦଶବୟଃକ୍ରମ | – | ବାରବର୍ଷ ବୟସ | ପ୍ରତିପନ୍ନ | – | ପ୍ରମାଣିତ |

| | | | | | |
|---|---|---|---|---|---|
| ଉପବିଷ୍ଟ ହୋଇ | - | ବସିକରି | ଅଭିନବ ତତ୍ତ୍ୱ | - | ନୂତନ ତତ୍ତ୍ୱ |
| ପର୍ଯ୍ୟାଲୋଚନା | - | ବିଶେଷ ଭାବେ ଆଲୋଚନା | ପରିତୋଷ | - | ସନ୍ତୁଷ୍ଟ |
| ପ୍ରସ୍ଥାନକଲେ | - | ଯାତ୍ରା କଲେ | ଯାତନା | - | କଷ୍ଟ |
| | | | ଉପଳ | - | ପଥର ଖଣ୍ଡ |

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ପ୍ରତିଭାତ, ସଂସାଧିତ, ସମ୍ପାଦିତ, ସନ୍ନିବିଷ୍ଟ, ପ୍ରତିପନ୍ନ, ପ୍ରଗାଢ଼, ସ୍ୱୀୟ, ଅନନ୍ତର, ଅଧ୍ୟାୟୀ, ବ୍ୟତିରେକ, ଦୁଃଖାପନୋଦନ, ବିବୃତ, ପ୍ରତିଭୂ, ପ୍ରଖ୍ୟାପନ, ନିଷ୍ପ୍ରଭ, ମହାର୍ଣ୍ଣବ ।

### ଅଭ୍ୟାସ

## ଆସ, କଥାବାର୍ତ୍ତା ହେବା :

୧. ବିଶ୍ୱବିଖ୍ୟାତ ବୈଜ୍ଞାନିକ ସାର୍ ଆଇଜାକ୍ ନିଉଟନ୍ କେବେ ଓ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

୨. କୃଷିପର୍ଯ୍ୟବେକ୍ଷଣ କରିବା ପରିବର୍ତ୍ତେ ନିଉଟନ୍ କେଉଁ କାର୍ଯ୍ୟ କରୁଥିଲେ ?

୩. କେଉଁ ଶାସ୍ତ୍ରକୁ ଉତ୍ତମରୂପେ ନିଉଟନ୍ ପାଠ କରିପାରି ନଥିଲେ ?

୪. ନିଉଟନ୍ କେଉଁ ମତକୁ ଖଣ୍ଡନ କରିଥିଲେ ?

୫. କେଉଁ ତିନୋଟି ବର୍ଣ୍ଣର ମିଳନରେ ଶୁକ୍ଳବର୍ଣ୍ଣ ସୃଷ୍ଟି ହୁଏ ?

୬. ୧୬୬୫ ଖ୍ରୀଷ୍ଟାବ୍ଦରେ କେମ୍ବ୍ରିଜ ନଗରୀରେ କେଉଁ ବିପଦ ସୃଷ୍ଟି ହେଲା ?

୭. ନିଜ ଉଦ୍ୟାନରେ ବସି ନିଉଟନ୍ କେଉଁ ଦୃଶ୍ୟ ଦେଖିଥିଲେ ?

୮. ନିଉଟନ କେଉଁ ତତ୍ତ୍ୱ ପ୍ରକାଶ କରି ବିଜ୍ଞାନ ଜଗତରେ ମହାବିପ୍ଳବ ସୃଷ୍ଟି କରିଥିଲେ ?

୯. ନିଉଟନ୍ ପ୍ରଥମେ କେଉଁ ପଦବୀରେ ନିଯୁକ୍ତ ହେଲେ ?

୧୦. ପ୍ରସିଦ୍ଧ ପୁସ୍ତକ 'ପ୍ରିନସ୍‌ପିଆ' ନିଉଟନ କେବେ ରଚନା କରିଥିଲେ ?

୧୧. ୧୭୦୫ ଖ୍ରୀଷ୍ଟାବ୍ଦରେ ନିଉଟନ୍‌ଙ୍କୁ କେଉଁ ମର୍ଯ୍ୟାଦା ସୂଚକ ଉପାଧି ପ୍ରଦାନ କରାଯାଇଥିଲା ?

୧୨. ଏହି ମହାନ୍ ବୈଜ୍ଞାନିକ କେବେ ପ୍ରାଣତ୍ୟାଗ କଲେ ?

୧୩. ନିଉଟନଙ୍କର କେଉଁ ଉକ୍ତି ଆଜି ମଧ୍ୟ ସ୍ମରଣୀୟ ?

## ଆସ, ମନେପକାଇ ଦୁଇ ତିନି ଧାଡ଼ିରେ ଉତ୍ତର ଲେଖିବା :

୧୪. ନିଉଟନ୍‌ଙ୍କର ପ୍ରାଥମିକ ଶିକ୍ଷା କିପରି ସମାପ୍ତ ହୋଇଥିଲା ?

୧୫. ପାଠଶାଳାରେ ଅବସର ସମୟରେ ନିଉଟନ୍ କିପରି ନିଜକୁ ନିୟୋଜିତ କରୁଥିଲେ ?

୧୬. ନିଉଟନ୍‌ଙ୍କ ମାତା ନିଉଟନଙ୍କୁ କାହିଁକି କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ପଠାଇଥିଲେ ?

୧୭. ନିଉଟନ୍‌ଙ୍କର ଲୋକପ୍ରିୟତାର ଦୁଇଟି କାରଣ ଲେଖ ।

୧୮. ଜ୍ୟୋତିର୍ବିଦ୍ୟାର ପ୍ରଭୂତ ଉନ୍ନତି କିପରି ସାଧିତ ହୋଇଛି ?

୧୯. ନିଉଟନ୍ ଆପଣାକୁ କେତେବେଳେ ପରମ ସୁଖୀ ମଣୁଥିଲେ ?

୨୦. ନିଉଟନ୍ ନିଜର ପରିଣତ ବୟସର ଅବସର ସମୟ କିପରି କଟାଉଥିଲେ ?

୨୧. ଫ୍ରାନ୍‌ସର ବିଖ୍ୟାତ ଦାର୍ଶନିକ ଡେକାର୍ଟ ଥିଲେ ପ୍ରସିଦ୍ଧ ଗଣିତଜ୍ଞ । ଏଠାରେ 'ଗଣିତଜ୍ଞ' ଶବ୍ଦର ଅର୍ଥ କେଉଁଟି ଆସ ବାଛିବା ।

କ) ଅଜ୍ଞାତ ଗଣିତକୁ ଜ୍ଞାତ କରୁଥିବା ବ୍ୟକ୍ତି

ଖ) ଅଜ୍ଞାନକୁ ଗଣିତ ଜ୍ଞାନପ୍ରଦାନ କରୁଥିବା ବ୍ୟକ୍ତି

ଗ) ଗଣିତରେ ବିଶେଷ ଜ୍ଞାନାର୍ଜନ କରିଥିବା ବ୍ୟକ୍ତି

ଘ) ଗଣିତରେ ଅଜ୍ଞଥିବା ବ୍ୟକ୍ତି

---

୨୨. ନିଉଟନ୍ ୧୭୨୭ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୨୦ ତାରିଖରେ ମାନବ ଲୀଳା ସମ୍ବରଣ କଲେ । 'ମାନବ ଲୀଳା ସମ୍ବରଣ'ର ପ୍ରକୃତ ଅର୍ଥଟି କ'ଣ ସମ୍ଭାବ୍ୟ ଭିତରୁ ବାଛିବା ।

କ) ଜନ୍ମ ଗ୍ରହଣ କରିବା

ଖ) ମୃତ୍ୟୁ ବରଣ କରିବା

ଗ) ମାନବ ଲୀଳାକୁ ଗୁରୁତ୍ୱ ଦେବା

ଘ) ମାନବର ଉତ୍ତମ କାର୍ଯ୍ୟକୁ ସ୍ୱାଗତ କରିବା

୨୩. 'ତମସାବୃତ' – ଅର୍ଥାତ୍ ତମସାରେ ଆବୃତ । ସେହିପରି ନିମ୍ନଲିଖିତ କ୍ଷେତ୍ରରେ କ'ଣ ହେବ ପ୍ରଥମେ କହିବା ଓ ପରେ ଲେଖିବା ।

| | |
|---|---|
| କ) ଜଳାବୃତ | |
| ଖ) ବରଫାବୃତ | |
| ଗ) ଆଲୋକାବୃତ | |
| ଘ) ଅନ୍ଧକାରାବୃତ | |

୨୪. ବନ୍ଧନୀ ମଧ୍ୟରେ ଥିବା ଏକାଧିକ ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

ଖ) ପ୍ରିନ୍‌ସପିଆ ଏକ ____________ ପୁସ୍ତକ । (ଗଣିତ, ସାହିତ୍ୟ, ଦର୍ଶନ, ଅର୍ଥନୀତି)

ଗ) ନିଉଟନ୍ ବ୍ୟକ୍ତିଗତ ଜୀବନରେ ____________ ଥିଲେ । (କ୍ରୋଧୀ, ସରଳ, ସନ୍ଦେହୀ, କୃପଣ)

ଘ) ମୁଁ ବାଳକତୁଲ୍ୟ ବେଳାଭୂମିରୁ ____________ ମାତ୍ର ସଂଗ୍ରହ କରିଛି ।

(ଶାମୁକା, ରତ୍ନ, ଉପଳ, ଶାଳଗ୍ରାମ)

କ) ନିଉଟନ୍ ଗ୍ରନ୍ଥାମନଗର ପାଠଶାଳାରେ ନିଜର ଅସାଧାରଣ ____________ ର ପରିଚୟ ଦେଇଥିଲେ ।

(ଶକ୍ତି, ଧୀମତ୍ତା, ବିଦ୍ୟା, କୌଶଳ)

୨୫. ସଂପର୍କ ଅର୍ଥରେ 'ଶରୀର' ଶବ୍ଦରେ 'ଇକ' ପ୍ରତ୍ୟୟ ଯୋଗ ହୋଇ 'ଶାରୀରିକ' ହୁଏ । ସୁତରାଂ ଶରୀର+ଇକ= ଶାରୀରିକ । ସେହିପରି ତଳ ଲିଖିତ ଶବ୍ଦରେ ପ୍ରତ୍ୟୟ ଯୋଗ କରି ନୂଆ ଶବ୍ଦ ଗଢ଼ିବା ।

| | | | |
|---|---|---|---|
| କ) ଦିନ + ଇକ | | ଖ) ମୂଳ + ଇକ | |
| ଗ) ବର୍ଷ + ଇକ | | ଘ) ସମାଜ + ଇକ | |

୨୬. ତାହା ଦ୍ୱାରା ଜଗତରେ ଅଶେଷ ଉପକାର ସଂସାଧିତ ହୋଇଛି । ଏଠାରେ 'ଅଶେଷ ଉପକାର' ଶବ୍ଦ ଦ୍ୱୟ ମଧ୍ୟରେ 'ଅଶେଷ' ବିଶେଷଣ ଓ 'ଉପକାର' ବିଶେଷ୍ୟ । ସେହିପରି ତଳ କେତୋଟି ବିଶେଷ୍ୟ ପଦ ସହିତ ବିଶେଷଣ ପଦ ସଂଯୋଗ କରି ଲେଖିବା ।

____________ କ୍ଷମତା ____________ ରାତ୍ର ____________ ଶକ୍ତି

____________ ଆକାଶ ____________ ଅଙ୍କ ____________ ଉତ୍ସାହ

____________ ଜନନୀ ____________ ପ୍ରହାର ____________ ଉନ୍ନତି

୨୭. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଅଭିଧାନରୁ ଦେଖି ବାକ୍ୟରେ ବ୍ୟବହାର କରିବା ।

ଉପଳ : ____________

ପ୍ରତିଭୂ : ____________

ଧୀମତ୍ତା : ____________

ପ୍ରତିପନ୍ନ : ____________

ଶ୍ରମସାଧ୍ୟ : ____________

ଅଭିନିବିଷ୍ଟ : ____________

୨୮. "ଏହି ମହାତ୍ମାଙ୍କ ବିଷୟରେ ଜଣେ ପ୍ରଧାନ କବି ଲେଖିଛନ୍ତି ।" ଏଠାରେ 'ଏହି' ଶବ୍ଦଟି 'ନିଉଟନ'ଙ୍କ ପରିବର୍ତ୍ତେ ବ୍ୟବହୃତ ହୋଇଛି । ବିଶେଷ୍ୟ ପଦ ପରିବର୍ତ୍ତେ ବ୍ୟବହୃତ ହୋଇଥିବାରୁ ଏହା ଏକ ସର୍ବନାମ ପଦ । ପଠିତ ବିଷୟରୁ ଅନ୍ୟାନ୍ୟ ସର୍ବନାମ ପଦ ଖୋଜି ବାହାର କରିବା ।

୨୯. ନିଉଟନ୍ ସୁଶୀଳ ଏବଂ ଅଧ୍ୟବସାୟୀ ଥିଲେ । ଉକ୍ତ ବାକ୍ୟରେ 'ଏବଂ' ଅବ୍ୟୟ ପଦ ଅଟେ । ସାଧାରଣତଃ ଯେଉଁ ପଦର ଲିଙ୍ଗ, କାଳ, ବଚନ ଓ ବିଭକ୍ତି ଭେଦରେ କୌଣସି ପରିବର୍ତ୍ତନ ହୁଏ ନାହିଁ, ତାହାକୁ ଅବ୍ୟୟ କୁହାଯାଏ । ପଠିତ ବିଷୟରୁ ବ୍ୟବହୃତ ହୋଇଥିବା ଅବ୍ୟୟ ପଦ ଗୁଡ଼ିକୁ ଖୋଜି ତାଲିକା ପ୍ରସ୍ତୁତ କର ।

## ତୁମପାଇଁ କାମ :

୧. ମହାତ୍ମା ନିଉଟନ୍‌ଙ୍କର ଜୀବନୀ ସଂଗ୍ରହ କରି ପଢ଼ିବା ।

୨. ଅନ୍ୟାନ୍ୟ ବୈଜ୍ଞାନିକମାନଙ୍କର ନାମୋଲ୍ଲେଖ କରି ଏକ ତାଲିକା ପ୍ରସ୍ତୁତ କରିବା । ଯଦି ପାରିବା ସେମାନଙ୍କର ଫଟୋଚିତ୍ର ସଂଗ୍ରହ କରି ରଖିବା ।

୩. ବିଜ୍ଞାନର ଉପକାରିତା ଓ ଅପକାରିତାକୁ ଆଖି ଆଗରେ ରଖି ତର୍କ ସଭାଟିଏ ଆୟୋଜନ କରିବା । ଏହାକୁ ନେଇ ଏକ ପ୍ରବନ୍ଧ ପ୍ରସ୍ତୁତ କର ।

୩୩. ବିଖ୍ୟାତ ବୈଜ୍ଞାନିକମାନଙ୍କର ଜୀବନୀ ପାଠକରି ସେମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବା ।

❖❖❖

# ନାରୀ ଜୀବନରେ କଳାଚର୍ଚ୍ଚା

L4ASG5

● ସରଳା ଦେବୀ

**ଲେଖିକା ପରିଚୟ :**

ସରଳା ଦେବୀ (୧୯୦୪-୧୯୮୬) ଥିଲେ ଓଡ଼ିଆ ସାହିତ୍ୟରେ ସବୁଜ ଯୁଗର ସମସାମୟିକ ଲେଖିକା । ଜଣେ ନେତ୍ରୀ ଓ ସମାଜ ସେବିକା ଭାବରେ ସେ ପ୍ରସିଦ୍ଧି ଅର୍ଜନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ କଂଗ୍ରେସ ସଂଗଠନ ଓ ଗାନ୍ଧିଜୀଙ୍କ ଆଦର୍ଶର ରୂପାୟନରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ସାହିତ୍ୟ ରଚନା ସ୍ୱଳ୍ପ ହେଲେ ବି ସେଗୁଡ଼ିକ ଖୁବ୍ ଶିକ୍ଷଣୀୟ । 'ସାରଳା ମହାଭାରତରେ ନାରୀ ଚରିତ୍ର', 'ରାୟ ରାମାନନ୍ଦ', 'ବୀର ରମଣୀ', 'ପଞ୍ଚ ପ୍ରଦୀପ', 'ରବୀନ୍ଦ୍ର ପୂଜା', 'ବିଶ୍ୱ ବିପ୍ଳବୀ' ଓ 'ଉତ୍କଳ ଭାରତୀ କବି ପ୍ରତିଭା' ପ୍ରଭୃତି ତାଙ୍କର ଉଲ୍ଲେଖନୀୟ ରଚନାବଳୀ । 'ନାରୀ ଜୀବନରେ କଳାଚର୍ଚ୍ଚା' ରଚନାଟିରେ ଲେଖିକା ଅନେକ ନାରୀପ୍ରତିଭାଙ୍କ ଉଦାହରଣ ଦେଇଛନ୍ତି । ଏଥିରେ ଭାରତ ତଥା ଓଡ଼ିଶାର ନାରୀମାନଙ୍କ ଭିତରେ ନୃତ୍ୟ, ସଂଗୀତ ଓ ସାହିତ୍ୟ ତଥା ଚାରୁକଳାପ୍ରତି ଥିବା ଅନୁରାଗ ଓ କଳାକୁଶଳତାର ପରିଚୟ ପ୍ରଦତ୍ତ ।

---

**ଭା**ରତୀୟ ନାରୀ ଚିରକାଳ କଳାପ୍ରିୟ । ପ୍ରାଚୀନ କଳାବିଦ୍‌ଗଣ କଳାଶାସ୍ତ୍ରରେ ଯେଉଁ ବିଭିନ୍ନ ପ୍ରକାର କଳାର ଉଲ୍ଲେଖ କରି ଯାଇଛନ୍ତି, ତହିଁରେ ସୂଚୀଶିଳ୍ପଠାରୁ ଶରୀର ପ୍ରସାଧନ, ପୁଷ୍ପୋଦ୍ୟାନ ନିର୍ମାଣ ଏବଂ ନୃତ୍ୟ, ସଙ୍ଗୀତ, ବାଦ୍ୟର ମଧ୍ୟ ବିଶିଷ୍ଟ ସ୍ଥାନ ରହିଅଛି । ଭାରତୀୟନାରୀ ଜୀବନରେ କଳାଚର୍ଚ୍ଚା କରିବାର ଅବସର ବିଶେଷଭାବରେ ପାଇନାହିଁ ସତ୍ୟ; କିନ୍ତୁ ଯେଉଁଠି ପାଇଛି, ସେଠାରେ ସେ କୃତିତ୍ୱ ଦେଖାଇଛି । ସୌନ୍ଦର୍ଯ୍ୟ ରଚନା କରି ପ୍ରକାଶ କରିବା ଏବଂ ତଦ୍ୱାରା ଜନଚିତ୍ତ ହରଣ କରିବାର ଯୋଗ୍ୟତା ନାରୀର ସନାତନ କାଳରୁ ରହିଅଛି । ସେ ସୌନ୍ଦର୍ଯ୍ୟର ଉପାସିକା । ସୌନ୍ଦର୍ଯ୍ୟ ପ୍ରକାଶ କରିବାର କଳ୍ପନା ଓ ଅନୁକୂଳ ଚିତ୍ତବୃତ୍ତି ତାକୁ ଆବିଷ୍ଟ କରି ରଖେ । ସୌନ୍ଦର୍ଯ୍ୟ ପ୍ରକାଶ କରିବାର ଅନୁପାତ ଜ୍ଞାନ ତାକୁ ଶିଖାଇବାକୁ ପଡ଼େ ନାହିଁ । କାରଣ ସେହି ପ୍ରକୃତିଦତ୍ତ ପ୍ରତିଭାର ଅଧିକାର ତାହା ପ୍ରତି ବିଧାତାଙ୍କ ନିର୍ଦ୍ଦିଷ୍ଟ ଆଶିଷତୁଲ୍ୟ । ଗୃହର ସମସ୍ତ ଉପକରଣକୁ ପରିଷ୍କାର, ସୁଶୋଭିତ କରିବାରେ ତାହାର ମାତ୍ରାଜ୍ଞାନ ଅଛି । ରନ୍ଧନ, ପରିବେଷଣ, ଗୃହରଚନା, ବସ୍ତ୍ରବିନ୍ୟାସ ନାରୀର କଳାଜୀବନର ସୂଚନା ଦିଏ । ନାରୀମାନଙ୍କର ବର୍ଣ୍ଣସଙ୍ଗତି, ସାମଞ୍ଜସ୍ୟବିଧାନ, ବସ୍ତ୍ର ଉପରେ ବିଚିତ୍ର ସୀବନ, ଶିଳ୍ପରଚନା, ପୁଣି ଋତୁ ଅନୁଯାୟୀ ନାନା ରଙ୍ଗଢଙ୍ଗର ବସ୍ତ୍ରଭୂଷଣ ନିର୍ବାଚନ, ପୁଷ୍ପମାଲ୍ୟ ରଚନା, କବରୀସଜ୍ଜା, ଅଳକସଜ୍ଜା, କେଶ-ପ୍ରସାଧନ, ସାମାଜିକ ଉତ୍ସବ ଅନୁଷ୍ଠାନର ସାଜସଜ୍ଜା ବଡ଼ ସୁନ୍ଦର ଓ ରୁଚିକର । ଦେବଗୃହରେ ଦେବତା ନିମନ୍ତେ ପୁଷ୍ପାଭରଣ ସଜ୍ଜା, ଚିତା ମୁରୁଜ, ଭିତ୍ତିଚିତ୍ର ଅଙ୍କନ,

ଗୃହୋଦ୍ୟାନର ପରିକଳ୍ପନା ଏବଂ ଫଳପୁଷ୍ପର କୃଷିବିଳାସ, ତୋରଣ ସଜ୍ଜା, ଦ୍ୱାରର ଚିତ୍ରୀକରଣ, ଗୃହର ବର୍ଣ୍ଣଚିତ୍ରଣ ପ୍ରଭୃତିରେ ତାହାର କୃତିତ୍ୱ ଦେଖାଯାଏ । ଗୀତ, ବାଦ୍ୟ, ନୃତ୍ୟ,କବିତା, କାବ୍ୟାଦିରେ ମଧ୍ୟ ତାହାର କଳାପ୍ରିୟ ଜୀବନର ପ୍ରକାଶ ତା'ର ସହଜାତ ପ୍ରକୃତିକୁ ଚିହ୍ନାଇଦିଏ । କାରୁକଳା ଓ ଚିତ୍ରଶିଳ୍ପ ପ୍ରତି ନାରୀର ଆନ୍ତରିକ ଅନୁରାଗ ଜୀବନର ନାନାଦିଗରେ ଅଭିବ୍ୟକ୍ତ ।

ଗୁଜୁରାଟର ଏବଂ ରାଜପୁତାନା ଅଞ୍ଚଳର ଭୀଲ୍ ରମଣୀ ଏବଂ ବିହାରର ସାନ୍ତାଳୀ ନାରୀମାନଙ୍କର ଭିତରେ ତଥା ଓଡ଼ିଶାର ସମ୍ବଲପୁର, ବଲାଙ୍ଗୀର ପାଟନା, ମୟୂରଭଞ୍ଜର ନାରୀମାନଙ୍କ ମଧ୍ୟରେ ନାନାବିଧ ନୃତ୍ୟ ପ୍ରଦର୍ଶିତ ହୁଏ; କାରଣ ଏହା ସେମାନଙ୍କର ସାମାଜିକ ନିୟମରେ ଗଣ୍ୟ । ବିହାର, ଯୁକ୍ତପ୍ରଦେଶ, ରାଜପୁତାନା ଓ ମାରବାଡ଼ର ନାରୀମାନେ ବିବାହ ସମୟରେ ଓ ଅନ୍ୟ ଉତ୍ସବରେ ନୃତ୍ୟକଳା ପ୍ରଦର୍ଶନ କରିଥାନ୍ତି । ଆମ୍ଭମାନଙ୍କ ଦେଶରେ ଦଣ୍ଡନୃତ୍ୟ, ପାଇକ ନୃତ୍ୟ, ଛଉନୃତ୍ୟ ପ୍ରଭୃତି ଯେପରି ପୁରୁଷମାନଙ୍କଦ୍ୱାରା ସୃଷ୍ଟ, ସେହିପରି ମଣିପୁରୀ, ଗଦବା, କଥାକଳୀ, ଓଡ଼ିଶୀ ଆଦି ନୃତ୍ୟ ଭାରତୀୟ ମହିଳାର ସୃଷ୍ଟି । ନାରୀ ତାହାର ନିଜସ୍ୱ ନୃତ୍ୟ କଳାରେ ପୃଥିବୀର କଳାଗ୍ରାହକମାନଙ୍କର ସୁପ୍ରଶଂସା ଓ ଦୃଷ୍ଟି ଆକର୍ଷଣ କରିପାରିଛି । ନାରୀର ପଦ, ବାହୁ, ମୁଖ, କଟି, ଚକ୍ଷୁ, ହସ୍ତମୁଦ୍ରା ପ୍ରଭୃତିର ସାବଲୀଳ ବିକାଶଭଙ୍ଗିମା ନୃତ୍ୟକଳାରେ ପରିସ୍ଫୁଟ ହୋଇଥାଏ । ଭାରତର ପ୍ରସିଦ୍ଧ ମନ୍ଦିରମାନଙ୍କରେ ନାରୀନୃତ୍ୟ ବା ଦେବଦାସୀ ନୃତ୍ୟ ଅତି ପ୍ରାଚୀନକାଳରୁ ପ୍ରଚଳିତ । ନାରୀର କଳା ଜୀବନର ତତ୍ତ୍ୱ ଅନୁସନ୍ଧାନ କଲେ ଜଣାପଡ଼େ ଯେ, ତାହା ଶିକ୍ଷାର ଅପେକ୍ଷା ରଖେନାହିଁ; ବରଂ ତାହା ଲଘୁଇଙ୍ଗିତ ବା ନିର୍ଦ୍ଦେଶରେ ହିଁ ଗୌରବ ଉକୁଟାଇଦିଏ ।

ବଙ୍ଗର ଅକାଳମଉଳା ତରୁ ଦତ୍ତ ବିଗତ ଶତାବ୍ଦୀରେ ତାଙ୍କର ଇଂରେଜୀ କବିତାଦ୍ୱାରା ସାହିତ୍ୟିକ ଶିକ୍ଷିତ ବ୍ୟକ୍ତିମାନଙ୍କୁ ବିସ୍ମିତ କରି ପାରିଥିଲେ । ଭାରତର କୋକିଳ-କବି, ଜାତୀୟ ଜୀବନର ନେତ୍ରୀ ଶ୍ରୀମତୀ ସରୋଜିନୀ ନାଇଡୁଙ୍କର ଗୀତିକବିତା ଅତି ମନୋରମ, କୋମଳ ଏବଂ ସ୍ୱପ୍ନମୟ ବୋଲି ଜଗଦ୍‌ବିଖ୍ୟାତ । ତାଙ୍କର କବିପ୍ରତିଭା ଯୋଗୁଁ ଭାରତୀୟ-ନାରୀର ଗୌରବ ବୃଦ୍ଧି ପାଇଅଛି । ଇଂରେଜୀ ଲେଖା ତାଙ୍କର ସଙ୍ଗୀତମୟ ଭାଷାର ଆବେଗରେ ହୃଦୟକୁ ସ୍ପର୍ଶ କରେ । ଭାବଗାମ୍ଭୀର୍ଯ୍ୟ, ଲଳିତ ଶବ୍ଦଚୟନ, ଦେଶାତ୍ମବୋଧ ତାଙ୍କ କବିତାର ବିଶେଷତ୍ୱ । ତାଙ୍କର ବକ୍ତୃତା ସାମାଜିକ, ରାଜନୈତିକ କିମ୍ବା ଶିକ୍ଷା, ଯେକୌଣସି ବିଷୟରେ ଏହି କବିତ୍ୱର ସ୍ପର୍ଶଯୋଗୁଁ ଲୋକଙ୍କର ହୃଦୟଗ୍ରାହୀ ହୋଇଥାଏ । ଇଂରେଜ କବିମାନେ ତାଙ୍କ ସାହିତ୍ୟ ପ୍ରତିଭା ଦେଖି ତାଙ୍କୁ ଭାରତର "ନାଇଟିଙ୍ଗେଲ" ବୋଲି ଆଖ୍ୟା ଦେଇଛନ୍ତି ।

ଉତ୍କଳର ପ୍ରସିଦ୍ଧ ନାରୀକବି, ଔପନ୍ୟାସିକା ଉତ୍କଳଭାରତୀ କୁନ୍ତଳା କୁମାରୀ ଉପର୍ଯ୍ୟୁକ୍ତ ଶ୍ରେଣୀର ନିପୁଣ କଳାସାଧିକା ଏବଂ ରସପ୍ରାଣା ଥିଲେ । ସେ ବଞ୍ଚିଥିଲେ ଭାରତରେ ଏବଂ ବିଦେଶରେ ତାଙ୍କର ଅମର ପ୍ରତିଭାଦ୍ୱାରା ଦେଶବାସୀଙ୍କୁ ଯଥେଷ୍ଟ ଯଶଃସୌରଭ ଦାନ କରିପାରିଥାନ୍ତେ । ଉତ୍କଳର ଶ୍ରୀମତୀ ଅପର୍ଣ୍ଣା କବି ହିସାବରେ ସୁଖ୍ୟାତି ଲାଭ କରିଅଛନ୍ତି ।

ପୂର୍ବେ ଓଡ଼ିଶାର ପ୍ରତି ଗୃହରେ କଳା ଆରାଧନା ନାରୀ ଜୀବନରେ ଜୀବନ୍ତ ଥିଲା । ସେହି କାରଣରୁ ଉତ୍କଳୀୟ ନାରୀ ତା'ର ଅନ୍ତର୍ନିହିତ କଳା ସମ୍ପଦର ପ୍ରେରଣାକୁ ସାର୍ଥକ କରିଥିଲା -ଠା' ଭଙ୍ଗା, ମୁରୁଜପକା, ଗୃହଚିତା, ଚିତାରେ ପଶୁପକ୍ଷୀ, ବୃକ୍ଷଲତା, ଶସ୍ୟସମ୍ଭାର ଅଙ୍କନରେ ଗୃହାଙ୍ଗନକୁ  କଳାସମୃଦ୍ଧ କରି । ସେହି କଳା ଥିଲା ତାର ସ୍ୱଭାବସମ୍ବଳ । ତହିଁରେ କଷ୍ଟ କଳ୍ପନାର ସ୍ଥାନ ନ ଥିଲା; ପୁଣି ଅନୁପାତଜ୍ଞାନ ତା' ମଧ୍ୟରେ ଏତେ ପ୍ରଚୁର ଥିଲା ଯେ ମାତ୍ରାମାପ ପାଇଁ ସ୍କେଲ୍, କମ୍ପାସ୍ ତା'ର ଲୋଡ଼ା ନ ଥିଲା । କାରୁକାମରେ ଅନ୍ତରର ରୂପତୃଷ୍ଣାକୁ ରେଖାଙ୍କିତ କରି କଳାରେ ତା'ର ଅପୂର୍ବ ନିପୁଣତାଦ୍ୱାରା ଜନମନ ହରଣ କରୁଥିଲା ।

**ସୂଚନା :**

| | | | | | |
|---|---|---|---|---|---|
| ସୂଚୀ ଶିଳ୍ପ | - | ଛୁଞ୍ଚିକାମ | ତତ୍ତ୍ୱ ଅନୁସନ୍ଧାନ | - | ମୂଳ ବିଷୟକୁ ଖୋଜିବା |
| ସନାତନ | - | ପ୍ରାଚୀନକାଳରୁ ପ୍ରଚଳିତ | ଲଘୁ ଇଙ୍ଗିତ | - | ସାମାନ୍ୟ ସୂଚନା |
| ଚିତ୍ତବୃତ୍ତି | - | ମନୋଭାବ | ଅକାଳ ମଉଳା | - | ଅସମୟରେ ମୃତ୍ୟୁ ବରଣ କରିଥିବା |
| ପ୍ରକୃତିଦତ୍ତ | - | ଜନ୍ମରୁ ସ୍ୱାଭାବିକ ଭାବରେ ପାଇଥିବ । | ଲଳିତ | - | କୋମଳ |
| ସୀବନ | - | ସିଲାଇ | କଳାସାଧିକା | - | କଳା ସାଧନାରେ ସିଦ୍ଧି-ଲାଭ କରିଥିବା ନାରୀ |
| କବରୀ ସଜ୍ଜା | - | ମୁଣ୍ଡ ବାଳକୁ ସଜାଇ ଜୁଡ଼ା ବାନ୍ଧିବା | ରସପ୍ରାଣା | - | ଯାହାର ପ୍ରାଣ ସୌନ୍ଦର୍ଯ୍ୟ-ପିପାସୁ |
| ସ୍ୱଭାବସମ୍ବଳ | - | ନିଜସ୍ୱ ଗୁଣରୂପକ ସମ୍ପତ୍ତି | ଅନ୍ତର୍ନିହିତ | - | ଭିତରେ ଥିବା |
| ରୂପତୃଷା | - | ସୌନ୍ଦର୍ଯ୍ୟ ପାଇଁ ଆଗ୍ରହ | | | |
| କେଶ ପ୍ରସାଧନ | - | ମୁଣ୍ଡବାଳ ସଜାଇବା | | | |
| କାରୁକଳା | - | ମୂର୍ତ୍ତିଶିଳ୍ପ, ଚିତ୍ରକଳା ଇତ୍ୟାଦି | | | |

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଅନୁରାଗ, ଅଭିବ୍ୟକ୍ତି, ଉନ୍କୁଟାଇବା, ହୃଦୟଗ୍ରାହୀ, ନିପୁଣ, ଆରାଧନା

## ଅଭ୍ୟାସ

### ଆସ, କଥାବାର୍ତ୍ତା ହେବା :

୧. କେଉଁ ଗୁଣକୁ ନାରୀପ୍ରତି ବିଧାତାଙ୍କର ନିର୍ଦ୍ଦିଷ୍ଟ ଆଶିଷ ବୋଲି କୁହାଯାଇଛି ?

୨. କି କି କାର୍ଯ୍ୟ ନାରୀର କଳାଜୀବନର ସୂଚନା ଦିଏ ?

୩. କେଉଁ କାର୍ଯ୍ୟରେ ନାରୀର କଳାକୃତିତ୍ୱ ଦେଖାଯାଏ ?

୪. ପ୍ରାଚୀନ କାଳରୁ ଭାରତର ମନ୍ଦିରମାନଙ୍କରେ କେଉଁ ନୃତ୍ୟ ପ୍ରଚଳିତ ଥିଲା ?

୫. ବିଗତ ଶତାବ୍ଦୀରେ କିଏ ଇଂରାଜୀ କବିତାଦ୍ୱାରା ଶିକ୍ଷିତବ୍ୟକ୍ତିମାନଙ୍କୁ ବିସ୍ମିତ କରିପାରିଥିଲେ ?

୬. ଇଂରେଜ କବିମାନେ ସରୋଜିନୀ ନାଇଡୁଙ୍କୁ କେଉଁ ଆଖ୍ୟା ଦେଇଥିଲେ ?

୭. ଉତ୍କଳର ପ୍ରସିଦ୍ଧ ନାରୀକବି ବୋଲି ଲେଖକ କାହାକୁ କହିଛନ୍ତି ?

## ପଠିତ ପାଠକୁ ମନେପକାଇ ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖିବା :

୮. ପ୍ରାଚୀନ କଳାବିଦ୍‌ଗଣ କଳାଶାସ୍ତ୍ରରେ ଯେଉଁ ବିଭିନ୍ନ ପ୍ରକାର କଳାର ଉଲ୍ଲେଖ କରିଛନ୍ତି, ସେଥିରେ କେଉଁ କେଉଁ ବିଷୟର ବିଶିଷ୍ଟ ସ୍ଥାନ ରହିଅଛି ?

୯. ସନାତନ କାଳରୁ ନାରୀର କି ଯୋଗ୍ୟତା ରହିଅଛି ?

୧୦. କେଉଁ କେଉଁ ଅଞ୍ଚଳର ରମଣୀମାନେ ନାନାବିଧ ନୃତ୍ୟ ପ୍ରଦର୍ଶନ କରିଥାନ୍ତି ?

୧୧. ନୃତ୍ୟକଳାରେ ନାରୀର କେଉଁ ଅଙ୍ଗର ବିକାଶଭଙ୍ଗିମା ପରିସ୍ଫୁଟ ହୋଇଥାଏ ?

୧୨. ସରୋଜିନୀ ନାଇଡୁଙ୍କ କବିତାର ବିଶେଷତ୍ୱ କ'ଣ ?

୧୩. ଉତ୍କଳୀୟ ନାରୀ କିଭଳି ଭାବରେ ତା'ର ଅନ୍ତର୍ନିହିତ କଳାସମ୍ପଦର ପ୍ରେରଣାକୁ ସାର୍ଥକ କରିଥିଲା ?

୧୪. ନାରୀର କେଉଁ ଜ୍ଞାନ ପ୍ରଚୁର ଥିଲା, ଯାହା ଫଳରେ ମାତ୍ରାମାପ ପାଇଁ ସ୍କେଲ, କମ୍ପାସ ତା'ର ଲୋଡ଼ା ନଥିଲା ?

୧୫. ଅନ୍ତରର ରୂପତୃଷାକୁ ନାରୀ କିପରି ଭାବେ ଫୁଟାଉଥିଲା ?

୧୬. କେଉଁ ନୃତ୍ୟ ପୁରୁଷମାନଙ୍କଦ୍ୱାରା ସୃଷ୍ଟ ?

- କ) ମଣିପୁରୀ, ଗଦବା
- ଖ) କଥାକଳୀ, ଓଡ଼ିଶୀ
- ଗ) ଦଣ୍ଡ ନୃତ୍ୟ, ପାଇକ ନୃତ୍ୟ, ଛଉ ନୃତ୍ୟ

୧୭. 'କ' ସ୍ତମ୍ଭ ସହ ସମ୍ପର୍କ ଥିବା 'ଖ' ସ୍ତମ୍ଭର ଶବ୍ଦକୁ ଯୋଗ କରିବା ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ଦେବଦାସୀ ନୃତ୍ୟ | ମୁରୁଜପକା |
| କୋକିଳ କବି | ରୂପତୃଷା |
| ଉତ୍କଳୀୟ ନାରୀ | ମନ୍ଦିର |
| ଭାରତୀୟ ନାରୀ | ସରୋଜିନୀ ନାଇଡୁ |
| କାରୁକାମ | କଳାପ୍ରିୟ |
| | ରସପ୍ରାଣ |

୧୮. ଅସମ୍ପର୍କିତ ଶବ୍ଦଟିକୁ ବାଛ ।

କ) ଗୃହଚିତା, ମୁରୁଜଚିତା, କଥାକଳୀ, ଠା' ଭଙ୍ଗା

ଖ) ଗୀତ, ବାଦ୍ୟ, ନୃତ୍ୟ, ବକ୍ତୃତା

ଗ) ଗୃହ, ମନ୍ଦିର, ପ୍ରାସାଦ, ପୁଷ୍ପମାଲ୍ୟ

ଘ) କଟି, ଚକ୍ଷୁ, ଗଢ଼ିବା, ହସ୍ତମୁଦ୍ରା

୧୯. କୋଠରୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

କ) ଭାରତୀୟ ନାରୀମାନଙ୍କର ଗୋଟିଏ ନୃତ୍ୟ ___________ ଅଟେ ।

ଖ) ଭାରତର ପ୍ରସିଦ୍ଧ ମନ୍ଦିରମାନଙ୍କରେ ___________ ନୃତ୍ୟ ଅତି ପ୍ରାଚୀନ କାଳରୁ ପ୍ରଚଳିତ ।

ଗ) ଜାତୀୟ ଜୀବନର ଶ୍ରେଷ୍ଠ ନେତ୍ରୀ ___________ ଙ୍କୁ ଭାରତର 'ନାଇଟିଙ୍ଗେଲ' ଆଖ୍ୟା ଦିଆଯାଇଛି ।

| |
|---|
| ମଣିପୁରୀ, କୁନ୍ତଳା କୁମାରୀ, ପାଇକ ନୃତ୍ୟ, ଭୀଲ, ସରୋଜିନୀ ନାଇଡୁ, ରାଜପୁତାନା, ତରୁଦତ୍ତ, ଦେବଦାସୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ |

୨୦. ଯେପରି ଗାୟକ - ଗାୟିକା, ସେହିପରି ନିମ୍ନୋକ୍ତ ଶବ୍ଦଗୁଡ଼ିକର ସ୍ତ୍ରୀଲିଙ୍ଗ ବାଚକ ଶବ୍ଦ ଲେଖିବା ।

| | | | |
|---|---|---|---|
| ଉପାସକ | | ଲେଖକ | |
| ସାଧକ | | ଔପନ୍ୟାସିକ | |
| ସାହିତ୍ୟିକ | | ପ୍ରାବନ୍ଧିକ | |

୨୧. ଅଭିଧାନ ଦେଖି ନିମ୍ନୋକ୍ତ ଶବ୍ଦଗୁଡ଼ିକର ଅର୍ଥ ଲେଖିବା ।

| | | | |
|---|---|---|---|
| ସାମଞ୍ଜସ୍ୟ | | ଆବିଷ୍ଟ | |
| ଅନୁସନ୍ଧାନ | | ଗାମ୍ଭୀର୍ଯ୍ୟ | |
| ସୌରଭ | | ପ୍ରତିଭା | |

୨୨. ଆସ ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବାକ୍ୟରେ ବ୍ୟବହାର କରିବା ।

ଅନ୍ତର୍ନିହିତ : ________________________________________________

ସନାତନ : ________________________________________________

ପ୍ରସାଧନ : ________________________________________________

ହୃଦୟଗ୍ରାହୀ : ________________________________________________

କୃତିତ୍ୱ : ________________________________________________

୨୩. ନିମ୍ନ କୋଠରୀରେ କେତୋଟି ବିଶେଷ୍ୟ ପଦ ସହ ବିଶେଷଣ ପଦ ମିଶି ରହିଅଛି, ସେଗୁଡ଼ିକୁ ଏକାଠି କରି ଲେଖିବା ।

| |
|---|
| ଭଗ୍ନ, ନାରୀ, ସୁନ୍ଦରୀ, ମନ୍ଦିର, ଦୃଶ୍ୟ, ବଚନ, ଭିତ୍ତିଚିତ୍ର, ମଧୁର, ମନୋରମ, ଆକର୍ଷଣୀୟ |

ଉଦାହରଣ – ଭଗ୍ନମନ୍ଦିର (ଭଗ୍ନ-ବିଶେଷଣ; ମନ୍ଦିର ବିଶେଷ୍ୟ)

ସେହିପରି : ____________________ ____________________

____________________ ____________________

## ତୁମପାଇଁ କାମ :

୧. ପ୍ରାବନ୍ଧିକା ସରଳା ଦେବୀଙ୍କ ରଚିତ ପୁସ୍ତକଗୁଡ଼ିକ ସଂଗ୍ରହ କରି ପଢ଼ିବା ।

୨. ଓଡ଼ିଶାର ସୁନାମ ବଢ଼ାଇଥିବା ମହୀୟସୀ ନାରୀମାନଙ୍କର ଏକ ନାମ ତାଲିକା ପ୍ରସ୍ତୁତ କରିବା, ସମ୍ଭବ ହେଲେଏମାନଙ୍କର ଫଟୋଚିତ୍ର ଓ କୃତିସମୂହର ତାଲିକା ତିଆରି କରିବା ।

❖❖❖

# ଧର୍ମ-ଧନ ମୁଁ ସଞ୍ଚିବି

L4JNHS

● ଶତ୍ରୁଘ୍ନ ନାଥ

**ଲେଖକ ପରିଚୟ :**

ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ପ୍ରଫେସର ଶତ୍ରୁଘ୍ନ ନାଥ (୧୯୧୫-୨୦୦୬)ଏକ ପରିଚିତ ପ୍ରତିଭା । ଜଣେ ସଫଳ ପ୍ରାବନ୍ଧିକଭାବେ ସେ ପରିଚିତ । ଭଦ୍ରକ ଜିଲ୍ଲାର ଉତ୍ତରବାହିନୀ ଗ୍ରାମରେ ତାଙ୍କର ଜନ୍ମ । ମୌଳିକ ଶିକ୍ଷାର ପ୍ରସାର ଓ ପ୍ରଚାରପାଇଁ ତାଙ୍କର ଉଦ୍ୟମ ପ୍ରଶଂସନୀୟ । ପ୍ରାବନ୍ଧିକଙ୍କ ସୃଷ୍ଟି ସଂପଦ ଭିତରେ 'ପିଲାଙ୍କ ବିଲାତକଥା', 'ଆମ ଭାଷାବିଭବ', 'ଶିକ୍ଷାର ଧାରା' ଏବଂ 'ଜଗତରେ ଭାରତ' ଆଦି ପ୍ରଧାନ ।

ଆଲୋଚ୍ୟ ପ୍ରବନ୍ଧରେ ବିଦ୍ୟାଲାଭକୁ ଗୁରୁତ୍ୱ ଦିଆଯାଇ ଏହା କିପରି ଧର୍ମ ଧନାର୍ଜନରେ ସହାୟକ ହୋଇଥାଏ, ତାହା ପ୍ରକାଶ ପାଇଛି ।

---

ପିଲାକାଳ, ଖେଳର ବେଳ । ଅଳିଅଳ ସମୟ । ସାଙ୍ଗସାଥୀଙ୍କ ମେଳରେ ମଜା ଓ ମଉଜ । ବାଳଭୋଳରେ ରଙ୍ଗରହସ୍ୟ ହୁଏ । ଭାତ ପଛକେ ଛାଡ଼ି ହେବ, କିନ୍ତୁ ସାଙ୍ଗ ଛାଡ଼ିବ କିଏ ? ସାଙ୍ଗପାଗଳ ପିଲାକାଳରେ ଖେଳ ସରେନାହିଁ । ମନେହୁଏ ରାତି ହୁଅନ୍ତା ନାହିଁ, ଖରାବର୍ଷା ରହନ୍ତା ନାହିଁ, ଦିନ, ମାସ, ବର୍ଷ ଖେଳରେ କଟିଯାଆନ୍ତା । ନିଦରେ ପିଲାଏ ଖେଳିବାର ଜଣାଯାଏ । ଘର ଭିତର ଯାକରେ ସେପରି ଖେଳଚାଲେ । ତେବେ ବାଲ୍ୟକାଳରୁ ସଂଚୟର ପ୍ରଶ୍ନ ଉଠେ ନାହିଁ । କୁହାଯାଏ, ମହୁମାଛି ପରି ସଂଚୟ କରିବ । ଖଟା, ମିଠା, ଚାଟ୍, ଚଟଣି ଓ ମିକ୍ସଚର ଦୋକାନ ଅନେକ ଉଠିଯିବ, ଯଦି ପିଲାକାଳରୁ ସଂଚୟର କଥା ଉଠିବ, ବାପା, ମା' ଓ ଗୁରୁଜନ କ'ଣ ଏହା ଚାହିଁବେ କି ? ଏହା ପଇସା ଉଡ଼ାଇବା ସମୟ । ବିଶେଷ କରି ନୋଟ୍‌ଗୁଡ଼ିକ ଫୁରଫାର ଉଡ଼ିଯାଏ । ବାଣଫୁଟା, ପିଚ୍‌କାରି ମରା, ପୂଜାପୂଜିରେ କେତେ ଯେ ଉଡ଼ିଯାଏ ଏହା କିଏ କଳନା କରିଛି କି ? ବେଳେବେଳେ ଗୁରୁଜନ ମଧ୍ୟ ଆଖିମିଟିକା ମାରିଦିଅନ୍ତି । ପଇସା ମୁଣି ସେ ବେଳରେ ହାତରୁ ଖସିପଡ଼େ, ମୁକୁଳା ହୋଇଯାଏ । ନିଅନ୍ତୁ, ମଜା କରନ୍ତୁ । ତେବେ ଧନ ସଂଚୟ ହେବ କି ?

ପିଲାକାଳରେ ଧନ ସଂଚୟ ପାଇଁ ଯୋଜନା କରାଯାଇଛି । କେତେବେଳେ କେମିତି ଦି' ପଇସା ହାତକୁ ଆସେ, ସେଥିରୁ ଅଧେ ବା ଚଉଠେ ବଞ୍ଚାଇବାକୁ କୁହାଯାଏ । ଏହା ହିଁ ମହୁମାଛି ପଣିଆ । ଫୁଲରୁ ଫୁଲରୁ ମହୁ ସଂଗ୍ରହ କରି ମହୁଫେଣା ମଧୁପୂର୍ଣ୍ଣ ହୋଇଯାଏ । ଟୋପାଏ ଟୋପାଏ ଜଳରୁ ଜଳଧି ହୁଏ । କିନ୍ତୁ ମହୁମାଛି ଅର୍ଜନ କରେ ମଧୁ । ମାତ୍ର

ପିଲାକାଳରେ ଅର୍ଜନକ୍ଷମ ହୁଅନ୍ତି ଆମ ପିଲାଏ । ପଇସାକଉଡ଼ି, ଧାନଚାଉଳ, ଜମିବାଡ଼ି, ଗଛମାଛ ଆଦି ଧନ ପିଲାଙ୍କ ବଳବୟସ ଓ ଶକ୍ତି ଦୃଷ୍ଟିରୁ ସେମାନେ ଉପାର୍ଜନ କରିପାରନ୍ତି ନାହିଁ । ତେବେ କେଉଁ ଧନ ସେମାନେ ଅର୍ଜନ କରିପାରିବେ ? ପାଠ ତ ପଢ଼ିବେ । ଶିକ୍ଷା କରିପାରିବେ । କୌଶଳ ଶିଖିବେ । ନୂଆ ନୂଆ କଥା ଜାଣିବେ ଓ ବୁଝିବେ । ସେ ଦିଗରେ ମନ ଲଗାଇବେ । ସେମାନଙ୍କ ମନୋଭାବ ବଦଳିଯିବ । ଗୀତଟିଏ ଗାଇବେ । ଭଜନଟିଏ ବୋଲିବେ । ଗାଇବାର ଅଭ୍ୟାସ କରିବେ । ଏଥିରୁ ଆନନ୍ଦ ପାଇବେ । ଘରେ ଓ ବିଦ୍ୟାଳୟରେ ଛୋଟ ଛୋଟ କାମ କରିବେ । ନିଜକୁ ଓ ପରିବେଶକୁ ସଫା ରଖିବେ । ଅଳିଆ ଆବର୍ଜ୍ଜନା ଏଣେତେଣେ ପକାଇବେ ନାହିଁ । ବିଭିନ୍ନ ସ୍ଥାନ, ଲୋକ ଓ ବହିପତ୍ରରୁ ଶିଖିବେ । ମିଳିମିଶି ଚଳିବେ । ବାପା ମା'ଙ୍କୁ ଭକ୍ତି କରିବେ । ଗୁରୁଜନମାନଙ୍କୁ ମାନିବେ । ସେମାନଙ୍କ ଉପଦେଶ ବୁଝିବେ । ବୃକ୍ଷଲତା, ଗୋରୁଗାଈ, ଗୃହପାଳିତ ଅନ୍ୟାନ୍ୟ ଜୀବଜନ୍ତୁଙ୍କର ଯତ୍ନ ନେବେ । ନିଜେ ଚଳିବା ସଙ୍ଗେସଙ୍ଗେ ଅନ୍ୟମାନଙ୍କୁ ସୁବିଧା ସୁଯୋଗ ଦେବେ । ସମାଜ, ଦେଶ ଓ ବିଶ୍ୱ ପ୍ରତି ନିଜ କର୍ତ୍ତବ୍ୟ ବୁଝିବେ । ଏସବୁ ଭଲ ରହିଲେ ଆମର ଭଲ ହେବ । ତେଣୁ ଏ ଦିଗରେ ଆମକୁ ଅଧିକ ମନ ଦେବାକୁ ପଡ଼ିବ । କଥାଟି ହେଲା, ଅତ୍ୟଧିକ ମାତ୍ରାରେ ଆମେ ସ୍ୱାର୍ଥାନ୍ଧ ନହୋଇ ଅନ୍ୟମାନଙ୍କ କଥା ବିଚାରିବା । ଗରିବ, ଦୁଃଖୀ, ନିରକ୍ଷର, ରୋଗୀ ଆଦି ଲୋକଙ୍କ ପାଇଁ ଆମ କର୍ତ୍ତବ୍ୟ କରିବାକୁ ପଡ଼ିବ । ଏହା ହିଁ ହେବ ଆମ ପିଲାକାଳର ଅର୍ଜନ । ସେଥିପାଇଁ ଭକ୍ତକବି ମଧୁସୂଦନ ଲେଖିଛନ୍ତି :

"ବିଦ୍ୟା ଅଟଇ ମହାଧନ
ବାଳକେ କର ଉପାର୍ଜନ ।''

ବିଦ୍ୟା ମାମୁଲି ଧନ ନୁହେଁ । ଏହା ମହାଧନ । ବିଦ୍ୟାଳୟରେ ଆମେ ଧନୀ ହୋଇ ପାରିବା । ଅନ୍ୟମାନଙ୍କ ଆଖିରେ ଯାହା ସବୁ ଧନ ବୋଲି ଦେଖାଯାଏ, ଆମେ ସେପରି ଧନ ରୋଜଗାର କରିପାରିବା ବିଦ୍ୟାଯୋଗୁଁ । ଆଉ ଗୋଟେ କଥା, ଖାଲି ଧନ ଅର୍ଜନ ନୁହେଁ, ଧନର ସଦୁପଯୋଗ କିପରି କରିବା ଏହା ବିଦ୍ୟା ଶିକ୍ଷାଦିଏ । ଆମ ଶାସ୍ତ୍ରୀୟ ନିର୍ଦ୍ଦେଶ ହେଉଛି :

"ଧନ ଅର୍ଜିଲେ ଧର୍ମ କରି
ଧର୍ମେ ପ୍ରାପତ ନରହରି ।''

ବସ୍ତୁତଃ ରାତିଏ ଯାଇ ହାତୀଏ ଆଣିଥିବା ଧନ ଗଧପିଠିରେ ଚିନି ବସ୍ତା ଲଦିବା ପରି ଲାଗେ । ସେ ଧନର ଅର୍ଥ ବୁଝେ ନାହିଁ । କେବଳ ସେତିକି ନୁହେଁ, ଧନରେ ଉନ୍ମତ୍ତ ବ୍ୟକ୍ତିଟି ପାଗଳ ହାତୀ ପରି କାମ କରେ । ଗାଁ ଗଣ୍ଡାରେ ଚହଳ ପକାଇ ଦିଏ । ଘର ଦ୍ୱାର ଭାଙ୍ଗି ପକାଏ । ଧନ ଅର୍ଜନର ବାଟ ରହିଛି । ଅବାଟରେ ଧନ ଅର୍ଜିବା ସହଜ । ତେଣୁ ଅନ୍ୟାୟ ଧନ, ଧନପ୍ରାପ୍ତିର ଲୋଭକୁ ବଢ଼ାଇ ଦିଏ । ପୁଣି ଧନ ଯଦି ପରାର୍ଥ ଓ ପରମାର୍ଥ ନ ହୋଇ କେବଳ ସ୍ୱାର୍ଥପାଇଁ ଲାଗେ ଏହା ସର୍ବନାଶର କାରଣ ହୁଏ । ଅତଏବ ବିଦ୍ୟା ଆମକୁ ତିନୋଟି ଶିକ୍ଷା ଦିଏ – ( ୧ ) ଧନ ଅର୍ଜିବାର କୌଶଳ,

(୨) ଉଚିତ ବାଟରେ ଝାଳବୁହା ଧନର ଅର୍ଜନ ଓ (୩) ସତ୍ପାତ୍ରରେ ଧନର ସଦୁପଯୋଗ । ସେଥିପାଇଁ ବିଦ୍ୟା ଯଥାର୍ଥରେ ମହାଧନ । ସାଧାରଣ ଧନର ଚୋରି ହୋଇପାରେ ଓ ଭାଇ ଭାଗ ନିଅନ୍ତି । କିନ୍ତୁ ବିଦ୍ୟାଧନ ସମ୍ପୂର୍ଣ୍ଣ ନିଜସ୍ୱ । ଠିକ୍ ସେହିପରି 'ଧର୍ମ-ଧନ' କଥା କୁହାଯାଇଛି । ବିଦ୍ୟାୟତନରେ ଏହା ଅର୍ଜନ କରାଯାଇ ପାରିବ । ବିଦ୍ୟାର୍ଜନର ମଧ୍ୟ ଏହା ଲକ୍ଷ୍ୟ ହୋଇପାରେ ।

ଭକ୍ତକବି ମଧୁସୂଦନଙ୍କର ସେହି ବାଣୀଟି ହେଉଛି :

"ବାଲ୍ୟକାଳୁ ଧର୍ମ-ଧନ ମୁଁ ସଞ୍ଚିବି,
ଏ ଜୀବନ ଅନିଶ୍ଚିତ,
କେଜାଣି କାହାର ଆଜି ମୃତ୍ୟୁ କାଳ
ହୋଇଯିବ ଉପସ୍ଥିତ ।''

ଜୀବନ ତ ନିଶ୍ଚିତ ଭାବରେ ଅନିଶ୍ଚିତ । ତେଣୁ ଅନିଶ୍ଚିତ ଜୀବନରେ ତରବର ନ ହୋଇ ନିଶ୍ଚିତ ଧନ, ଧର୍ମ-ଧନ ଅର୍ଜନ କରାଯାଇପାରିବ । ଚଲାବାଟରୁ କଣ୍ଟା, ଇଟା ଉଠାଇ ଦିଆଗଲେ ବାଟ ଅବାଟ ହେବ ନାହିଁ । ଖେଳ ସାମାନ୍ୟ କଥାଟିଏ, କିନ୍ତୁ ଏହାର ମହତ୍ତ୍ୱ ଖୁବ୍ ବେଶୀ । ଏହା ପିଲାକାଳପାଇଁ ଏକ ବିରାଟ ଧର୍ମଧନ । ଆମ ଖେଳପଡିଆ । ଅନାବନା ଘାସ ହୋଇଛି । ଖାଲ ଅଛି । ଗାତ ଖୋଳାଯାଇଛି। ଆମେ ମିଳିଗଲେ ପଡ଼ିଆକୁ ସଫା କରିଦେବା । ଏହା ଭଲ ଖେଳପଡ଼ିଆ ହେବ । ଖେଳାଳିଙ୍କ ଗୋଡ଼ ଭାଙ୍ଗିବ ନାହିଁ । ସ୍ଥିର ହୋଇ ପେଣ୍ଡୁ ମାରିଲେ ଆମେ ଜିଣିବା । ଖେଳି ଖେଳି ଖେଳୁଆଡ଼ ହେବା । ଆମେ ଖେଳିବା ଓ ଅନ୍ୟମାନଙ୍କୁ ଖେଳିବାର ସୁଯୋଗ ଦେବା । ହାରିଗଲେ ଭାଙ୍ଗିପଡ଼ିବା ନାହିଁ । ଏ ସବୁ ଧର୍ମଧନ ।

ଧନରତ୍ନର ବିନିମୟମୂଲ୍ୟ ରହିଛି । ଏହାର ବିନିମୟରେ ଆମେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସଂଗ୍ରହ କରୁ । ନିଜ ଦେଶରେ ତଥା ଦେଶାନ୍ତରେ ବିନିମୟ ପଦ୍ଧତି ସ୍ୱୀକୃତି ପାଇଛି । ସେ ଦୃଷ୍ଟିରୁ ଟଙ୍କା ପଇସାକୁ ସହଜ ମାଧ୍ୟମ ରୂପେ ଗ୍ରହଣ କରାଯାଇଛି । ପୂର୍ବକାଳରେ ଦ୍ରବ୍ୟ ଦ୍ରବ୍ୟ ମଧ୍ୟରେ ବିନିମୟ କରାଯାଉଥିଲା । କିନ୍ତୁ ଏହାର ପରିସର ନିର୍ଦ୍ଦିଷ୍ଟ ଦେଶ ମଧ୍ୟରେ ସୀମିତ ରହିଲା । କିନ୍ତୁ ଆଜି କାରବାର ବିଶ୍ୱବ୍ୟାପୀ ହୋଇଯାଇଛି । ତେଣୁ ମୁଦ୍ରାପଦ୍ଧତିକୁ ଧନରତ୍ନର ପ୍ରତୀକ ଭାବରେ ବିନିମୟ ମାଧ୍ୟମ ରୂପେ ଦେଶ ଓ ଦେଶାନ୍ତର ମଧ୍ୟରେ ଗ୍ରହଣ କରାଯାଇଛି । କିନ୍ତୁ ଧର୍ମଧନର ସେପରି କୌଣସି ଆଇନସମ୍ମତ ବିନିମୟମୂଲ୍ୟ ନାହିଁ । ଅଥଚ ଧାର୍ମିକ ବ୍ୟକ୍ତିମାନଙ୍କର ନିଜ ଦେଶରେ ଓ ସମଗ୍ର ବିଶ୍ୱରେ ସମାଦର ରହିଛି । 'ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ' ପରି ସେମାନେ ବିଶ୍ୱବନ୍ଦିତ ଓ ବିଶ୍ୱବିଦିତ । କୌଣସି ନିର୍ଦ୍ଦିଷ୍ଟସ୍ଥାନରେ ଓ ପରିବାରରେ ଜନ୍ମଗ୍ରହଣ କରିଥିଲେ ହେଁ ସେମାନେ ବିଶ୍ୱବନ୍ଦନୀୟ ହୁଅନ୍ତି । ଦେଶ-କାଳ-ପାତ୍ର ସେମାନଙ୍କୁ ସୀମିତ କରିପାରେ ନାହିଁ । ସେମାନେ କାଳଜୟୀ । ସର୍ବତ୍ର ସେମାନେ ସର୍ବଜୀବକୁ ପ୍ରଭାବିତ କରନ୍ତି । ଶିକ୍ଷା ଓ ଜୀବନଗଠନର ଉତ୍ସ ହୋଇ ସେମାନେ ବିଦ୍ୟମାନ । ସେମାନଙ୍କ ଉଦାହରଣ ଓ ଉଚ୍ଚାରଣର ସଂକ୍ରମଣ ପୁସ୍ତକମାଧ୍ୟମରେ ଓ ଆଲୋଚନାଦ୍ୱାରା ଘଟିଥାଏ । ଭାଷା ଆଦି ଯାହା କିଛି ଆମ ପାଇଁ ଅନ୍ତରାୟ ହୁଏ, ସେସବୁକୁ ସେମାନେ ସହଜରେ ଅତିକ୍ରାନ୍ତ କରିଯାଆନ୍ତି । ଗାନ୍ଧୀ, ବୁଦ୍ଧ, ଯିଶୁ, କନଫ୍ୟୁସିଅସ୍ ଆଦି ମନୀଷୀଗଣ ଚିରକାଳ ପାଇଁ ବିଶ୍ୱବାସୀଙ୍କୁ ଜ୍ଞାନ ଦେଉଛନ୍ତି । ନିର୍ଦ୍ଦିଷ୍ଟ ରାଷ୍ଟ୍ରର ସୀମାରେ ସେମାନେ ଆବଦ୍ଧ ନୁହନ୍ତି ।

ପକ୍ଷାନ୍ତରରେ ଆମେ ଆଜି ଅର୍ଥସର୍ବସ୍ୱ ହୋଇଛୁଁ । ଅର୍ଥର ନିଶା ଆମକୁ ସର୍ବତୋଭାବେ ଗ୍ରାସ କରିଛି । ଜୀବନ କ୍ଷୟକାରୀ ସମସ୍ତ ନିଶା ମଧ୍ୟରେ ଅର୍ଥନିଶା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଓ ଏହା ସକଳ ନିଶାର ଜନନୀ ସ୍ୱରୂପ । ଆମେ ଏପରି ଅର୍ଥପାଗଳ ହୋଇଯାଉଁ ଯେ ଅର୍ଥନିଶା ଆମକୁ ଗିଳି ପକାଏ । ମାନବିକ ବିଚାର ରହେନାହିଁ । ମଣିଷପଣିଆ ଆମଠାରୁ ଉଭେଇ ଯାଏ । ବସ୍ତୁତଃ ଅର୍ଥ ପାଇଁ ଆମେ ସ୍ୱାର୍ଥାନ୍ଧ ହୋଇଯାଉଁ । ବୁଦ୍ଧି, ବିବେକ ଓ ବିଚାର ଅର୍ଥଲୋଭ ସମ୍ମୁଖରେ ଅକାମୀ ହୋଇଯାଏ । ଆମେ ସୁଖଶାନ୍ତିଶୂନ୍ୟ ହୋଇଯାଉଁ । ସତରେ, ପଇସା ଆମକୁ ଖାଏ ନାହିଁ କି ? ପୂର୍ବକାଳରେ ଇଂରାଜୀରେ ଗୋଟିଏ ଜୀବନ-ନିର୍ମାଣକାରୀ ସନ୍ଦେଶ ଦିଆଯାଇଥିଲା । ଓଡ଼ିଶାରେ ଏହାକୁ ନିମ୍ନ ପ୍ରକାରେ କହିହେବ :

'ଅର୍ଥ ହଜିଲେ, କିଛି ହଜେ ନାହିଁ,

ସ୍ୱାସ୍ଥ୍ୟ ହଜିଲେ, କିଛିଟା ହଜିଲା,

କିନ୍ତୁ ଚରିତ୍ର ହଜିଲେ, ସର୍ବସ୍ୱ ଗଲା ଓ ଆମେ ସର୍ବସ୍ୱାନ୍ତ ହେଲୁ ।'

ଚରିତ୍ର ହେଉଛି ଏହି ଧର୍ମଧନ । କସ୍ମିନ୍‌କାଳେ ଆମେ ଏହାକୁ ହସ୍ତାନ୍ତର କରି ବିପଥଗାମୀ ହେବା ନାହିଁ ।

ଧର୍ମଧନ ବାଲ୍ୟକାଳରୁ ସଞ୍ଚି ଜୀବନ ନିର୍ମାଣ କରିବା ଓ ଅନ୍ୟମାନଙ୍କ ଜୀବନ ନିର୍ମାଣରେ ସହାୟକ ହେବା ।

**ସୂଚନା :**

| | | | | | |
|---|---|---|---|---|---|
| କଳନା କରିବା | - | ହିସାବ କରିବା | ଅନାବନା ଗଛ | - | ଅନାବଶ୍ୟକ ଗଛ |
| ଜଳଧି | - | ସମୁଦ୍ର | ଦେଶାନ୍ତର | - | ଅନ୍ୟ ଦେଶ |
| ଉନ୍ମତ୍ତ | - | ପାଗଳ | ବିଶ୍ୱବନ୍ଦିତ | - | ବିଶ୍ୱରେ ପୂଜା ପାଉଥିବା |
| ସତ୍ପାତ୍ର | - | ଉତ୍ତମପାତ୍ର | ବିଶ୍ୱବିଦିତ | - | ବିଶ୍ୱରେ ଜଣାଶୁଣା |
| ନିଜସ୍ୱ | - | ନିଜର | କାଳଜୟୀ | - | ମୃତ୍ୟୁକୁ ଜୟ କରିଥିବା |
| ନିରକ୍ଷର | - | ଅକ୍ଷରଶିକ୍ଷା କରିନଥିବା ବ୍ୟକ୍ତି | ମନୀଷୀ | - | ପଣ୍ଡିତ ବ୍ୟକ୍ତି |
| | | | ସନ୍ଦେଶ | - | ବାର୍ତ୍ତା |
| ମାମୁଲି | - | ସାଧାରଣ | କଳୁଷ | - | ପାପ |
| ପରାର୍ଥ | - | ପରର ମଙ୍ଗଳ | ପରମାର୍ଥ | - | ତତ୍ତ୍ୱ ବିଷୟ, ଯଥାର୍ଥ |
| ମାତ୍ରା | - | ପରିମାଣ | | | |

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ବିଦ୍ୟାୟତନ, ବିନୟ, ସମାଜର, ଅକାମୀ

## ଅଭ୍ୟାସ

**ଆସ, କଥାବାର୍ତ୍ତା ହେବା :**

୧. ମହୁମାଛିର କେଉଁ କାର୍ଯ୍ୟ ସମସ୍ତଙ୍କର ଦୃଷ୍ଟିଆକର୍ଷଣ କରିଥାଏ ?

୨. ପିଲାମାନେ ଟଙ୍କାପଇସା କିପରି ଖର୍ଚ୍ଚ କରନ୍ତି ?

୩. ପିଲାକାଳରେ ପିଲାମାନେ ସାଧାରଣତଃ କ'ଣ ଶିକ୍ଷା କରନ୍ତି ?

୪. ବିଦ୍ୟାକୁ ମହାଧନ କୁହାଯାଏ କାହିଁକି ?

୫. ଧନ କେତେବେଳେ ବ୍ୟକ୍ତି ସର୍ବନାଶ କରେ ?

୬. ପିଲାମାନଙ୍କର କେଉଁ କାର୍ଯ୍ୟକୁ ଧର୍ମଧନ କୁହାଯାଏ ?

୭. କେଉଁମାନେ ଦେଶବିଦେଶରେ ସମ୍ମାନ ପାଇଥାନ୍ତି ?

୮. ମଣିଷ ପଇସା ଖାଏନାହିଁ ବରଂ ପଇସା ମଣିଷକୁ ଖାଏ- କିପରି ?

**ପଠିତ ପାଠରୁ ମନେପକାଇ ଦୁଇ ତିନୋଟି ବାକ୍ୟରେ ଉତ୍ତର ଲେଖିବା :**

୯. ପିଲାକାଳ ସାଧାରଣତଃ କିପରି କଟିଥାଏ ?

୧୦. ପିଲାକାଳ ଧନାର୍ଜନର ସମୟ ନୁହେଁ, କାହିଁକି ?

୧୧. ଧନ ସଂପର୍କରେ ବିଦ୍ୟା ଆମକୁ କି ଶିକ୍ଷା ଦେଇଥାଏ ?

୧୨. ଧନରେ ଉନ୍ମତ୍ତ ବ୍ୟକ୍ତି ପାଗଳ ବ୍ୟକ୍ତି ସହିତ ତୁଳନୀୟ କାହିଁକି ?

୧୩. ବିଦ୍ୟାଧନ କିପରି ଅର୍ଜନ କରାଯାଇ ପାରିବ ?

୧୪. ବିନିମୟର ମାଧ୍ୟମ ଭାବେ କାହାକୁ ଗ୍ରହଣ କରାଯାଏ ?

୧୫. ବିଦ୍ୱାନମାନଙ୍କୁ କାଳଜୟୀ କୁହାଯାଏ କାହିଁକି ?

୧୬. ଅର୍ଥନିଶା କିପରି ସକଳ ନିଶାର ଜନନୀ ?

୧୭. ତଳଲିଖିତ ଅନୁଚ୍ଛେଦଟିକୁ ବିରାମ ଚିହ୍ନ ଉପରେ ଗୁରୁତ୍ୱ ଦେଇ ଠିକ୍ ଭାବରେ ପଠନ କରିବା ।

"ଗୁରୁଙ୍କୁ ନ ମଣିବ ନର, ଗୁରୁହିଁ ସାକ୍ଷାତ ଈଶ୍ୱର" । ଏହି ଭାବ, ଭାବନା ଓ ଭାବମୂର୍ତ୍ତି ବସ୍ତୁତଃ ପୁରାଣ ଯୁଗର । ଗୁରୁକୁଳ ଶିକ୍ଷାର ଏହା ପ୍ରାଣ ସ୍ୱରୂପ । ସେ ଯୁଗରେ "ଗୁରୁ ସାକ୍ଷାତ୍ ପରଂବ୍ରହ୍ମ" ଏହି ଦର୍ଶନରେ ଶିକ୍ଷା ନତମସ୍ତକ ହୁଏ । ଏହି ସଂପର୍କ ସାଧନାଶାଣିତ, ଜ୍ଞାନଦୀପ୍ତ ଓ ଜୀବନ ଆଧାରିତ । କିନ୍ତୁ କର୍ପୂର ଯାଇଛି ମାତ୍ର କନା ପଡ଼ି ପଡ଼ି ରହିଛି ।

"ଅତୀତକୁ ଉଦ୍‌ବୋଧଇ ବୃଥା ଭାଳି ଭାଳି" ନ୍ୟାୟରେ ସମସ୍ତ ଅତୀତ ଯେପରି ଶିକ୍ଷାର ଏହି ଇତିବୃତ୍ତି, ସେହିପରି କେବଳ ବୃଥା ଭାବନାରେ ପରିଣତ ହୋଇଛି । ଏ ବିଷୟରେ କେହି କେହି ବୃଥା ଭାବନା କରିବାକୁ ଇଚ୍ଛା କରନ୍ତି ନାହିଁ ।

୧୮. ବିଦ୍ୟାକୁ ମହାଧନ କୁହାଯାଏ । ଏହାର ଉପଯୁକ୍ତ କାରଣଟିକୁ ବାଛି ଲେଖିବ ।

କ) ଏହା ମଣିଷକୁ ସମାଜରେ ପ୍ରତିଷ୍ଠା ଦିଏ ।

ଖ) ଏହା ଧନାର୍ଜନ କରିବାର କୌଶଳ ଶିଖାଏ ।

ଗ) ଏହା ଧନାର୍ଜନ ଓ ଧନର ସତ୍‌ବିନିଯୋଗର ଶିକ୍ଷା ଦିଏ ।


୧୯. 'ମାନବ' ଶବ୍ଦରେ 'ଇକ' ପ୍ରତ୍ୟୟ ଯୁକ୍ତ ହେଲେ 'ମାନବିକ' ହୁଏ । ନିମ୍ନଲିଖିତ ବିଶେଷ୍ୟ ପଦରେ 'ଇକ' ପ୍ରତ୍ୟୟ ଯୋଡ଼ି ନୂଆ ଶବ୍ଦ ତିଆରି କରିବା ।

| | | | |
|---|---|---|---|
| ଶରୀର + ଇକ | | ବିଦେଶ + ଇକ | |
| ଭୂଗୋଳ + ଇକ | | ପୁରାଣ + ଇକ | |
| ସମାଜ + ଇକ | | ସମୁଦ୍ର + ଇକ | |

୨୦. 'କ' ସ୍ତମ୍ଭର ବିଶେଷଣ ପଦ ସହିତ 'ଖ' ସ୍ତମ୍ଭରେ ଥିବା ବିଶେଷ୍ୟ ପଦକୁ ସଂଯୋଗ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ପ୍ରକୃତ | ଯୁବକ |
| ସୁନ୍ଦର | ଛତା |
| ସାହସୀ | ବାଳକ |
| ଧୀର | ବନ୍ଧୁ |
| ନୂତନ | |

୨୧. 'ଅ'କୁ ପୂର୍ବ ପ୍ରତ୍ୟୟ ଭାବରେ ନେଇ ବିପରୀତ ଅର୍ଥବୋଧକ ଶବ୍ଦ ଗଢ଼ିବା ।



୨୨. 'ପୂଜାପୂଜି' ଏକ ଯୁଗ୍ମଶବ୍ଦ । ସେହିପରି ପଠିତ ବିଷୟରେ ଥିବା ଯୁଗ୍ମଶବ୍ଦଗୁଡ଼ିକ ବାଛିବା ଓ ଲେଖିବା ।

__________, __________, __________, __________

୨୩. 'ଅତ୍ୟଧିକ ମାତ୍ରାରେ ସ୍ୱାର୍ଥାନ୍ଧ ନ ହୋଇ ଆମ୍ଭେ ଅନ୍ୟମାନଙ୍କ କଥା ବିଚାରିବା ଉଚିତ ।' ଏଠାରେ 'ସ୍ୱାର୍ଥାନ୍ଧ' ଏକ ସ୍ୱର ସନ୍ଧି । ଏହାକୁ ବିଚ୍ଛେଦ କଲେ 'ସ୍ୱାର୍ଥ + ଅନ୍ଧ' ହେବ । ଏହି ଧାରାରେ ତଳଲିଖିତ ସ୍ୱରସନ୍ଧି ଶବ୍ଦଗୁଡ଼ିକୁ ବିଚ୍ଛେଦ କରି ଲେଖିବା ।

ଶଶାଙ୍କ : ____________________ ହିମାଳୟ : ____________________

ସ୍ୱାଧୀନ : ____________________ ରତ୍ନାକର : ____________________

ବିଦ୍ୟାର୍ଜନ : ____________________ ବିଦ୍ୟାଳୟ : ____________________

୨୪. ଭାତ ପଛକେ ଛାଡ଼ି ହେବ, କିନ୍ତୁ ସାଙ୍ଗ ଛାଡ଼ିବ କିଏ ?

ଏଠାରେ 'କିନ୍ତୁ' ଅବ୍ୟୟ ପଦ । ପଠିତ ପ୍ରବନ୍ଧରୁ ତିନୋଟି ଅବ୍ୟୟ ପଦଗୁଡ଼ିକୁ ବାଛି ଲେଖିବା ।

__________, __________, __________, __________

୨୫. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ନେଇ ଗୋଟିଏ ଗୋଟିଏ ବାକ୍ୟ ଗଠନ କରିବା ।

ଅନ୍ତରାୟ, କାଳଜୟୀ, ଦୁର୍ଗତି, ନିରକ୍ଷର, ବିଶ୍ୱବନ୍ଦିତ, ଦେଶାନ୍ତର, ମନୀଷୀ

୨୬. ମହୁମାଛି ଫୁଲରୁ ଫୁଲ ମହୁ ସଂଗ୍ରହ କରି ମହୁଫେଣା ତିଆରି କରେ ।

ଏହି ବାକ୍ୟରେ 'କରି' ଓ 'କରେ' ଶବ୍ଦ ଦୁଇଟିକୁର ପ୍ରୟୋଗକୁ ଲକ୍ଷ୍ୟ କର । 'କରି' ଅସମାପିକା କ୍ରିୟା ହୋଇଥିବା ବେଳେ, 'କରେ' ସାମାପିକା କ୍ରିୟା ଅଟେ । ସାଧାରଣତଃ ଯେଉଁ ପଦଗୁଡ଼ିକ ଦ୍ୱାରା କର୍ମ ସଂପାଦନର ସୂଚନାମିଳେ ତାହାକୁ 'କ୍ରିୟା' କୁହାଯାଏ । ଉକ୍ତ ବିଷୟଟି ପାଠକରି ଏଥିରେ ଥିବା କ୍ରିୟାପଦଗୁଡ଼ିକୁ ଚିହ୍ନି ଏକ ତାଲିକା ତିଆରି କରିବା ।

__________, __________, __________, __________

୨୭. କୋଠରି ମଧ୍ୟରେ ଥିବା ଶବ୍ଦଗୁଡ଼ିକୁ ନେଇ ଅନୁଚ୍ଛେଦଟିଏ ଲେଖିବା । ଅନୁଚ୍ଛେଦଟି ଲେଖିସାରି ତା'ର ଏକ ନାମ ଦେବା । | ନିରକ୍ଷର, ଦେଶାନ୍ତର, ମାମୁଲି, ମନୀଷୀ, ଜୀବନ |

**ତୁମପାଇଁ କାମ :**

୧. ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଲିଖିତ ଅନ୍ୟ ପ୍ରବନ୍ଧଗୁଡ଼ିକ ପଢ଼ିବା ।

୨. 'ବିଦ୍ୟା ଅଟଇ ମହାଧନ' ଉକ୍ତିଟିକୁ ବୁଝାଇ ସାନଭାଇ ପାଖକୁ ଚିଠିଟିଏ ଲେଖିବା ।

୩. 'ଧନାର୍ଜନ ଓ ଧର୍ମାର୍ଜନ' ଶୀର୍ଷକ ତର୍କ ସଭା ବିଦ୍ୟାଳୟରେ ଆୟୋଜନ କରି ଏ ସମ୍ବନ୍ଧରେ ନୂଆ ନୂଆ ତଥ୍ୟ ହାସଲ କରିବା ।

# କଟକର ସରଳ ବାଳକ ଭାରତର ୱାସିଂଟନ

● ଗୋଲୋକବିହାରୀ ଧଳ

**ଲେଖକ ପରିଚୟ :**

ପ୍ରଫେସର ଗୋଲୋକ ବିହାରୀ ଧଳ (୧୯୨୧-୧୯୭୪) ବିଶିଷ୍ଟ ଭାଷାତତ୍ତ୍ୱବିତ୍, ଅନୁବାଦକ, ପ୍ରାବନ୍ଧିକ ତଥା ଭ୍ରମଣକାହାଣୀ ଓ ଜୀବନୀ ଲେଖକ ଭାବରେ ଓଡ଼ିଆ ସାହିତ୍ୟରେ ସୁପରିଚିତ । କଠିନ ଓ ଜଟିଳ କଥାକୁ ସରଳ ସୁବୋଧ ଭାଷାରେ ପ୍ରକାଶ କରିବା ଥିଲା ତାଙ୍କର ସ୍ୱକୀୟତା । 'ମଣିଷର ଭାଷା', 'ଓଡ଼ିଆ କେବେ', 'ଭାଷା ଶାସ୍ତ୍ର ପରିଚୟ', 'ଧ୍ୱନି ବିଜ୍ଞାନ' ପ୍ରଭୃତି ଭାଷା ସମ୍ବନ୍ଧୀୟ ଗ୍ରନ୍ଥ ବ୍ୟତୀତ 'ଲଣ୍ଡନ ଚିଠି', 'ଆମେରିକା ଅନୁଭୂତି', 'ତାଜମହଲର ଦେଶେ' ଆଦି ଭ୍ରମଣ କାହାଣୀ 'ଗୋଦାନ', 'ଗବନ' ଆଦି ଅନୁବାଦ ଓ 'ଅମର ଚରିତ' ପ୍ରଭୃତି ଜୀବନୀ ପୁସ୍ତକ ତାଙ୍କର ରଚନା ।

'କଟକର ସରଳ ବାଳକ ଭାରତର ୱାସିଂଟନ' ରଚନାଟିରେ କଟକ ସହରରେ ଜନ୍ମ ନେଇଥିବା ସରଳ ବାଳକ ସୁଭାଷଚନ୍ଦ୍ର ବୋଷ କିପରି ନିଜର ପ୍ରତିଭା ଓ ନେତୃତ୍ୱ ବଳରେ ଭାରତବର୍ଷର ଅଗ୍ରଗଣ୍ୟ 'ନେତାଜୀ' ହୋଇ ପାରିଥିଲେ, ଲେଖକ ତାଙ୍କୁ ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାସିଂଟନଙ୍କ ସହିତ ତୁଳନା କରି ତାହା ପ୍ରତିପାଦନ କରିଛନ୍ତି ।

---

**ଆ**ଜି ଦୁନିଆରେ ନେତା ତ ଅନେକ; ମାତ୍ର ନେତାଜୀ କହିଲେ କେବଳ ଜଣକୁ ବୁଝାଏ । କଟକରେ ତାଙ୍କର ଜନ୍ମ, କଲିକତାରେ କର୍ମ, ବର୍ଲିନରେ ଅଜ୍ଞାତବାସ ଓ ବର୍ମା ବଣରେ ମୃତ୍ୟୁ । ମୃତ୍ୟୁ ବୋଲି କହିଲେ ଠିକ୍ ହେବ ନାହିଁ; କାରଣ ଏପର୍ଯ୍ୟନ୍ତ କେହି ଠିକ୍ ଜାଣନ୍ତି ନାହିଁ ସେ ପ୍ରକୃତରେ ମୃତ କି ଜୀବିତ । ପାଉଁଶ ତଳୁ ନିଆଁ ପରି ମଝିରେ ମଝିରେ ଖବର କାଗଜରେ ଝଲସି ଉଠେ ଗୋଟିଏ ସମ୍ବାଦ - 'ନେତାଜୀ ଜୀବିତ ଅଛନ୍ତି' । କ୍ଷଣକପାଇଁ ଉନ୍ମାଦନା ସୃଷ୍ଟି ହୁଏ, ପୁଣି ସବୁ ଶାନ୍ତ ପଡ଼ିଯାଏ । କେବେ ଯେ ଏହି ରହସ୍ୟର ଦ୍ୱାର ଉଦ୍‌ଘାଟିତ ହେବ, କେହି ଜାଣେ ନା । ସତ୍ୟ ଓ ସନ୍ଦେହର ଛାୟାଲୋକଭିତରେ ଯେଉଁ ଜନନାୟକଙ୍କର ଜୀବନ-ଇତିହାସ ଏବେ ବି ଅମୀମାଂସିତ ରହିଛି, ତାଙ୍କର ପୂରା ନାଁ ସୁଭାଷଚନ୍ଦ୍ର ବୋଷ୍ । ଆମେ ତାଙ୍କୁ କହୁଁ ନେତାଜୀ, ଆମେରିକାନ୍‌ମାନେ କହନ୍ତି 'ଭାରତର ୱାସିଂଟନ୍' ।

ଭାରତର ନେତୃତ୍ୱ-ଇତିହାସରେ ତିନି ଜଣ ପ୍ରଧାନ । ସେମାନଙ୍କ ମଧ୍ୟରୁ ଜଣେ ନରମପନ୍ଥୀ, ଜଣେ ଗରମପନ୍ଥୀ ଓ ଜଣେ ଚରମପନ୍ଥୀ । ଗାନ୍ଧି ଓ ନେହରୁଙ୍କର ପୂର୍ଣ୍ଣ ବିକାଶ ହେଲା; ମାତ୍ର ସୁଭାଷଚନ୍ଦ୍ର ପୂର୍ଣ୍ଣଚନ୍ଦ୍ର ହେବା ପୂର୍ବରୁ ଅମାବାସ୍ୟାଅନ୍ଧାରରେ ମଉଳି ପଡ଼ିଲେ । ଶିକ୍ଷା ଦୃଷ୍ଟିରୁ ନେହରୁ ପୂରା ସାହେବ; କିନ୍ତୁ ଗାନ୍ଧି ଓ ସୁଭାଷ ଅଧା ସାହେବ । ଦୁଇ ଜଣ ବାରିଷ୍ଟର, ଜଣେ ଆଇ.ସି.ଏସ୍. । ଦୁଇ ଜଣ ଅବସ୍ଥାଚକ୍ରରେ ନେତା ହୋଇଥିଲେ; ମାତ୍ର ସୁଭାଷ ଥିଲେ ବନସ୍ତ କଣ୍ଟା, ମୂଳରୁ ଗୋଜା; ଅମାବାସ୍ୟା-ଅନ୍ଧକାରରେ ଅଲିଭା ସଳିତା ।

ଆଜି ନେତାଜୀଙ୍କ ନାଁ ଶୁଣିଲେ ବଙ୍ଗ ଦେଶର ଜଣେ ଯୁବକ ନେତାଙ୍କର ଚିତ୍ର ଆଖି ଆଗରେ ଭାସିଯାଏ । ସେ ଓଡ଼ିଆ ନୁହନ୍ତି ସତ୍ୟ, କିନ୍ତୁ ଓଡ଼ିଶା ରାଜଧାନୀ କଟକ ସହରରେ ତାଙ୍କର ଜନ୍ମ, ବାରବାଟୀ ଗୋଡ଼ିମାଟିରେ ତାଙ୍କର ଧୂଳିଖେଳ, ଓଡ଼ିଶା ପାଣିପବନରେ ସେ ପୁଷ୍ଟ । ମାତ୍ର ଓଡ଼ିଶା ସବୁଦିନେ କୋଇଲିମାନଙ୍କର କାଉବସା । ସେ ପାଳେ, ଅଥଚ ଫଳ ଫଳିଲା ବେଳକୁ ହୁଏ ଅନ୍ୟର । କଟକର ଜଣାଶୁଣା ସରକାରୀ ଓକିଲ ଜାନକୀନାଥ ବୋଷଙ୍କର ଷଷ୍ଠ ପୁତ୍ର ସୁଭାଷଚନ୍ଦ୍ର ୧୮୯୭ ଜାନୁଆରୀ ୨୩ ତାରିଖରେ ଜନ୍ମ ହୋଇଥିଲେ । ସେକାଳର ଯେତେ ନାମଜାଦା ଓକିଲ, ସମସ୍ତେ ସାହେବୀ ଢଙ୍ଗରେ ଜୀବନ କାଟୁଥିଲେ; ତେଣୁ ପାଠପଢ଼ା ବୟସ ହେଲାରୁ ବାପା ସୁଭାଷଙ୍କୁ ପ୍ରୋଟେଷ୍ଟାଣ୍ଟ ସ୍କୁଲକୁ ପଠାଇଲେ । ନିଜ ଲୋକଙ୍କଠାରୁ ଅଲଗା ରହି ସାହେବ ପିଲାମାନଙ୍କ ସାଙ୍ଗରେ ପାଠ ପଢ଼ିବାକୁ ତାଙ୍କୁ ଭଲ ଲାଗିଲା ନାହିଁ; ତେଣୁ ସେ କଲେଜିଏଟ ସ୍କୁଲରେ ନାମ ଲେଖାଇଲେ । ସ୍କୁଲରେ ସୁଭାଷ ଦେଖିଲେ ଯେ, ତାଙ୍କ ଶିକ୍ଷକ ଧୋତି ଚାଦର ପିନ୍ଧି କ୍ଲାସକୁ ଆସୁଛନ୍ତି । ତହିଁ ଆର ଦିନ ସେ ବି ଧୋତି ଚାଦର ପକାଇ ସ୍କୁଲକୁ ବାହାରିଲେ । ଜାନକୀବାବୁ ଓକିଲଙ୍କ ପୁଅ ସାହେବାନି ଛାଡ଼ି ଓଡ଼ିଆଙ୍କ ପରି ଧୋତି ଚାଦର ପକାଇ ସ୍କୁଲକୁ ଆସିଛନ୍ତି ଦେଖି ସମସ୍ତେ ଯେତିକି ଅବାକ୍, ସେତିକି ଖୁସି । ସେଯୁଗରେ ବଡ଼ଲୋକ ପିଲା ମାତ୍ରେହିଁ ପର ପୁଚ୍ଛ ପିନ୍ଧି ମୟୂର ସାଜୁଥିଲେ । ସୁଭାଷ ଯେତେବେଳେ ଘରକୁ ଫେରନ୍ତି, ଘରେ ସେ ଦିନ ଭାରି ଚହଳ । ବାବା ଜାଣିଲେଣି, ସୁଭାଷ ସାହେବାନି ଛାଡ଼ି ସ୍ୱଦେଶୀ ସାଜିଛନ୍ତି । କିଏ ଜାଣେ ବାବାଙ୍କଠାରୁ ଆଜି କ'ଣ ମିଳିବ ! ନେହରୁଙ୍କ ପିତା ମୋତିଲାଲଙ୍କ ପରି ଜାନକୀବାବୁ ବି ଭାରି ଖଣ୍ଡାଧାର ଲୋକ । ସୁଭାଷଙ୍କୁ ଡାକି ପିତା ଯେତେବେଳେ ପୋଷାକ ପରିବର୍ତ୍ତନ କଥା ପଚାରନ୍ତି, ସେତେବେଳେ ସୁଭାଷ ନିର୍ଭୟ ଚିତ୍ତରେ କହିଲେ, ସେ ଯାହା କରିଛନ୍ତି ଠିକ୍ କରିଛନ୍ତି । ସେ ସ୍ୱଦେଶୀ ଲୋକମାନଙ୍କ ଗହଣରେ 'ହଂସ ମଧ୍ୟେ ବକୋ ଯଥା' ସାଜି ବଡ଼ିମା ଦେଖାଇବାକୁ ଘୃଣା କରନ୍ତି । ଜାନକୀବାବୁ ଚୁପ୍ ରହିଲେ । ବାଲ୍ୟକାଳରେ ଯେ ବାପାଙ୍କୁ ଜବାବ ଦେଇଥିଲେ, ଯୌବନରେ ଗାନ୍ଧିଙ୍କ ବିରୋଧରେ ଗର୍ଜନ କରିବା ତାଙ୍କ ପକ୍ଷରେ ବିଶେଷ କିଛି ନୁହେଁ । ମନେ ରଖିବାକୁ ହେବ ସେ ଏକମାତ୍ର ନେତା, ଯେ ଗାନ୍ଧିଙ୍କୁ ପ୍ରତିବାଦ କରିଥିଲେ, ଗାନ୍ଧିଙ୍କର ଇଚ୍ଛା ବିରୋଧରେ ବି କଂଗ୍ରେସ-ସଭାପତି ହୋଇପାରିଥିଲେ । ଅନ୍ୟମାନେ ପର୍ବତ ହୋଇପାରନ୍ତି; କିନ୍ତୁ ସୁଭାଷଚନ୍ଦ୍ର ଯେ ଆଗ୍ନେୟଗିରି !

ଗାନ୍ଧି ଓ ନେହରୁ ଉଭୟେ ସ୍କୁଲ ବୟସରେ ବଡ଼ ଲାଜକୁଳା ଥିଲେ । ବାରିଷ୍ଟର ହେବା ପର୍ଯ୍ୟନ୍ତ ସେମାନଙ୍କର ପାଟି ଫିଟୁ ନ ଥିଲା; କିନ୍ତୁ ନେତା ସାଜିବାର, ଦଳ ଗଢ଼ିବାର ସମସ୍ତ ଲକ୍ଷଣ ସୁଭାଷଙ୍କଠାରେ ସ୍କୁଲ ଜୀବନରୁ ଦେଖା ଦେଇଥିଲା । ସେକାଳର ଧନୀପୁତ୍ର ସୁଭାଷଚନ୍ଦ୍ର ଖାଲି ପାଦରେ ହାତକେ ଔଷଧ, ହାତକେ ପଥ୍ୟ ନେଇ କେତେ ବାର ଯେ ବିସୂଚିକା ଓ ବସନ୍ତ ରୋଗୀଙ୍କୁ ରାସ୍ତାଘାଟରେ ସେବା କରିଛନ୍ତି, ତା' ଅନେକ ଲୋକଙ୍କ ଆଖିରେ ପଡ଼ିଛି । ବାପା

ଦିନେହେଲେ ପ୍ରେରଣା ଦେଇ ନାହାନ୍ତି; ଶିକ୍ଷକ ଦିନେ ହେଲେ ଉପଦେଶ ଦେଇ ନାହାନ୍ତି; କିନ୍ତୁ ବନସ୍ତ କଣ୍ଟା ସୁଭାଷଚନ୍ଦ୍ର ସବୁ ମନକୁମନ କରିଛନ୍ତି । ଯାହା କହନ୍ତି ସେ ଜନ୍ମରୁ ନେତା । କମ୍ ସମୟ ପାଠ ପଢ଼ନ୍ତି ଅଥଚ ସାରା ସ୍କୁଲରେ ରେକଡ଼ ନମ୍ବର ରଖନ୍ତି । ଅଙ୍କରେ ଶହେରୁ ଶହେ, ଅନ୍ୟାନ୍ୟ ବିଷୟରେ ଶହେରୁ ନବେ । ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏହିଭଳି ଛାତ୍ର ସୁଭାଷଚନ୍ଦ୍ର ବିଲାତର ଆଇ.ସି.ଏସ୍. ପରୀକ୍ଷାରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । ପୃଥିବୀର ଖୁବ୍ କମ୍ ଜଣାଶୁଣା ନେତା ବହି ପାଠରେ ଏଡ଼େ କୃତବିଦ୍ୟ । ଚର୍ଚ୍ଚିଲ୍ ଚାରି ଥର ଫେଲ୍ ହୋଇଥିଲେ ! ଆଇଜେନହୋର୍ ଫୁଟବଲ ଖେଳି ନାଁ କରିଥିଲେ, ଷ୍ଟାଲିନ୍ ସାମାନ୍ୟ ପୁରାଣପଣ୍ଡା, ମାଓ-ସେ-ତୁଙ୍ଗ ତ ହିଡ଼ମାଟି ହିଡ଼ରେ ଲଦୁଥିଲେ । ଦୁଇ ବାରିଷ୍ଟର ଗାନ୍ଧି ଓ ନେହରୁ ଅତି ସାଧାରଣ ଛାତ୍ର । କିନ୍ତୁ ସୁଭାଷ ସାରାଜୀବନ ପ୍ରଥମ ଶ୍ରେଣୀ ଛାତ୍ର । ମାଟ୍ରିକୁଲେସନରେ ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ପାଇଥିଲେ । କଲିକତାରେ ପ୍ରଥମେ ପ୍ରେସିଡ଼େନ୍ସି କଲେଜ ଓ ପରେ ସ୍କଟିସ୍ ଚର୍ଚ୍ଚ କଲେଜରେ ପଢ଼ି ଦର୍ଶନଶାସ୍ତ୍ରରେ ପ୍ରଥମ ଶ୍ରେଣୀ ଅନର୍ସ ପାଇଥିଲେ ।

ଏ ଦେଶର ସବୁ ବଡ଼ ନେତା ବିଲାତ ତିଆରି । ବିଲାତ ବିରୋଧରେ ଆମର ଯେତେ କହିବାର ଥିଲେ ବି ସ୍ୱୀକାର କରିବାକୁ ହେବ, ବିଲାତ ହିଁ ଆମ ନେତାମାନଙ୍କଠି ଜାତୀୟ ଚେତନା ଜାଗ୍ରତ କରିଛି । ବିଲାତଦର୍ଶନ ମାତ୍ରେ ସୁଭାଷପ୍ରାଣରେ ବିଦ୍ରୋହ ଅଗ୍ନି ଜଳିଉଠିଲା । ଏହି ଦେଶର ପଇସା ନେଇ ଯଦି ବିଲାତ ଲୋକେ ସୁନାର ଲଙ୍କା ସୃଷ୍ଟି କରିପାରନ୍ତି, ତେବେ ଆମରି ପଇସାରେ ରାମରାଜ୍ୟ ସୃଷ୍ଟି କରିପାରିବା ନାହିଁ କାହିଁକି ? ସୁଭାଷ ନିଜେ କହିଛନ୍ତି, ସାହେବମାନେ ଯେତେବେଳେ ତାଙ୍କ ଜୋତା ବ୍ରସ୍ କରିଦିଅନ୍ତି, ସେ ମନେ ମନେ ଭାରି ଖୁସି ହୁଅନ୍ତି । ସେଇଟା ବୋଧହୁଏ ତାଙ୍କର ମାନସ୍ତାତ୍ତ୍ୱିକ ପ୍ରସାଦ । ଆମ ଘରେ ଯେ ଆମ ଉପରେ ମାଲିକ ସାଜି ଆମ ପିଠିରେ ଚାବୁକ ଦିଅନ୍ତି, ତାଙ୍କରି ଦେଶରେ ତାଙ୍କରି ଭାଇବନ୍ଧୁ ଆମ ଜୋତା ସଫା କଲେ ଟିକିଏ ବୋଧହୁଏ ଆତ୍ମପ୍ରସାଦ ହେବାର କଥା । ଖାଲି ନିଜ ଦେଶକୁ କିପରି ବିଲାତ ପରି ଶୃଙ୍ଖଳିତ କରିବେ, ଏହି ଚିନ୍ତାରେ ସେ ବୁଡ଼ି ରହିଲେ । ବିଦେଶୀ ଚାକିରି, ବିଦେଶୀ ସମ୍ମାନକୁ ସେ କିପରି ତିକ୍ତ ଘୃଣା କରୁଥିଲେ ଓ ତାଙ୍କର ଜାତୀୟତାବୋଧ କିପରି ଉତ୍କଟ ଥିଲା, ଯଦି ବିଶ୍ୱାସ ନ କରନ୍ତି, ତେବେ ନିମ୍ନ ଘଟଣାଟି ପଢ଼ନ୍ତୁ ।

ଆଇ.ସି.ଏସ୍. ପରୀକ୍ଷାରେ ପାସ୍ କରି ସେ ଟ୍ରେନିଂ ପାଉଥାନ୍ତି । ଥରେ କେତେକ ଇଂରେଜି ଲେଖା ଭାରତୀୟ ଭାଷାରେ ଅନୁବାଦ କରିବା ପାଇଁ ସେମାନଙ୍କୁ ପ୍ରଶ୍ନ ଦିଆଗଲା । ସେଥିରେ ଗୋଟିଏ ଜାଗାରେ ଲେଖାଥିଲା, 'ଭାରତୀୟ ସିପାହୀମାନେ ଅସାଧୁ' (Indian Sepoys are dishonest) । ଏହି ଧାଡ଼ି ଆଖିରେ ପଡ଼ିବାମାତ୍ରେ ସୁଭାଷ ନିଆଁ ହୋଇଗଲେ । ଏଭଳି ଅସମ୍ମାନସୂଚକ କଥା ସେ ଅନୁବାଦ କରିବେ ନାହିଁ ବୋଲି ପ୍ରଶ୍ନକର୍ତ୍ତାଙ୍କୁ ଜଣାଇଦେଲେ । ପ୍ରଶ୍ନକର୍ତ୍ତା ସୁଭାଷଙ୍କୁ ବୁଝାଇ କହିଲେ, "ମୁଁ ତୁମର ଏହି ନିର୍ଭୀକ ଆତ୍ମସମ୍ମାନବୋଧକୁ ପ୍ରଶଂସା ନ କରି ରହିପାରୁନି; ମାତ୍ର ତୁମେ ଆଦେଶ ପାଳନ ନ କଲେ ଆଇ.ସି.ଏସ୍. ଚାକିରିରେ ରହିପାରିବ ନାହିଁ ।" ଆଇ.ସି.ଏସ୍. ଚାକିରିର ମାହାତ୍ମ୍ୟ ଜାଣନ୍ତି ତ ? ବିଶେଷତଃ ସେଯୁଗର ଆଇ.ସି.ଏସ୍. । ଭାରତଭୂମିରେ ସେମାନେ ଚଳନ୍ତି ଦେବତା । ଇନ୍ଦ୍ରପଦ ପାଇଁ ଯେଉଁମାନେ ତପସ୍ୟା କରି କୌଣସି କାରଣବଶତଃ ଶଚୀଙ୍କଠାରୁ ବରଣମାଳା ପାଇପାରନ୍ତି ନାହିଁ, ସେହିମାନେ ହୁଅନ୍ତି ଆଇ.ସି.ଏସ୍. । ଏହିପରି ଇନ୍ଦ୍ରପଦବୀ ଯା ପାଦତଳେ ଲୋଟୁଥିଲା, ସେ ପ୍ରଶ୍ନକର୍ତ୍ତାଙ୍କୁ କି ଉତ୍ତର ଦେଇଥିବେ ବୋଲି ଭାବୁଛନ୍ତି ? ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗିରଣ ଛଡ଼ା ଅନ୍ୟ କ'ଣ ହୋଇପାରେ ? ନେତାଜୀ ଉତ୍ତର ଦେଲେ, "ଆଇ.ସି.ଏସ୍.

ଇନ୍ଦ୍ରପଦବୀର ଭୋଗଲାଳସା ମୋର ନାହିଁ । ଜାତିର ଅପମାନ ସହ୍ୟ କରିବା ମୋ ପକ୍ଷରେ ଅସମ୍ଭବ । ମୋତେ କେହି ବାହାର କରିଦେବା ପୂର୍ବରୁ ମୁଁ ତାହା ଗୋଡ଼ରେ ଆଡ଼େଇଦେଇ ବାହାରିଯିବାକୁ ଚାହେଁ ।" ଏହି ସମ୍ବାଦ ପାଇ ପିତା ଜାନକୀନାଥ ଏତେ ଟିକେ ବି ଭାଙ୍ଗି ପଡ଼ି ନାହାନ୍ତି । ସେ ବରଂ ଖୁସି । ସେହି ଦିନୁଁ ସୁଭାଷଚନ୍ଦ୍ରଙ୍କ ଖ୍ୟାତି ଚନ୍ଦ୍ରକଳା ପରି ବଢ଼ି ଚାଲିଲା । ଷ୍ଟେଟସ୍‌ମାନ୍ ଖବରକାଗଜରେ ସମ୍ବାଦ ବାହାରିଲା– "ଦୁର୍ଭାଗ୍ୟର କଥା, ବ୍ରିଟିଶ ଅମଲାତନ୍ତ୍ର ସୁଭାଷଙ୍କ ପରି ଜଣେ ବିଚକ୍ଷଣ ଲୋକଙ୍କୁ ହରାଇଲେ ଓ କଂଗ୍ରେସ ଲୋକେ ତାଙ୍କୁ ସହଜରେ ପାଇଲେ ।"

ଭାରତକୁ ଫେରି ସୁଭାଷଚନ୍ଦ୍ର କଂଗ୍ରେସରେ ଯୋଗ ଦେଲେ । ୧୯୨୧ ମସିହାରେ ଯେତେବେଳେ ପ୍ରିନ୍ସ୍ ଅଫ୍ ୱେଲସ୍ ଭାରତ ଆସୁଥିଲେ, ତାଙ୍କୁ ବୟକଟ୍ କରିବା ପାଇଁ ସେ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ । ଫଳରେ ତାଙ୍କୁ ଛମାସ ସଜା ମିଳିଲା । ଆକାଶୀ ଆଇ.ସି.ଏସ୍. ପଦବୀରୁ ଏହି ହେଲା ପ୍ରଥମ ମୃତ୍ତିକାଦର୍ଶନ । ବିଚାରପତି ମାଜିଷ୍ଟ୍ରେଟ୍‌ଙ୍କୁ ନେତାଜୀ କହିଲେ, "ଆଜ୍ଞା, ମୁଁ କ'ଣ କୁକୁଡ଼ା ଚୋରି କରିଛି ଯେ ମୋଟେ ଛ ମାସ ମିଳିଲା ?" ଏହି ଯେଉଁ କାରାଜୀବନର ଆରମ୍ଭ ହେଲା, ଭାରତ ଛାଡ଼ିଲା ପର୍ଯ୍ୟନ୍ତ ତାହା ଚାଲିଲା । ଆଲିପୁର, ମୁର୍ଶିଦାବାଦ, ରେଙ୍ଗୁନ୍, ମାଣ୍ଡାଲେ, ଜେଲ ପରେ ଜେଲ କେତେ ଯେ ସେ ଭୋଗିଛନ୍ତି, ତାର ଠିକଣା ନାହିଁ । ଜାତିପାଇଁ କଷ୍ଟ ସ୍ୱୀକାର କରି ଜାତିର ସମ୍ମାନ ପାଇଛନ୍ତି, ଭାରତ କଂଗ୍ରେସର ସଭାପତି ହୋଇଛନ୍ତି । ଗାନ୍ଧିଙ୍କର 'ମରିବା' ନୀତିଠାରୁ ତାଙ୍କର 'ମାରିବା' ନୀତି ପୃଥକ୍ ହୋଇଥିବାରୁ ସେ କଂଗ୍ରେସରୁ ବାହାରିଯାଇ 'ଫରଓ୍ୱାର୍ଡ଼ ବ୍ଲକ୍' ଗଢ଼ିଲେ । ଦେଶସାରା ଅଗ୍ନି ଜାଳିଲେ । ବ୍ରିଟିଶ ଶାସନକୁ ନିଜ ଶକ୍ତିରେ, ଆବଶ୍ୟକ ହେଲେ ବାହ୍ୟ ଶକ୍ତି ସାହାଯ୍ୟରେ ହଟାଇବାକୁ ହେବ ବୋଲି ସ୍ଥିର କଲେ ।

'ଫରଓ୍ୱାର୍ଡ଼ ବ୍ଲକ୍' କାଗଜରେ ଏକ ଆପତ୍ତିଜନକ ଲେଖା ପାଇଁ ସରକାର ତାଙ୍କୁ ନଜରବନ୍ଦୀରେ ରଖିଥିଲେ । ୧୯୪୦ ମସିହାରେ ଏକ ଶୀତ ସନ୍ଧ୍ୟାରେ ଭାରତ ପୁଲିସଙ୍କ ଆଖିରେ ଧୂଳି ଦେଇ ସୁଭାଷଚନ୍ଦ୍ର ଦେଶ ଛାଡ଼ି ଚାଲିଗଲେ । ସେଦିନର ଧନୀପୁତ୍ର ସୁଭାଷଚନ୍ଦ୍ର ଆଜି ଆଫଗାନିସ୍ଥାନ, କାବୁଲ, କାନ୍ଦାହାରର ଘୋର କାନ୍ତାରରେ ଘୂରିଘୂରି ସ୍ୱାଧୀନତା ଖୋଜିବୁଲିଲେ । କି ଶୀତ, କି ବରଫ ! ଦେହରେ ଖାଲି କେତେ ଖଣ୍ଡ ମୁସଲମାନ ପୋଷାକ । ଭାରତର ଭବିଷ୍ୟତ୍ ଆଶଙ୍କାରେ ଦେହ ମନ ଉଭୟ ଥରୁଥାଏ । ରୁଷିଆ ଯିବାପାଇଁ ଯେତେ ଚେଷ୍ଟା କଲେ ବି ରୁଷିଆ ସରକାର ତାଙ୍କୁ ଗ୍ରହଣ କଲେ ନାହିଁ; କାରଣ ପୃଥିବୀର ଇତିହାସଧାରା ସେତେବେଳକୁ ସଂପୂର୍ଣ୍ଣ ଓଲଟି ଯାଇଥିଲା । ହିଟଲର ବିରୋଧରେ ଇଂଲଣ୍ଡ ଓ ରୁଷିଆ ହାତ ମିଳାଇ ସାରିଥିଲେ; ତେଣୁ ଏକମାତ୍ର ଆଶାଭରସା ହିଟଲର । ସୁଭାଷଙ୍କ ଆଶା ସଫଳ ହେଲା । ହିଟଲରଙ୍କର କରମର୍ଦ୍ଦନ କରି ନବୀନ ସାହସରେ ସୁଭାଷଙ୍କ ଅନ୍ତରର ଉଷ୍ମତା ଫେରିଆସିଲା । ସେ ଗଢ଼ିଲେ ଆଜାଦ୍‌ହିନ୍ଦ୍ ଫୌଜ । ବର୍ଲିନ ବେତାରକେନ୍ଦ୍ରରୁ ନେତାଜୀ ଯେଉଁ ଦିନ ମୁକ୍ତି ବାର୍ତ୍ତା ପ୍ରଚାର କଲେ, ବ୍ରିଟିଶକେଶରୀଙ୍କର ସେହି ଦିନ ଚେତା ପଶିଲା ।

କାଳକ୍ରମେ ୧୯୪୨ ରେ ୧୫ ହଜାର ସୈନ୍ୟସାମନ୍ତ ନେଇ ସୁଭାଷଚନ୍ଦ୍ର ସୁମାତ୍ରାର ପେନାଙ୍ଗ ବନ୍ଦରରେ ପହଞ୍ଚି ଜାପାନ ସରକାରଙ୍କ ସଙ୍ଗେ ଯୋଗାଯୋଗ ସ୍ଥାପନ କଲେ । ରେଙ୍ଗୁନ ସହରରେ ଭାରତର ଶେଷ ସମ୍ରାଟ୍ ବାହାଦୂର ଶାହାଙ୍କ ସମାଧି ପାଖରେ ଉଭା ହୋଇ ସୁଭାଷ ପଣ କରିଥିଲେ, ପୁଣି ଦିଲ୍ଲୀ ଫେରିଯିବାକୁ ହେବ । 'ଦିଲ୍ଲୀ ଚଲୋ' ଓ 'ଜୟ ହିନ୍ଦ୍' ଡାକରେ ରେଙ୍ଗୁନ ଆକାଶ ଫାଟିପଡ଼ିଲା; କିନ୍ତୁ ସୁଭାଷ-ସ୍ୱପ୍ନ ସଫଳ ହୋଇପାରିଲା ନାହିଁ । ସୁଭାଷଙ୍କର କ'ଣ ହେଲା, ଏବେ ମଧ୍ୟ ଜଣା ନାହିଁ । ମାତ୍ର ମାଳୟବଣରୁ ଏବେ ମଧ୍ୟ ଭାସିଆସେ ସ୍ୱାଗତ ସମ୍ଭାଷଣ 'ଜୟ ହିନ୍ଦ୍' ।

**ସୂଚନା :**

| | | | | | |
|---|---|---|---|---|---|
| ଉନ୍ମାଦନା | - | ଆଲୋଡ଼ନ | କୃତବିଦ୍ୟ | - | ପଣ୍ଡିତ, କୃତିତ୍ୱବାନ |
| ଉଦ୍‌ଘାଟିତ | - | ଖୋଲିବା | ଆତ୍ମପ୍ରସାଦ | - | ନିଜ ମନର ତୃପ୍ତି |
| ଚରମ ପନ୍ଥୀ | - | ଉଗ୍ରଉପାୟରେ | ମାହାତ୍ମ୍ୟ | - | ପ୍ରଭାବ |
| | | ରାଜନୈତିକ ସଂସ୍କାରବାଦୀ | ଆକାଶୀ | - | ଆକାଶଛୁଆଁ, ଅତିଉଚ୍ଚ |
| ଖଣ୍ଡାଧାର ଲୋକ | - | କଡ଼ା ଲୋକ | ମୃତ୍ତିକା ଦର୍ଶନ | - | ମାଟିଛୁଇଁବା, ତଳକୁ ପଡ଼ିବା |
| ବିସୂଚିକା | - | ହଇଜା ପରି ରୋଗ | ଉଷ୍ମତା | - | ଶକ୍ତି, ତେଜ |
| | | | ଉଭା | - | ଠିଆ, ଉପସ୍ଥିତ ହୋଇ |

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ପୁଷ୍ଟ, ପୁରାଣପଣ୍ଡା, ଜାତୀୟ ଚେତନା, ବରଣମାଳା

## ଅଭ୍ୟାସ

### ଆସ, କଥାବାର୍ତ୍ତା ହେବା :

୧. ନେତାଜୀ କହିଲେ କାହାଙ୍କୁ ବୁଝାଏ ?

୨. ଆମେରିକାନ୍‌ମାନେ ନେତାଜୀଙ୍କୁ କ'ଣ ବୋଲି କହନ୍ତି ?

୩. ନେତାଜୀଙ୍କର ପିତାଙ୍କ ନାମ କ'ଣ ? କେଉଁ ସହରରେ ତାଙ୍କର ଜନ୍ମ ?

୪. ବାପା ସୁଭାଷଙ୍କୁ ପ୍ରଥମେ କେଉଁ ସ୍କୁଲକୁ ପଠାଇଥିଲେ ?

୫. ଆଇ.ସି.ଏସ୍. ପରୀକ୍ଷାରେ ସୁଭାଷ କେଉଁ ସ୍ଥାନ ଅଧିକାର କରିଥିଲେ ?

୬. ଭାରତ ଭୂମିରେ ଆଇ.ସି.ଏସ୍ ମାନଙ୍କୁ କ'ଣ ବୋଲି ମନେକରାଯାଉଥିଲା ?

୭. କେତେ ମସିହାରେ ସୁଭାଷଚନ୍ଦ୍ର ଭାରତରୁ ବିଦାୟ ନେଇ ଯାଇଥିଲେ ?

୮. ମାଳୟରୁ ଏବେ ମଧ୍ୟ କେଉଁ ସମ୍ଭାଷଣ ଭାସି ଆସେ ବୋଲି ଲେଖକ କହିଛନ୍ତି ?

### ପଠିତ ପାଠକୁ ମନେପକାଇ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଦେବା :

୯. ମଝିରେ ମଝିରେ ଖବର କାଗଜରେ କେଉଁ ସମ୍ବାଦ ଝଲସି ଉଠେ ?

୧୦. ପୋଷାକ ପରିବର୍ତ୍ତନ ବିଷୟରେ ସୁଭାଷ ବାପାଙ୍କୁ କ'ଣ ଉତ୍ତର ଦେଇଥିଲେ ?

୧୧. ବିଦ୍ୟାଳୟ ଜୀବନରୁ ସୁଭାଷଙ୍କ ଠାରେ କି କି ଲକ୍ଷଣ ଦେଖାଦେଇଥିଲା ?

୧୨. ବିଲାତ ଦର୍ଶନ ପରେ ସୁଭାଷଙ୍କର କି ପ୍ରତିକ୍ରିୟା ହେଲା ?

୧୩. ସାହେବମାନେ ତାଙ୍କ ଜୋତା ବ୍ରସ କଲାବେଳେ ସୁଭାଷ ଚନ୍ଦ୍ର ଆତ୍ମପ୍ରସାଦ ଲାଭ କରୁଥିଲେ କାହିଁକି ?

୧୪. ସୁଭାଷ ଚନ୍ଦ୍ର ଆଇ.ସି.ଏସ ଚାକିରି ପରିତ୍ୟାଗ କରିବା ପରେ ଷ୍ଟେଟସ୍‌ମ୍ୟାନ ଖବର କାଗଜରେ କି ସମ୍ବାଦ ପ୍ରକାଶ ହୋଇଥିଲା ?

୧୫. ସୁଭାଷଚନ୍ଦ୍ର କେଉଁଠି ପହଞ୍ଚି ଜାପାନ ସରକାରଙ୍କ ସଙ୍ଗେ ଯୋଗାଯୋଗ ସ୍ଥାପନ କରିଥିଲେ ?

୧୬. ସୁଭାଷ କେଉଁଠି ଛିଡ଼ା ହୋଇ 'ଦିଲ୍ଲୀ ଚଲୋ' ଡାକ ଦେଇଥିଲେ ?

୧୭. ପ୍ରଜାପତିର ଡେଣାରେ ଥିବା ଶବ୍ଦକୁ ଆଣି ଶୂନ୍ୟ ସ୍ଥାନ ପୂରଣ କରିବା ଶୂନ୍ୟସ୍ଥାନ ପୂରଣ କର ।




କ) ସୁଭାଷ ଥିଲେ ବନସ୍ତ କଣ୍ଟା, ମୂଳରୁ ଗୋଜା, ଅମାବାସ୍ୟା ଅନ୍ଧକାରର ___________ ।

ଖ) ଖାଲି ନିଜ ଦେଶକୁ କିପରି ___________ ପରି ଶୃଙ୍ଖଳିତ କରିବେ ଏହି ଚିନ୍ତାରେ ସେ ବୁଡ଼ି ରହିଲେ ।

ଗ) ସେହି ଦିନୁ ସୁଭାଷ ଚନ୍ଦ୍ରଙ୍କ ଖ୍ୟାତି ___________ ପରି ବଢ଼ି ଚାଲିଲା ।

ଘ) ଗାନ୍ଧିଜୀଙ୍କର 'ମରିବା' ନୀତି ଠାରୁ ତାଙ୍କର '___________' ନୀତି ପୃଥକ୍ ହୋଇଥିବାରୁ ସେ କଂଗ୍ରେସରୁ ବାହାରି ଯାଇ ଫରୱାର୍ଡ ବ୍ଲକ ଗଢ଼ିଲେ ।

ଙ) ବର୍ଲିନ୍ ବେତାର କେନ୍ଦ୍ରରୁ ନେତାଜୀ ଯେଉଁ ଦିନ ମୁକ୍ତିବାର୍ତ୍ତା ପ୍ରଚାର କଲେ ___________ ସେହି ଦିନ ଚେତା ପଶିଲା ।

୧୮. 'କ' ସ୍ତମ୍ଭରେ ଦିଆଯାଇଥିବା ଖଣ୍ଡବାକ୍ୟଗୁଡ଼ିକୁ 'ଖ' ସ୍ତମ୍ଭରେ ଦିଆଯାଇଥିବା ଖଣ୍ଡବାକ୍ୟ ଗୁଡ଼ିକରେ ସଂଯୋଗ କରି ସଂପୂର୍ଣ୍ଣ ବାକ୍ୟଟିକୁ ଲେଖିବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଆଜି ଦୁନିଆରେ ନେତା ତ ଅନେକ | ଅଥଚ ସ୍କୁଲରେ ରେକର୍ଡ ନମ୍ବର ରଖନ୍ତି । |
| ଆମେ ତାଙ୍କୁ କହୁ ନେତାଜୀ | ସୁଭାଷ ପ୍ରାଣରେ ବିଦ୍ରୋହ ଅଗ୍ନି ଜଳି ଉଠିଲା । |
| କମ୍ ସମୟ ପାଠ ପଢ଼ନ୍ତି | ରେଙ୍ଗୁନ ଆକାଶ ଫାଟି ପଡ଼ିଲା । |
| ବିଲାତ ଦର୍ଶନ ମାତ୍ରେ | ମାତ୍ର ନେତାଜୀ କହିଲେ କେବଳ ଜଣକୁ ବୁଝାଏ । |
| ଜାତିର ଅପମାନ ସହ୍ୟ କରିବା | ଆମେରିକାନ୍‌ମାନେ କହନ୍ତି ଭାରତର ୱାସିଂଟନ । |
| 'ଦିଲ୍ଲୀ ଚଲୋ' ଓ 'ଜୟହିନ୍ଦ୍' ଧ୍ୱନିରେ | ମୋ ପକ୍ଷରେ ଅସମ୍ଭବ । |

୧୯. ଠିକ୍ ବନାନ ଥିବା ଶବ୍ଦଟିକୁ ବାଛି ପାଖ କୋଠରୀରେ ରଖିବା ।

(କ) (i) ନିର୍ଭୀକ (ii) ନିର୍ଭିକ (iii) ନୀର୍ଭିକ

(ଖ) (i) ସ୍ୱାଧିନତା (ii) ସ୍ୱାଧୀନତା (iii) ଶ୍ୱାଧୀନତା

(ଗ) (i) ସ୍ୱଦେଶି (ii) ଶ୍ୱଦେଶୀ (iii) ସ୍ୱଦେଶୀ

(ଘ) (i) ସାହାସ (ii) ସାହସ (iii) ସାହଷ

(ଙ) (i) ସନ୍ମାନ (ii) ସନ୍‌ମାନ (iii) ସମ୍ମାନ

୨୦. ଯେପରି ଗଢ଼ିବାରୁ ଗଠନ କରିବା, ସେହିପରି ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ନୂଆ ରୂପକୁ ଲେଖିବା ।

ଦେଖିବା ____________, ରଖିବା ____________

ପଢ଼ିବା ____________, କାଟିବା ____________

୨୧. 'ଫରୱାର୍ଡ଼ ବ୍ଲକ୍' କାଗଜରେ ଏକ ଆପତ୍ତିଜନକ ଲେଖା ପାଇଁ ସରକାର ତାଙ୍କୁ ନଜରବନ୍ଦୀରେ ରଖିଥିଲେ । ୧୯୪୦ ମସିହାରେ ଏକ ଶୀତ ସନ୍ଧ୍ୟାରେ ଭାରତ ପୁଲିସଙ୍କ ଆଖିରେ ଧୂଳି ଦେଇ ସୁଭାଷଚନ୍ଦ୍ର ଦେଶ ଛାଡ଼ି ଚାଲିଗଲେ । ସେଦିନର ଧନୀପୁତ୍ର ସୁଭାଷଚନ୍ଦ୍ର ଆଜି ଆଫଗାନିସ୍ଥାନ, କାବୁଲ, କାନ୍ଦାହାରର ଘୋର କାନ୍ତାରରେ ଘୂରିଘୂରି ସ୍ୱାଧୀନତା ଖୋଜିବୁଲିଲେ । କି ଶୀତ, କି ବରଫ । ଦେହରେ ଖାଲି କେତେ ଖଣ୍ଡ ମୁସଲମାନ ପୋଷାକ । ଭାରତର ଭବିଷ୍ୟତ୍ ଆଶଙ୍କାରେ ଦେହ ମନ ଭୟରେ ଥରୁଥାଏ । ରୁଷିଆ ଯିବା ପାଇଁ ଯେତେ ଚେଷ୍ଟା କଲେ ବି ରୁଷିଆ ସରକାର ତାଙ୍କୁ ଗ୍ରହଣ କଲେ ନାହିଁ; କାରଣ ପୃଥିବୀର ଇତିହାସଧାରା ସେତେବେଳକୁ ସଂପୂର୍ଣ୍ଣ ଓଲଟି ଯାଇଥିଲା । ହିଟଲର ବିରୋଧରେ ଇଂଲଣ୍ଡ ଓ ରୁଷିଆ ହାତ ମିଳାଇ ସାରିଥିଲେ; ତେଣୁ ଏକମାତ୍ର ଆଶାଭରସା ହିଟଲର । ସୁଭାଷଙ୍କ ଆଶା ସଫଳ ହେଲା । ହିଟଲରଙ୍କର କରମର୍ଦ୍ଦନ କରି ନବୀ ସାହସରେ ସୁଭାଷଙ୍କ ଅନ୍ତରର ଉଷ୍ମତା ଫେରିଆସିଲା । ସେ ଗଢ଼ିଲେ ଆଜାଦ୍‌ହିନ୍ଦ୍ ଫୌଜ । ବର୍ଲିନ ବେତାରକେନ୍ଦ୍ରରୁ ନେତାଜୀ ଯେଉଁ ଦିନ ମୁକ୍ତି ବାର୍ତ୍ତା ପ୍ରଚାର କଲେ, ବ୍ରିଟିଶକେଶରୀଙ୍କର ସେହି ଦିନ ଚେତା ପଶିଲା ।

**ଉପରେ ଥିବା ଅନୁଚ୍ଛେଦଟିକୁ ପାଠ କରି ସେଥିରୁ କେତେଗୁଡ଼ିଏ ପ୍ରଶ୍ନ ପ୍ରସ୍ତୁତ କରିବା ।**

ଯେପରି - ସୁଭାଷଚନ୍ଦ୍ର କିପରି ଦେଶ ଛାଡ଼ି ଚାଲିଗଲେ ?

ସେପରି - (କ) ________________________________

(ଖ) ________________________________

(ଗ) ____________________

(ଘ) ____________________

**ତୁମପାଇଁ କାମ :**

୧. ଆସ ଶ୍ରେଣୀରେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଉପରେ ଏକ ବକ୍ତୃତା ସଭାରେ ଆୟୋଜନ କରିବା ।

୨. ଗୋଲୋକବିହାରୀ ଧଳଙ୍କ ଲିଖିତ ଅନ୍ୟ ଜୀବନୀ ଗ୍ରନ୍ଥ ସଂଗ୍ରହ କରି ପଢ଼ିବା ।

୩. ନେତାଜୀ ସୁଭାଷଙ୍କର ଫଟୋ ସଂଗ୍ରହ କରି ଶ୍ରେଣୀ ଗୃହରେ ରଖିବା ।

୪. ନେତାଜୀ ସୁଭାଷଙ୍କର ଜୀବନୀକୁ ପାଠ କରିବା ।

❖❖❖

L53FL3

# ଆତ୍ମିକ ଶିକ୍ଷା

● ମୋହନଦାସ କରମଚାନ୍ଦ ଗାନ୍ଧି

ଅନୁବାଦ- ଗୋପବନ୍ଧୁ ଚୌଧୁରୀ

## ଲେଖକ ପରିଚୟ :

ମୋହନଦାସ କରମଚାନ୍ଦ ଗାନ୍ଧୀ (୧୮୬୯- ୧୯୪୮) ବା ମହାତ୍ମାଗାନ୍ଧୀ ଥିଲେ ଜାତିର ଜନକ । ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟପୁରୋଧା ଭାବରେ ଅହିଂସା ମାର୍ଗରେ ଭାରତକୁ ସ୍ୱାଧୀନ କରାଇ ବିଶ୍ୱ ଇତିହାସରେ ସେ ଯେଉଁ ନୂତନ ଅଧ୍ୟାୟ ରଚନା କଲେ ତାହା ତାଙ୍କୁ ସମଗ୍ର ଜଗତରେ ଅନନ୍ୟ ମର୍ଯ୍ୟାଦା ପ୍ରଦାନ କରିଛି । ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟକୁ ବିରୋଧ କରିବାରୁ ଆରମ୍ଭ କରି ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନ ମାଧ୍ୟମରେ ସେ ଜାତୀୟତା ଆନ୍ଦୋଳନର କର୍ଣ୍ଣଧାର ହୋଇଥିଲେ । ତାଙ୍କର ବହୁ ଭାଷଣ ଓ ରଚନା ମଧ୍ୟରେ ମାନବଜୀବନ ପାଇଁ ଶିକ୍ଷଣୀୟ କଥାମାନ ପ୍ରତିପାଦିତ । ପଠିତ ଗଦ୍ୟାଂଶଟି ଗାନ୍ଧିଜୀଙ୍କର ମୂଳ ଗୁଜରାଟୀରେ ଲିଖିତ ଆତ୍ମଜୀବନୀର ଗୋପବନ୍ଧୁ ଚୌଧୁରୀକୃତ ଓଡ଼ିଆ ଅନୁବାଦ 'ଆତ୍ମକଥା'ରୁ ଗୃହୀତ ।

## ଅନୁବାଦକ :

ଗୋପବନ୍ଧୁ ଚୌଧୁରୀ ଥିଲେ ବିଶିଷ୍ଟ ଗାନ୍ଧିବାଦୀ ନେତା, ତ୍ୟାଗୀ ଓ ଭୂଦାନ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର । ଉଚ୍ଚ ସରକାରୀ ପଦବୀ ପରିତ୍ୟାଗ କରି ସେ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ ଓ ଗାନ୍ଧିଜୀଙ୍କ ଆଦର୍ଶ ତଥା ନୀତିକୁ ରୂପାୟନ କରିବାରେ ନିଜକୁ ସଂପୂର୍ଣ୍ଣ ନିୟୋଜିତ କରିଥିଲେ । ଗାନ୍ଧିଜୀଙ୍କ ରଚନା ଓ ଅନ୍ୟାନ୍ୟ ବହୁ ଗ୍ରନ୍ଥର ଅନୁବାଦ କରି ସେ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଉଦ୍ଧୃତ ଗଦ୍ୟାଂଶଟିରେ ଗାନ୍ଧିଜୀଙ୍କ କଥିତ ଆତ୍ମିକ ଶିକ୍ଷାର ତାତ୍ତ୍ୱିକ ଅର୍ଥକୁ ସରଳ ଭାବରେ ବୁଝାଇ ଦିଆଯାଇଛି ।

---

**ପି**ଲାମାନଙ୍କର ଶରୀର ଓ ମନର ଶିକ୍ଷାଠାରୁ ସେମାନଙ୍କର ଆତ୍ମାର ଶିକ୍ଷାରେ ମତେ ବହୁତ ପରିଶ୍ରମ ପଡ଼ିଥିଲା । ଆତ୍ମାର ବିକାଶ କରାଇବାରେ ମୁଁ ଧର୍ମପୁସ୍ତକ ଉପରେ କମ୍ ନିର୍ଭର କରୁଥିଲି । ମୋ ମତରେ ଆପଣା ଧର୍ମର ମୂଳତତ୍ତ୍ୱ ପ୍ରତ୍ୟେକ ଛାତ୍ର ଜାଣିବା ଉଚିତ ଏବଂ ନିଜର ଧର୍ମଶାସ୍ତ୍ରମାନଙ୍କର ସାଧାରଣଜ୍ଞାନ ଥିବା ଆବଶ୍ୟକ । ତେଣୁ ସେଭଳି ଜ୍ଞାନ ସେମାନଙ୍କୁ ମିଳିପାରିବାର ଯଥାସମ୍ଭବ ବ୍ୟବସ୍ଥା ମୁଁ କରିଦେଇଥିଲି । କିନ୍ତୁ ମୋ ମତରେ ତାହା ବୌଦ୍ଧିକ ଶିକ୍ଷାର ଗୋଟିଏ ଅଙ୍ଗ । ଆତ୍ମାର ଶିକ୍ଷା ଗୋଟିଏ ପୂରା ଅଲଗା ବିଭାଗ ଅଟେ । ଟଲଷ୍ଟୟ ଆଶ୍ରମର ପିଲାମାନଙ୍କ ଶିକ୍ଷାର ଭାର ନେବାର ବହୁ ପୂର୍ବରୁ ମୁଁ ତାହା ବୁଝିପାରିଥିଲି । ଆତ୍ମାର ବିକାଶ କରିବାର ଅର୍ଥ ଚରିତ୍ର ଗଢ଼ିବା, ଈଶ୍ୱରଙ୍କର ଜ୍ଞାନ ପାଇବା ଏବଂ ଆତ୍ମଜ୍ଞାନ ଲାଭ କରିବା । ମୋ ମତରେ ଏ ଜ୍ଞାନ ପାଇବାରେ ବାଳକ ବାଳିକାମାନଙ୍କୁ ବହୁତ ସାହାଯ୍ୟ କରିବା ଦରକାର ଏବଂ ଏହା ବିନା ଅନ୍ୟ ସବୁ ଜ୍ଞାନ ବ୍ୟର୍ଥ ଅଟେ ଏବଂ କ୍ଷତିକାରକ ମଧ୍ୟ ହୋଇପାରେ ।

ଆତ୍ମଜ୍ଞାନ ଯେ କେବଳ ମନୁଷ୍ୟର ଚତୁର୍ଥ ଆଶ୍ରମରେ, ଅର୍ଥାତ୍ ସନ୍ନ୍ୟାସ ଅବସ୍ଥାରେ ମିଳେ, ଏ ଭ୍ରାନ୍ତ ଧାରଣା ମୁଁ ଶୁଣିଥିଲି । ଯେଉଁମାନେ ଏହି ଅମୂଲ୍ୟ ଜ୍ଞାନ ପାଇବା ପାଇଁ ପ୍ରସ୍ତୁତ ନହୋଇ ସେହି ଶେଷାବସ୍ଥା ପାଇଁ ଅପେକ୍ଷା କରିଥାନ୍ତି, ସେମାନେ ଆତ୍ମଜ୍ଞାନ ତ ପା'ନ୍ତି ନାହିଁ, ବରଂ ତା ବଦଳରେ ବାର୍ଦ୍ଧକ୍ୟ ଓ ପୁଣି ଏକ ଅତି ଶୋଚନୀୟ ଶୈଶବାବସ୍ଥା ଭୋଗ କରି ଦୁନିଆରେ ବୋଝ ସ୍ୱରୂପ ହୋଇ ବଞ୍ଚନ୍ତି । ଏଭଳି ଅଭିଜ୍ଞତା ସର୍ବତ୍ର ମିଳିଥାଏ । ମୋର ସମ୍ପୂର୍ଣ୍ଣ ମନେ ଅଛି ଯେ, ମୁଁ ୧୯୧୧-୧୯୧୨ ରେ ଏ ବିଚାରକୁ ଏପରି ଭାଷାରେ ପ୍ରକାଶ କରି ନଥିଲେ ହେଁ ସେତେବେଳେ ମୁଁ ଏହିପରି ମତ ପୋଷଣ କରୁଥିଲି ।

ଆତ୍ମାର ଶିକ୍ଷା କେମିତି ଦିଆଯାଇପାରେ ? ମୁଁ ପିଲାଙ୍କୁ ଭଜନ ବୋଲାଉଥିଲି । ତାଙ୍କୁ ନୀତି କଥାମାନ ପଢ଼ି ଶୁଣାଉଥିଲି । ମାତ୍ର ସେଥିରେ ମୋର ତୃପ୍ତି ହେଉ ନ ଥିଲା । ସେମାନଙ୍କର ଯେତେ ଅଧିକ ଘନିଷ୍ଠ ସମ୍ପର୍କରେ ମୁଁ ଆସିଲି, ସେତିକି ଅଧିକ ବୁଝୁଥିଲି ଯେ, ଆତ୍ମାର ଶିକ୍ଷା ବହି ସାହାଯ୍ୟରେ ଦିଆଯାଇପାରେ ନାହିଁ । ଯେମିତି ଶରୀରର ଶିକ୍ଷା କେବଳ ଦେହର କସରତ ଦ୍ୱାରା, ଯେମିତି ବୁଦ୍ଧିର ଶିକ୍ଷା ବୁଦ୍ଧିର ଚାଳନା ଦ୍ୱାରା ଦେଇ ହେବ, ସେମିତି ଆତ୍ମାର ଶିକ୍ଷା କେବଳ ଆତ୍ମାର କସରତ୍ ଦ୍ୱାରା ସମ୍ଭବ । ଏ ଚାଳନା କେବଳ ଶିକ୍ଷକଙ୍କର ଆଚରଣରୁ ମିଳିପାରିବ । ପିଲାମାନେ ଉପସ୍ଥିତ ଥାଆନ୍ତୁ ବା ନ ଥାଆନ୍ତୁ, ଶିକ୍ଷକଙ୍କର ସବୁବେଳେ ସାବଧାନ ରହିବା ଉଚିତ । ଶିକ୍ଷକ ଲଙ୍କାରେ ବସି ନିଜର ଚରିତ୍ର ବଳରେ ଆପଣାର ଶିଷ୍ୟମାନଙ୍କର ଆତ୍ମାକୁ ପ୍ରଭାବିତ କରିପାରନ୍ତି । ମୁଁ ନିଜେ ମିଛ କହିବି ଏବଂ ପିଲାଙ୍କୁ ସତ କୁହାଇବାକୁ ଚେଷ୍ଟା କରିବି ତ, ତାହା ବୃଥା ହେବ । ଭୀରୁ ଶିକ୍ଷକ ଆପଣା ଛାତ୍ରଙ୍କୁ ବୀରତ୍ୱ ଶିଖେଇପାରିବ ନାହିଁ । ବ୍ୟଭିଚାରୀ ଶିକ୍ଷକ ପିଲାଙ୍କୁ କୁଆଡୁ ସଂଯମ ଶିଖାଇ ପାରିବ ? ତେଣୁ ମୋତେ ସାଥୀ ଯୁବକ ଓ ଯୁବତୀମାନଙ୍କ ପାଇଁ ସବୁବେଳେ ଗୋଟିଏ ଆଦର୍ଶ ପାଠ ହୋଇ ରହିବାକୁ ପଡ଼ିବ, ଏ କଥା ମୁଁ ସ୍ପଷ୍ଟ ବୁଝିପାରିଥିଲି । ଫଳରେ ମୋର ଶିଷ୍ୟମାନେ ମୋର ଶିକ୍ଷକ ହୋଇ ଯାଇଥିଲେ । ମୋ ନିଜ ପାଇଁ ନୁହେଁ, ସେହିମାନଙ୍କ ପାଇଁ ଯେ ମୋତେ ସତ୍ ହେବାକୁ ପଡ଼ିବ, ସତ୍‌ଜୀବନ ଯାପନ କରିବାକୁ ପଡ଼ିବ, ଏତକ ମୁଁ ଶିଖିଥିଲି । ଟଲ୍‌ଷ୍ଟୟ ଆଶ୍ରମରେ ମୁଁ ଯେତେକ ଅଧିକ ସଂଯମ କରିଥିଲି, ସେଥିପାଇଁ ମୁଁ ଯୁବକ ଯୁବତୀଙ୍କ ପାଖରେ ଋଣୀ ବୋଲି କହିପାରେ ।

ଆଶ୍ରମରେ ଗୋଟିଏ ଯୁବକ ଭାରି ଅବାଗିଆ ଥିଲା, ମିଛ କହୁଥିଲା, କାହାକୁ ମାନୁ ନ ଥିଲା ଓ ଅନ୍ୟମାନଙ୍କ ସଂଗେ କଳି କରୁଥିଲା । ଥରେ ସେ ଅତି ମାତ୍ରାରେ ମାତି ଉଠିଥିଲା । ମୁଁ ଘାବରା ହୋଇ ଯାଇଥିଲି । କେବେ ପିଲାଙ୍କୁ ମୁଁ ଶାସ୍ତି ଦେଉ ନ ଥିଲି । ଏଥର ମୋ ମୁଣ୍ଡରେ ଭାରି ରାଗ ଚଢ଼ିଗଲା । ତାକୁ ବୁଝାଇବାକୁ ଚେଷ୍ଟା କଲି; କିନ୍ତୁ ସେ କୌଣସି ପ୍ରକାରେ ବୁଝିଲା ନାହିଁ । ବରଂ ମୋତେ ଓଲଟି ଠକିବାକୁ ବସିଲା । ପାଖରେ ଗୋଟିଏ ରୁଲ୍ ବାଡ଼ି ପଡ଼ିଥିଲା । ମୁଁ ତାହା ଉଠାଇ ନେଇ ତାହାର ବାହା ଉପରେ ଦେଲି ପାହାର । ତାକୁ ପିଟିଲାବେଳେ ମୁଁ ଥରୁଥିଲି । ସମ୍ଭବତଃ ସେ ଏହା ଲକ୍ଷ୍ୟ କରିଥିଲା । କୌଣସି ପିଲା ପ୍ରତି ଏପରି ବ୍ୟବହାର ମୁଁ ପୂର୍ବରୁ କେବେ କରି ନ ଥିଲି । ସେହି ଛାତ୍ରଟି କାନ୍ଦି ଉଠିଲା । ମୋତେ କ୍ଷମା ପ୍ରାର୍ଥନା କଲା । ମାଡ଼ ତାକୁ କାଟିଲା ବୋଲି ଯେ ସେ କାନ୍ଦିଲା, ତାହା ନୁହେଁ । ସେ ଇଚ୍ଛା କରିଥିଲେ, ମୋତେ ଓଲଟି କାବୁ କରି ଦେଇପାରିଥାନ୍ତା, ଏତେ ବଳ ତାର ଥିଲା । ତାର ବୟସ ୧୭ ବର୍ଷ ହୋଇଥିବ । ସେ ଖୁବ୍ ବଳବାନ୍ ଥିଲା । ମୋର ରୁଲ୍ ବାଡ଼ିରେ ସେ ମୋର ଦୁଃଖ ଦେଖି ପାରିଥିଲା । ଏ ଘଟଣା ପରେ ସେ ଆଉ କେବେ ମୋର ଅବାଧ ହୋଇ ନ ଥିଲା । କିନ୍ତୁ ତାକୁ ମୁଁ ରୁଲ୍ ବାଡ଼ିରେ ମାରିଥିବା ଯୋଗୁଁ ମୁଁ ଆଜି ପର୍ଯ୍ୟନ୍ତ ଦୁଃଖ କରୁଛି । ମୋର ଆଶଙ୍କା, ମୁଁ ତାକୁ ମାଡ଼ ଦେଇ ମୋ ଆତ୍ମାର ଦର୍ଶନ କରେଇ ନ ଥିଲି, ବରଂ ମୋ ଭିତରେ ଯେ ପଶୁ ପ୍ରକୃତି ଅଛି, ତାହା ଦେଖାଇଥିଲି ।

ପିଲାଙ୍କୁ ମାଡ଼ ଦେଇ ପଢ଼େଇବାର ମୁଁ ସବୁ ଦିନେ ବିରୋଧୀ । କେବଳ ଥରେ ମୁଁ ମୋର ଗୋଟିଏ ପୁଅକୁ ମାରିଥିବା ମନେ ପଡୁଛି । ରୁଲବାଡ଼ିରେ ପିଟିବା ଦ୍ୱାରା ମୁଁ ଉଚିତ କାର୍ଯ୍ୟ କଲି ବା କଲି ନାହିଁ, ତାହା ମୁଁ ଆଜିସୁଦ୍ଧା ଠିକ୍ କରିପାରି ନାହିଁ । ସେହି ଦଣ୍ଡ ଦେବାର ନ୍ୟାଯ୍ୟତା ସମ୍ବନ୍ଧରେ ମୋର ସନ୍ଦେହ ଅଛି । କାରଣ ସେଥିରେ କ୍ରୋଧ ପୂରି ରହିଥିଲା ଏବଂ ଦଣ୍ଡ ଦେବାର ଭାବନା ଥିଲା । ସେଥିରେ ଯଦି କେବଳ ମୋର ମନର କଷ୍ଟ ଜଣା ପଡ଼ିଥାନ୍ତା, ତେବେ, ମୁଁ ସେ ଶାସ୍ତି ଦେବାକୁ ନ୍ୟାଯ୍ୟ ମଣିଥାନ୍ତି । କିନ୍ତୁ ସେଥିରେ ମୋର ମନର ଭାବ ମିଶାମିଶି ଥିଲା । ଏ ଘଟଣା ପରେ ଛାତ୍ରମାନଙ୍କୁ ସୁଧାରିବାର ଭଲ ଉପାୟ ମୁଁ ଶିଖିଗଲି । ସେ ଘଟଣାରେ ଏହି କଳା କେତେଦୂର କାମ ଦେଇଥାନ୍ତା, ତାହା ମୁଁ କହିପାରିବି ନାହିଁ । ସେହି ଯୁବକ ତ ସେ ଦିନର ଘଟଣାକୁ ଶୀଘ୍ର ପାଶୋରି ପକେଇଲା । ତା'ର ବେଶୀ କିଛି ଉନ୍ନତି ହୋଇଥିଲା ବୋଲି ମୋର ମନେ ହେଉ ନାହିଁ । କିନ୍ତୁ ଏ ଘଟଣା ଫଳରେ ଛାତ୍ରଙ୍କ ପ୍ରତି ଶିକ୍ଷକଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ମୁଁ ବହୁତ ଚିନ୍ତା କଲି । ଏହାପରେ ଯୁବକମାନେ ଏପରି ଦୋଷ ଅନେକ ଥର କରିଛନ୍ତି । ମାତ୍ର ମୁଁ କେବେ ହେଁ ଦଣ୍ଡ ଦେଇ ନାହିଁ । ଏହିପରି ଆଧ୍ୟାତ୍ମିକ ଶିକ୍ଷା ଦେବାର ଉଦ୍ୟମ କରୁଁ କରୁଁ ଆତ୍ମାର ଗୁଣ ମୁଁ ସ୍ୱୟଂ ଅଧିକ ବୁଝିବାକୁ ଲାଗିଲି ।

**ସୂଚନା :**

| | | |
|---|---|---|
| ବୌଦ୍ଧିକ | – | ବୁଦ୍ଧିଗତ, ବୁଦ୍ଧି ସଂପର୍କିତ |
| ଆତ୍ମଜ୍ଞାନ | – | ଆତ୍ମା ଜ୍ଞାନ (ଆପଣାକୁ ଚିହ୍ନିବାର) |
| ଚତୁର୍ଥ ଆଶ୍ରମ | – | ଶାସ୍ତ୍ରାନୁସାରେ ବ୍ୟକ୍ତି ଜୀବନର ଯେଉଁ ଚାରୋଟି ଅବସ୍ଥା (ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ) ତହିଁରୁ ଚତୁର୍ଥ ଅବସ୍ଥା ବା ଆଶ୍ରମ ହେଉଛି ସନ୍ନ୍ୟାସ । |
| ଶୈଶବାବସ୍ଥା | – | ବାଲ୍ୟକାଳ, ପିଲାବେଳ |
| ବ୍ୟଭିଚାରୀ | – | କୁକର୍ମକାରୀ, ଅନ୍ୟାୟ ଆଚରଣକାରୀ |
| ଆତ୍ମସଂଯମ | – | ନିଜକୁ ନିୟମ ଭିତରେ ରଖିବା, ଶୃଙ୍ଖଳିତ ଜୀବନଯାପନ |
| ଘାବରା | – | ବିଚଳିତ |
| ଅବାଧ୍ୟ | – | ଅମାନିଆ |
| ନ୍ୟାଯ୍ୟତା | – | ନ୍ୟାୟୋଚିତ, ନ୍ୟାୟସମ୍ମତ |
| ଆଧ୍ୟାତ୍ମିକ | – | ଆତ୍ମାସମ୍ବନ୍ଧୀୟ |

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଅବାଗିଆ, ପଶୁପ୍ରକୃତି, କାବୁ

## ଅଭ୍ୟାସ

**ଆସ, ଆମେ କଥାବାର୍ତ୍ତା ହେବା :**

୧. କେଉଁ ମୂଳତତ୍ତ୍ୱଟିକୁ ପ୍ରତ୍ୟେକ ଛାତ୍ର ଜାଣିବା ଉଚିତ ?

୨. ଶରୀରର ଶିକ୍ଷା କାହା ଦ୍ୱାରା ହୁଏ ?

୩. ଶିକ୍ଷକମାନଙ୍କର ସାବଧାନତା ଅବଲମ୍ବନ କରିବା ଉଚିତ କାହିଁକି ?

୪. ଭୀରୁ ଶିକ୍ଷକ ଆପଣା ଛାତ୍ରଙ୍କୁ କ'ଣ ଶିଖାଇ ପାରିବ ନାହିଁ ?

୫. ଆଶ୍ରମରେ ଥିବା କେଉଁ ଯୁବକଟିକୁ ଲେଖକ ପିଟିଥିଲେ ?

**ପଠିତ ପାଠରୁ ମନେ ପକାଇ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖିବା :**

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୬. କେଉଁ କେଉଁ କାର୍ଯ୍ୟ କରିବା ପାଇଁ ଲେଖକଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥିଲା ?

୭. ଆତ୍ମାର ବିକାଶ କରିବାର ଅର୍ଥ କ'ଣ ?

୮. ଶିକ୍ଷକ କିପରି ଭାବରେ ଶିଷ୍ୟର ଆତ୍ମାକୁ ପ୍ରଭାବିତ କରନ୍ତି ?

୯. ଲେଖକ ଆଶ୍ରମର ଯୁବତୀ ଓ ଯୁବକଙ୍କ ପାଖରେ ନିଜକୁ ଋଣୀ ମନେ କରିଛନ୍ତି କାହିଁକି ?

୧୦. ଯୁବକଟିକୁ ପିଟିବା ବେଳେ ଲେଖକ କେଉଁଥିପାଇଁ ଥରିଲେ ଓ ପରେ କ'ଣ ଅନୁଭବ କଲେ ?

୧୧. ପିଲାଙ୍କୁ ମାଡ଼ଦେଇ ପଢ଼ାଇବା ଉପରେ ଲେଖକଙ୍କର ମତ କ'ଣ ?

୧୨. ଛାତ୍ରମାନଙ୍କୁ ସୁଧାରିବାର କେଉଁ ଉପାୟ ଲେଖକ ଲାଭ କରିଥିଲେ ?

୧୩. ଯୁବକ-ଯୁବତୀ ପରି ଆଉ କେତୋଟି ଶବ୍ଦ ପଠିତ ବିଷୟରୁ ଖୋଜି ବାହାର କରିବା । ଆବଶ୍ୟକ ହେଲେ ବହି ବାହାରୁ ଏହିପରି ଆଉ କେତୋଟି ଶବ୍ଦ ଲେଖିବା ।

____________, ____________, ____________, ____________

୧୪. ବାଧ ନୁହେଁ ଯେ ସେ ଅବାଧ । ସେହିପରି ନିମ୍ନଲିଖିତ ଶବ୍ଦଗୁଡ଼ିକ କ'ଣ ହେବ ଲେଖିବା ।

ଗ୍ରାହ୍ୟ ______________________

ସାଧ୍ୟ ______________________

ଶ୍ରାବ୍ୟ ______________________

ଚିନ୍ତ୍ୟ ______________________

୧୫. ଯେପରି 'ବୋଲିବା' ରୁ 'ବୋଲାଇବା' । ସେହିପରି କ'ଣ ହେବ ଲେଖିବା ।

କାନ୍ଦିବା ______________________ ମାନିବା ______________________

ଜାଣିବା ______________________ ବୁଝିବା ______________________

ଥରିବା ______________________ ଠକିବା ______________________

୧୬. ଆସ ତଳ ଘରଗୁଡ଼ିକ ପୂରଣ କରିବା ।


ଯେପରି – ଶାରୀରିକ ଶିକ୍ଷା

ସେପରି – ______________________

______________________

______________________

______________________




୧୭. 'କ' ସ୍ତମ୍ଭ ସହ ସଂପର୍କ ଥିବା 'ଖ' ସ୍ତମ୍ଭର ଶବ୍ଦକୁ ଯୋଡ଼ି ପୂର୍ଣ୍ଣ ବାକ୍ୟ କରିବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଅବାଗିଆ | ସମ୍ପର୍କ |
| ଆତ୍ମ | ସାଧାରଣଜ୍ଞାନ |
| ଆତ୍ମିକ | ଶିକ୍ଷା |
| ସତ୍ | ସଂଯମ |
| ଘନିଷ୍ଠ | ଜୀବନ |
| ଧର୍ମଶାସ୍ତ୍ର | ଯୁବକ |

ଯେପରି : ଧର୍ମଶାସ୍ତ୍ର – ସାଧାରଣ ଜ୍ଞାନ

ପ୍ରତ୍ୟେକ ଲୋକ ନିଜର ଧର୍ମଶାସ୍ତ୍ରମାନଙ୍କର ସାଧାରଣଜ୍ଞାନ ଜାଣିବା ଆବଶ୍ୟକ ।

ସେପରି – ________________________________________

୧୮. ନିମ୍ନରେ କେତୋଟି ଉତ୍ତର ଦିଆଯାଇଛି । ଆସ, ସେହି ଉତ୍ତରଗୁଡ଼ିକୁ ପାଇବା ପାଇଁ ଗୋଟିଏ ଗୋଟିଏ ପ୍ରଶ୍ନ ତିଆରି କରିବା । ଯେପରି

(କ) ଆତ୍ମଜ୍ଞାନ ପାଇବା ପାଇଁ ଯେଉଁମାନେ ସନ୍ନ୍ୟାସ ଅବସ୍ଥାକୁ ଅପେକ୍ଷା କରିଥାନ୍ତି, ସେମାନେ ପ୍ରାୟତଃ ଏହା ପାଇନ୍ତି ନାହିଁ ।

ପ୍ରଶ୍ନ : ________________________________________

(ଖ) ଆତ୍ମଜ୍ଞାନ ପାଇଁ ଚତୁର୍ଥ ଆଶ୍ରମ ବା ଅବସ୍ଥା ପାଇଁ ଅପେକ୍ଷା କରିବା ଅନୁଚିତ, ଏହି ଧାରଣା ୧୯୧୧– ୧୨ ମସିହାରୁ ମୋହନଦାସ ଲାଭ କରିଥିଲେ ।

ପ୍ରଶ୍ନ : ________________________________________

## ତୁମପାଇଁ କାମ :

୧. ଆତ୍ମଜ୍ଞାନ, ଧର୍ମଜ୍ଞାନ ଏବଂ ବୌଦ୍ଧିକ ଜ୍ଞାନ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ଶିକ୍ଷକମାନଙ୍କ ସହ ଆଲୋଚନା କରିବା ।

୨. ଆଚରଣ ଏବଂ ଆତ୍ମସଂଯମ ବିଷୟରେ ସାଙ୍ଗମାନଙ୍କ ସହ ଆଲୋଚନା କରିବା । ଆବଶ୍ୟକତା ଅନୁଭବ କଲେ ଶିକ୍ଷକଙ୍କ ସହଯୋଗ ନେବା ।

୩. ମହାତ୍ମାଗାନ୍ଧୀଙ୍କ ଜୀବନୀ ଓ ଅନ୍ୟାନ୍ୟ ଲେଖା ସଂଗ୍ରହ କରି ପଢ଼ିବା ।

୪. ଲେଖକ ଗୋପବନ୍ଧୁ ଚୌଧୁରୀଙ୍କ ଫଟୋଚିତ୍ର ଓ ତାଙ୍କର କୃତିସମୂହ ସଂଗ୍ରହ କରିବା ।

୫. ତୁମ ଜୀବନରେ ଘଟିଥିବା ଗୋଟିଏ ଘଟଣା ମନେପକାଅ । ଯାହାପାଇଁ ତୁମ ମନ ଭିତରେ କିଛି ରେଖାପାତ ହୋଇଛି କିମ୍ବା ଯାହାଦ୍ୱାରା ତୁମେ ପ୍ରଭାବିତ ହୋଇଛ କିମ୍ବା ଯେଉଁ ଘଟଣା ପାଇଁ ତୁମେ ଅନୁତାପ କରୁଛ, ସେହି ଘଟଣାକୁ ଗଳ୍ପ ଆକାରରେ ଲେଖ ।

❖❖❖

# ପ୍ରବନ୍ଧ ଓ ପତ୍ର ବା ଦରଖାସ୍ତ ଲିଖନ

## ପ୍ରବନ୍ଧ ଲିଖନ :

**ପ୍ରବନ୍ଧର ପରିଚୟ –** ପ୍ରବନ୍ଧର ବ୍ୟୁତ୍ପତ୍ତି ହେଉଛି ପ୍ର-ବନ୍ଧ୍ + ଅ । ଏହାର ଅଭିଧାନଗତ ଅର୍ଥ ହେଉଛି ଉତ୍କୃଷ୍ଟ ବନ୍ଧନଯୁକ୍ତ ରଚନା । ପ୍ରବନ୍ଧ ଏକ ଗଦ୍ୟ ରଚନା । ସାହିତ୍ୟରେ ଏହା ଏକ ମାତ୍ର ଯୁକ୍ତିନିଷ୍ଠ, ଜ୍ଞାନଦୀପ୍ତ ଓ ଶୃଙ୍ଖଳିତ ରଚନା । ପ୍ରବନ୍ଧ ମାଧ୍ୟମରେ ସ୍ରଷ୍ଟା ନିଜ ଚିନ୍ତାଧାରାକୁ ଶୃଙ୍ଖଳିତ ଭାବେ ପ୍ରକାଶ କରିଥାଏ । ଆଧୁନିକ ଗଦ୍ୟ ସାହିତ୍ୟରେ ପ୍ରବନ୍ଧର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

**ପ୍ରବନ୍ଧର ଉଦ୍ଦେଶ୍ୟ –** ବ୍ୟକ୍ତିବିଶେଷର ଚିନ୍ତାଶକ୍ତି ବୃଦ୍ଧି ହିଁ ପ୍ରବନ୍ଧର ମୁଖ୍ୟ ଉଦ୍ଦେଶ୍ୟ । ଏହା ଭାଷା ଓ ପ୍ରକାଶଭଙ୍ଗୀକୁ ମାର୍ଜିତ କରେ । ପ୍ରବନ୍ଧରେ ପ୍ରାବନ୍ଧିକଙ୍କର ଜୀବନ ସମ୍ବନ୍ଧୀୟ ଦୃଷ୍ଟିକୋଣ ପ୍ରକାଶ ପାଏ ।

**ପ୍ରବନ୍ଧର ବିଭାଗୀକରଣ –** ଗଠନ ଦୃଷ୍ଟିରୁ ପ୍ରବନ୍ଧକୁ ଦୁଇ ଭାଗରେ ବିଭକ୍ତ କରାଯାଏ – ବ୍ୟକ୍ତିନିଷ୍ଠ ପ୍ରବନ୍ଧ ଓ ବସ୍ତୁନିଷ୍ଠ ପ୍ରବନ୍ଧ । ବ୍ୟକ୍ତିନିଷ୍ଠ ପ୍ରବନ୍ଧରେ ପ୍ରାବନ୍ଧିକ ନିଜର ବ୍ୟକ୍ତିଗତ ଚିନ୍ତାଧାରା ଓ ବ୍ୟକ୍ତିତ୍ୱ ପ୍ରକାଶ କରିବା ସଙ୍ଗେ ସଙ୍ଗେ ବସ୍ତୁନିଷ୍ଠ ପ୍ରବନ୍ଧରେ ପ୍ରାବନ୍ଧିକର ଦାର୍ଶନିକ ଦୃଷ୍ଟିଭଙ୍ଗୀ ପ୍ରକାଶ ପାଏ । ବସ୍ତୁନିଷ୍ଠ ପ୍ରବନ୍ଧ ମସ୍ତିଷ୍କ ସହିତ ସଂପର୍କ ରଖେ, ମାତ୍ର ବ୍ୟକ୍ତିନିଷ୍ଠ ପ୍ରବନ୍ଧ ହୃଦୟ ସହିତ ସଂପର୍କ ରଖେ ।

**ପ୍ରବନ୍ଧ କିପରି ଲେଖିବା –** ଯାହା ସବୁ ଗଦ୍ୟରେ ଲେଖାଯାଏ ତାହା ପ୍ରବନ୍ଧ ନୁହେଁ । ପ୍ରବନ୍ଧ ଲେଖିବାକୁ ହେଲେ ମୁଖ୍ୟତଃ ତିନୋଟି ବିଷୟ ଉପରେ ଗୁରୁତ୍ୱ ଦିଆଯାଏ ।

୧– ଉପକ୍ରମ  ୨– ବିଷୟବସ୍ତୁ  ୩– ଉପସଂହାର

୧– **ଉପକ୍ରମ** – ଏହା ପ୍ରବନ୍ଧର ଦର୍ପଣ ସଦୃଶ । ଏଥିରୁ ପ୍ରବନ୍ଧର ବିଷୟବସ୍ତୁ ସଂପର୍କରେ ସୂଚନା ମିଳେ । ଦେଉଳର ମୁଖଶାଳା ପରି ଏହା ପ୍ରବନ୍ଧର ପ୍ରାରମ୍ଭ ପରିଚୟ ଅଟେ ।

୨– **ବିଷୟବସ୍ତୁ –** ଏହା ପ୍ରବନ୍ଧର ମୁଖ୍ୟ ବିଭାଗ । ଏଥିରେ ପ୍ରବନ୍ଧର ତଥ୍ୟଗତ ବର୍ଣ୍ଣନା ରହେ । ପ୍ରବନ୍ଧର ଉପକାରିତା, ଅପକାରିତା, ଦୋଷ ଓ ଗୁଣ ପ୍ରକାଶ ପାଏ । ଏଗୁଡ଼ିକ ବିଭିନ୍ନ ଅନୁଚ୍ଛେଦରେ ଲେଖାଯାଇଥାଏ ।

୩– **ଉପସଂହାର –** ଏହା ପ୍ରବନ୍ଧର ଶେଷ ବିଭାଗ । ଏହା ସାଧାରଣତଃ ଗୋଟିଏ ଅନୁଚ୍ଛେଦରେ ଲେଖାଯାଏ । ବିଶେଷତଃ ପ୍ରାବନ୍ଧିକଙ୍କର ସମଗ୍ର ପ୍ରବନ୍ଧ ଉପରେ ନିଜର ମତାମତ ପ୍ରକାଶ ପାଇଥାଏ ।

**ପ୍ରବନ୍ଧ ଲେଖିବା ବେଳେ ସାବଧାନତା :**

୧. ପ୍ରବନ୍ଧ ଲେଖିବା ପାଇଁ ପ୍ରଥମେ ଏକ ମାନସିକତା କିମ୍ବା ଆଗ୍ରହ ସୃଷ୍ଟି ଆବଶ୍ୟକ ।

୨. ପ୍ରବନ୍ଧର ନାମଟି ପଢ଼ିବୁଝିବାକୁ ଚେଷ୍ଟାକର କିମ୍ବା କେଉଁ ପ୍ରବନ୍ଧ ଲେଖିବ ତାହା ସ୍ଥିର କର ।

୩. ପ୍ରବନ୍ଧକୁ ବିଭିନ୍ନ ଭାଗରେ ବିଭକ୍ତ କର ଓ କେଉଁ ବିଭାଗରେ କ'ଣ ଲେଖିବ ତାହା ସ୍ଥିର କର ।

୪. ପ୍ରବନ୍ଧ ଲେଖିବାବେଳେ ଧୀରସ୍ଥିର ମନରେ ଲେଖିବାକୁ ଚେଷ୍ଟାକର । ତରତର ହୋଇ ଲେଖିଲେ ଚିନ୍ତାଶକ୍ତିର ସମନ୍ୱୟ ରହେ ନାହିଁ ।

୫. କେତେ ସମୟ ଭିତରେ ପ୍ରବନ୍ଧ ଲେଖିବ ତାହା ସ୍ଥିର କର ଓ ନିର୍ଦ୍ଦିଷ୍ଟ ସମୟ ଭିତରେ ପ୍ରବନ୍ଧଟି ଲେଖିବାକୁ ଚେଷ୍ଟାକର ।

୬. ପ୍ରବନ୍ଧ ପରୋକ୍ଷ ଉକ୍ତିରେ ଲେଖ ।

୭. ପ୍ରବନ୍ଧ ଲେଖିବାବେଳେ ଅଯଥା ଲେଖି ପୁଣି ତାକୁ କଟାକଟି କରନାହିଁ । ଏହାଦ୍ୱାରା ସମୟ ନଷ୍ଟ ହୁଏ ଓ ଚିନ୍ତାଶକ୍ତିର ଗଭୀରତା ନଷ୍ଟ ହୁଏ ।

୮. ସର୍ବଦା ସହଜ ଓ ସରଳ ଭାଷାରେ ପ୍ରବନ୍ଧ ଲେଖ ।

୯. ବନାନ ଶୁଦ୍ଧିପାଇଁ ଯତ୍ନଶୀଳ ହୁଅ । ବନାନ ଅଶୁଦ୍ଧି ପ୍ରବନ୍ଧର ମୌଳିକତା ନଷ୍ଟ କରିଥାଏ ।

୧୦. ଶିକ୍ଷକ, ଗୁରୁଜନ ଓ ଶିକ୍ଷିତବ୍ୟକ୍ତିମାନଙ୍କ ସହିତ ଆଲୋଚନା କର । ସେମାନଙ୍କ ଯୁକ୍ତିଯୁକ୍ତ ମନ୍ତବ୍ୟକୁ ଆପଣାର କର । ରଚନାରେ ଏଗୁଡ଼ିକୁ ଯଥା ସ୍ଥାନରେ ସଂଯୋଜିତ କର ।

୧୧. ବିଭିନ୍ନ ରଚନା ପୁସ୍ତକ ପାଠ କର । ଏହା ତୁମ୍ଭର ଜ୍ଞାନ, ଚିନ୍ତାଶକ୍ତି ଓ ବିଚାର ବୁଦ୍ଧିର ବିକାଶ କରିବ । ଏହାଦ୍ୱାରା ବିଭିନ୍ନ ଭାଷା ଆହରଣ କରିବା ସଙ୍ଗେ ସଙ୍ଗେ ଲିଖନ ଶୈଳୀ ମାର୍ଜିତ ହେବ ।

## ନମୁନା ରଚନା

## ଆଦର୍ଶଛାତ୍ର

**ଉପକ୍ରମ –**

ମନୁଷ୍ୟ ଜୀବନର ବିଭିନ୍ନ ସ୍ତର ଭିତରେ ଛାତ୍ର ଜୀବନ ହିଁ ଗୁରୁତ୍ୱପୂର୍ଣ୍ଣ । ଏହା ଜୀବନ ଗଠନର ସମୟ ଅଟେ । ଆଗାମୀ ଜୀବନକୁ ସରସ ସୁନ୍ଦର କରିବାର ପ୍ରସ୍ତୁତି ସ୍ତର ହିଁ ଛାତ୍ର ଜୀବନ । ବିଦ୍ୟାର୍ଜନ ହିଁ ଛାତ୍ର ଜୀବନର ଲକ୍ଷ୍ୟ । ଯେଉଁମାନେ ବିଦ୍ୟାର୍ଜନ କରିବାକୁ ଆଶାୟୀ, ସେଇମାନେ ବିଦ୍ୟାର୍ଥୀ । ଛାତ୍ର ଜୀବନରେ ଛାତ୍ରପାଇଁ ଉଦ୍ଦିଷ୍ଟ ଭଲ ଗୁଣଗୁଡ଼ିକ ଯେ ହାସଲ କରେ ତାହାକୁ ଆଦର୍ଶ ଛାତ୍ର କୁହାଯାଏ ।

**ଆଦର୍ଶଛାତ୍ରର ଗୁଣାବଳୀ –**

ଛାତ୍ରର ବହୁବିଧ ଗୁଣାବଳୀ ମଧ୍ୟରୁ ଅଧ୍ୟୟନ ହିଁ ଛାତ୍ରର ପ୍ରଥମ କର୍ତ୍ତବ୍ୟ । ସେଥିପାଇଁ କୁହାଯାଏ 'ଅଧ୍ୟୟନ ହିଁ ଛାତ୍ରପାଇଁ ତପସ୍ୟା ।' ଜ୍ଞାନାହରଣ ହିଁ ଛାତ୍ରର ପରମ କର୍ତ୍ତବ୍ୟ । ସେଥିପାଇଁ ସେ ପ୍ରଥମେ ବିନୟୀ ହେବା ଉଚିତ ଓ ଜ୍ଞାନ ଆହରଣ ପାଇଁ ମାନସିକ ପ୍ରସ୍ତୁତି ରଖିବା ବିଧେୟ ।

ଆଜିର ଛାତ୍ର କାଲିର ନାଗରିକ । ଛୋଟ ବଟବୃକ୍ଷ ମଞ୍ଜି ମଧ୍ୟରେ ଆସନ୍ତାକାଲିର ଏକ ବିରାଟ ବଟବୃକ୍ଷର ଅସ୍ତିତ୍ୱ ଲୁଚି ରହିଲା ପରି, ଆଜିର ଛାତ୍ର ଜୀବନରେ ଆସନ୍ତା କାଲିର ବିରାଟ ଭବିଷ୍ୟତ ଲୁଚି ରହିଥାଏ ।

ଉପଯୁକ୍ତ ପରିବେଶ ପାଇଲେ ଯେପରି କ୍ଷୁଦ୍ର ମଞ୍ଜିରୁ ବିରାଟ ଦ୍ରୁମ ହୁଏ, ସେହିପରି ଉପଯୁକ୍ତ ତଥା ଉନ୍ନତ ପରିବେଶ ପାଇଲେ ଛାତ୍ର ଜୀବନରେ ଲୁଚି ରହିଥିବା ବ୍ୟକ୍ତିତ୍ୱ ବିକଶିତ ହୁଏ ଓ ସେ ମହାମନୀଷୀ ଭାବେ ଇତିହାସ ସୃଷ୍ଟି କରେ । ମହାତ୍ମାଗାନ୍ଧୀ, ସର୍ଦ୍ଦାର ପଟେଲ, ସୁଭାଷ ବୋଷ ଇତ୍ୟାଦି ମନୀଷିଗଣ ଛାତ୍ରାବସ୍ଥାରୁ ନିଜକୁ ପ୍ରସ୍ତୁତ କରିଥିଲେ ।

ସଂଯମ ଓ ଶୃଙ୍ଖଳା ଛାତ୍ରଜୀବନର ଆଦର୍ଶ ହେବା ଉଚିତ । ସମାଜର ବିଭିନ୍ନ ସ୍ଥାନରେ ଉତ୍ତମ ଛାତ୍ର ସର୍ବଦା ଶୃଙ୍ଖଳାକୁ ସ୍ୱାଗତ କରିଥାଏ । ବିଶୃଙ୍ଖଳିତ ଜୀବନ ଛାତ୍ରକୁ ଧ୍ୱଂସମୁଖୀ କରାଏ । ଏଣୁ ପ୍ରତ୍ୟେକ ଛାତ୍ର ବିଦ୍ୟାଳୟ ପରିସରରେ ପ୍ରଥମେ ଶୃଙ୍ଖଳା ଓ ବିଦ୍ୟାଳୟ ନୀତିନିୟମକୁ ସମ୍ମାନ ଦେବା ଉଚିତ ।

ଚରିତ୍ର ପ୍ରତ୍ୟେକ ବ୍ୟକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ । ଏଣୁ କୁହାଯାଏ –

"ଥିଲେ ଥାଉ ପଛେ ଗୁଣ ହଜାର
ଚରିତ୍ର ନଥିଲେ ସବୁ ଅସାର''

ଚରିତ୍ର ହିଁ ମଣିଷର ଗୁରୁତ୍ୱପୂର୍ଣ୍ଣ ବିଭବ । ଆଦର୍ଶ ଛାତ୍ରର ଚରିତ୍ର ସ୍ୱଚ୍ଛ, ସୁନ୍ଦର, ପବିତ୍ର ଓ ନୀତିପୂର୍ଣ୍ଣ ହେବା ଉଚିତ । ଶୁଦ୍ଧ ଚରିତ୍ର ପାଇଁ ମଣିଷ ସମାଜରେ ସମ୍ମାନ ପାଏ । ନଷ୍ଟଚରିତ୍ର ବ୍ୟକ୍ତି ସର୍ବତ୍ର ନିନ୍ଦନୀୟ ହୋଇଥାଏ । କଣିକାଏ ବିଷ ଅମୃତ ହାଣ୍ଡିକୁ ନଷ୍ଟ କଲାପରି ଦୂଷିତ ଆଚରଣ ଛାତ୍ରଜୀବନକୁ ନଷ୍ଟ କରିଦିଏ ।

ସମୟାନୁବର୍ତ୍ତିତା, ନିୟମାନୁବର୍ତ୍ତିତା ଓ ସହିଷ୍ଣୁତା ଆଦର୍ଶ ଛାତ୍ରର ଅଳଙ୍କାର । ଆଦର୍ଶ ଛାତ୍ର ସମୟାନୁସାରେ କାର୍ଯ୍ୟକରେ । ଯେଉଁ ସମୟରେ ଯେଉଁ କାର୍ଯ୍ୟ କରିବା କଥା, ସେହି କାର୍ଯ୍ୟ ଉତ୍ତମ ଛାତ୍ର କରିଥାଏ । କାର୍ଯ୍ୟକରିବା ବେଳେ ନିୟମମାନି କାର୍ଯ୍ୟ କରାଯାଏ । ସେହିପରି ସହନ ଶକ୍ତିର ବିକାଶ ଛାତ୍ରର ଅନ୍ୟ ଏକ ବିଶେଷ ଗୁଣ । ସେଥିପାଇଁ କୁହାଯାଏ –

"କହିବା ଲୋକ ତ ମହତ ନୁହଁଇ
ମହତ ସହିବା ଜନ
ସହିଷ୍ଣୁତା ହୀନ ବାଳକ ବାଳିକା
ହୁଅନ୍ତି କ୍ରୋଧେ ଅଜ୍ଞାନ''

ବାସ୍ତବରେ ଏ  ଦୁନିଆରେ କହିବା ଲୋକ ଅପେକ୍ଷା ସହିବା ଲୋକ ହିଁ ବଡ଼ । ଆଦର୍ଶ ଛାତ୍ର ସହିବା ଗୁଣ ଶିକ୍ଷା କରିଥାଏ ।

ଏକ ଆଦର୍ଶ ଛାତ୍ର କେବଳ ଅଧ୍ୟୟନରେ ସୀମିତ ନଥାଏ । ସେ କ୍ରୀଡା, ସଂଗୀତ, ଅଭିନୟ ଇତ୍ୟାଦି କ୍ଷେତ୍ରରେ ଆଗ୍ରହୀ ହୋଇଥାଏ । କେବଳ ପୁସ୍ତକ ପାଠ ଭିତରେ ନିଜକୁ ଆବଦ୍ଧ କରୁଥିବା ବ୍ୟକ୍ତିକୁ ଗ୍ରନ୍ଥକୀଟ କୁହାଯାଏ । ଏଣୁ ଗ୍ରନ୍ଥକୀଟ ନହୋଇ ଛାତ୍ର ଜୀବନରେ ଆନୁଷଙ୍ଗିକ ଶିକ୍ଷା ପାଇଁ ବ୍ୟଗ୍ର ହୋଇଥାଏ । ଏହା ତା'ର ଜୀବନରେ ପୂର୍ଣ୍ଣତା ଆଣିବାରେ ସହାୟକ ହୁଏ । ଗୁରୁଭକ୍ତି, ଦେଶଭକ୍ତି, ପିତୃମାତୃ ଭକ୍ତି, ସତ୍ୟବାଦିତା, ମିତ ବ୍ୟୟିତା ଓ ଆଦେଶ ପାଳନ ଆଦର୍ଶ ଛାତ୍ରର ଗୁଣ । ଏକ ଆଦର୍ଶ ଛାତ୍ରର ଗୁରୁଙ୍କ ପ୍ରତି ଭକ୍ତି ରହିବା ବିଧେୟ । ସେହିପରି ଆଦର୍ଶ ଛାତ୍ର ସତ୍ୟାଗ୍ରହୀ ହୋଇଥାଏ । ମିଥ୍ୟାଠାରୁ ସେ ଦୂରରେ ରହେ । ଏହା ହିଁ ତାକୁ ଲୋକପ୍ରିୟ କରାଇଥାଏ । ଶେଷରେ ସେ କୋଟି ଜନତାର ହୃଦୟରେ ସ୍ଥାନ ପାଏ ।

**ଉପସଂହାର –**

ଛାତ୍ର ହିଁ ଦେଶର ମେରୁଦଣ୍ଡ । ଆଦର୍ଶ ଛାତ୍ର ହିଁ ଦେଶ ଓ ସମାଜ ପାଇଁ ଆଶୀର୍ବାଦ । ଆଜିର ଛାତ୍ର ଆସନ୍ତାକାଲିର ନାଗରିକ ଭାବେ ଦେଶର ଦାୟିତ୍ୱ ବହନ କରେ । ସେଥିପାଇଁ ଛାତ୍ର ଜୀବନ ହିଁ ତା'ର ପ୍ରସ୍ତୁତି ପର୍ବ । ଭବିଷ୍ୟତରେ ଏକ ସ୍ୱୟଂସଂପୂର୍ଣ୍ଣ ନାଗରିକ ହେବା ପାଇଁ ଛାତ୍ର ନିଜକୁ ପ୍ରସ୍ତୁତ କରିବା ସର୍ବାଦୌ ବାଞ୍ଛନୀୟ । ଛାତ୍ର ଜୀବନ ହେଉଛି ଅନୁଭୂତି ଓ ଜ୍ଞାନ ଅର୍ଜନର ସମୟ । ସାଧନା ହିଁ ଛାତ୍ର ଜୀବନର ପାଥେୟ ଅଟେ ।

## ତୁମପାଇଁ କାମ

ନିମ୍ନଲିଖିତ ପ୍ରସଙ୍ଗରେ ପ୍ରବନ୍ଧ ଲେଖ –

୧.   ତୁମର ପ୍ରିୟ ଖେଳ
୨.   ଓଡ଼ିଶାର ପର୍ବପର୍ବାଣି
୩.   କୃଷକର ଆତ୍ମକାହାଣୀ
୪.   ଗ୍ରୀଷ୍ମଋତୁ
୫.   ବର୍ଷାଋତୁ
୬.   ଆଦର୍ଶ ଛାତ୍ର
୭.   ଆମ ପରିବେଶ
୮.   ବୃକ୍ଷରୋପଣ
୯.   ଦୂରଦର୍ଶନ
୧୦.   ସଂବାଦ ପତ୍ର
୧୧.   ସଡ଼କ ଦୁର୍ଘଟଣା
୧୨.   ତୁମ ଜୀବନର ଲକ୍ଷ୍ୟ
୧୩.   ବିଜ୍ଞାନର ଉପକାରିତା ଓ ଅପକାରିତା
୧୪.   ତୁମର ପ୍ରିୟ ଶିକ୍ଷକ
୧୫.   ଅଂଶୁଘାତ ଓ ତା'ର ପ୍ରତିକାର

**ପତ୍ରଲିଖନ :**

ପତ୍ର ସମ୍ବାଦ ପ୍ରେରଣର ଏକ ମାଧ୍ୟମ । ପତ୍ରଲିଖନ ଏକ କଳା । ପତ୍ରରେ ପ୍ରେରକ ନିଜ ଚିନ୍ତାଧାରାକୁ ଠିକ୍ ଭାବେ ପ୍ରକାଶ ନ କରିପାରିଲେ ପ୍ରାପକ ପତ୍ରର ମର୍ମ ଠିକ୍ ଭାବେ ବୁଝିପାରେ ନାହିଁ । ସମାଜରେ ମନୀଷିମାନଙ୍କର ପତ୍ର ଜାତୀୟ ସଂପତ୍ତି ରୂପେ ସଂଗୃହୀତ ।

**ପତ୍ରର ପ୍ରକାରଭେଦ :** ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ନେଇ ପତ୍ର ଲେଖା ଯାଇଥାଏ । ଓଡ଼ିଆ ଭାଷାରେ ପ୍ରଚଳିତ ପତ୍ରକୁ ସାଧାରଣତଃ ଚାରିଭାଗରେ ବିଭକ୍ତ କରାଯାଏ ।

୧ – ବ୍ୟକ୍ତିଗତ ପତ୍ର (କିମ୍ବା) ଘରୋଇ ପତ୍ର

୨ – ସରକାରୀ ପତ୍ର

୩– ବ୍ୟାବସାୟିକ ପତ୍ର (କିମ୍ବା) କାରବାରୀ ପତ୍ର

୪– ନିମନ୍ତ୍ରଣ ପତ୍ର

**ପତ୍ରଲିଖନ କୌଶଳ :**

ପତ୍ରଲେଖିବା ବେଳେ ତିନୋଟି ବିଷୟ ଉପରେ ଗୁରୁତ୍ୱ ଦିଆଯାଏ । ଯଥା: ପତ୍ରର ପ୍ରାରମ୍ଭ, ପ୍ରସଙ୍ଗ ଅବତାରଣା ଓ ପରିସମାପ୍ତି ।

**ପତ୍ରର ପ୍ରାରମ୍ଭ :** ପତ୍ରର ବିଷୟବସ୍ତୁ ଅନୁସାରେ ପତ୍ରର ଆଦ୍ୟରେ ପାର୍ଥକ୍ୟ ଦେଖାଯାଏ । ଭିନ୍ନ ଭିନ୍ନ ପତ୍ରର ଆରମ୍ଭ ଭିନ୍ନ ଭିନ୍ନ ପ୍ରକାର ହୋଇଥାଏ । ପତ୍ରର ପ୍ରାରମ୍ଭରେ ସାଧାରଣତଃ ପତ୍ରର ଉପରିଭାଗ ଦକ୍ଷିଣ ପାର୍ଶ୍ୱରେ ସ୍ଥାନ ଓ ତାରିଖ ଆଦି ସ୍ଥାନ ପାଇଥିବା ବେଳେ ଏହାର ଠିକ୍ ବାମ ଭାଗରେ ପ୍ରେରକର ସମ୍ବୋଧନ ପ୍ରକାଶ ପାଏ । କେତେକ ପତ୍ରର ଉପରିଭାଗରେ ପ୍ରେରକର ଠିକଣା ଲେଖାଯାଇଥାଏ । ବୟସ ଓ ବ୍ୟକ୍ତି ଭେଦରେ ସମ୍ବୋଧନ ବଦଳିଥାଏ । ଯଥା :

ସାଙ୍ଗ ପାଇଁ– ପ୍ରିୟ ଗୋପାଳ

ବାପାଙ୍କ ପାଇଁ – ପୂଜ୍ୟ ବାପା / ପୂଜାସ୍ପଦ ବାପା / ପୂଜନୀୟ ବାପା

ସାନ ଭାଇ ପାଇଁ – ଶ୍ରଦ୍ଧେୟ ପିଙ୍କୁ / କଲ୍ୟାଣୀୟ ପିଙ୍କୁ

**ପ୍ରସଙ୍ଗ ଅବତାରଣା :** ଏଥିରେ ପତ୍ରର ବିଷୟବସ୍ତୁ ପ୍ରକାଶ ପାଏ । ପତ୍ର ଲେଖକ ଏହି ଭାଗରେ ନିଜର ଉଦ୍ଦେଶ୍ୟ ସ୍ପଷ୍ଟ କରିଥାଏ । ସହଜ ଓ ସରଳଭାଷାରେ ପତ୍ରର ଉଦ୍ଦେଶ୍ୟ ପ୍ରକାଶ ପାଏ । କୌଣସି ପଦ କିମ୍ବା ତଥ୍ୟର ପୁନରାବୃତ୍ତି ଅନୁଚିତ

ଅଟେ । ବିଷୟବସ୍ତୁ ଶେଷରେ ପତ୍ର ଲେଖକ ନିଜର ଡାକନାମ ପ୍ରକାଶ କରେ । ଯେପରି -

ବାପାଙ୍କ ନିକଟକୁ -

ଆପଣଙ୍କ ସ୍ନେହାଧୀନ ପୁତ୍ର / ଆଶୀର୍ବାଦାକାଂକ୍ଷୀ ପୁତ୍ର,

ବାବୁ

ସାଙ୍ଗ ନିକଟକୁ -

ତୁମର ଅନ୍ତରଙ୍ଗ ସାଙ୍ଗ / ଅଭୁଲା ସାଙ୍ଗ / ପ୍ରିୟ ସାଙ୍ଗ,

ବୁବୁ

ସାନଭାଇ ନିକଟକୁ -

ତୋର ଶୁଭାକାଙ୍କ୍ଷୀ ଭାଇ,

ପ୍ରକାଶ

**ପତ୍ରର ପରିସମାପ୍ତି :** ଏହା ପତ୍ରର ଶେଷଭାଗ । ଏଥିରେ ପ୍ରାପକଙ୍କର ଠିକଣା ନିର୍ଭୁଲ ଲେଖାଯାଏ । ଠିକଣା ଭୁଲ ହେଲେ ପତ୍ର ଉଦ୍ଦିଷ୍ଟ ସ୍ଥାନରେ ପହଞ୍ଚିପାରେ ନାହିଁ । ପତ୍ରର ବାମ ପାର୍ଶ୍ୱରେ ପ୍ରେରକର ଠିକଣା ଲେଖାହେବା ବେଳେ ପତ୍ରର ଦକ୍ଷିଣ ପାର୍ଶ୍ୱରେ ପ୍ରାପକର ଠିକଣା ଲେଖା ହୁଏ । ଠିକଣାରେ ନାମ, ସ୍ଥାନ, ପୋଷ୍ଟ, ଜିଲ୍ଲା ଓ ପିନ୍ କୋର୍ଡ କ୍ରମରେ ଲେଖାଯାଏ । ଅନ୍ୟ ରାଜ୍ୟକୁ ଯାଉଥିଲେ ରାଜ୍ୟର ନାମ ଲେଖାଯାଏ ।

**ଦ୍ରଷ୍ଟବ୍ୟ**

**ଠିକଣା**

| ପ୍ରେରକ | ପ୍ରାପକ | ଟିକଟ |
|---|---|---|
| ନାମ - | ନାମ - | |
| ସ୍ଥାନ - | ସ୍ଥାନ - | |
| ପୋ - | ପୋ - | |
| ଜି - | ଜି - | |
| ପିନ୍ - | ପିନ୍ - | |

# ନମୁନା ପତ୍ରଲିଖନ

**୧.  ତୁମ ଜୀବନର ଲକ୍ଷ୍ୟ ବିଷୟରେ ଉଲ୍ଲେଖ କରି ପିତାଙ୍କ ନିକଟକୁ ପତ୍ର ଲେଖ ।**

ପୁରୀ ଜିଲ୍ଲା ସ୍କୁଲ ଛାତ୍ରାବାସ

୨ ଡିସେମ୍ବର, ୨୦୧୪

ପୂଜନୀୟ ବାପା,

ମୋର ପ୍ରଣାମ ଗ୍ରହଣ କରିବେ ଓ ଅନ୍ୟ ଗୁରୁଜନମାନଙ୍କୁ ମୋର ପ୍ରଣାମ ଜଣାଇବେ । ଘରେ ସାନମାନଙ୍କୁ ମୋର ଶୁଭାଶୀର୍ବାଦ । ଆପଣଙ୍କ ଆଶୀର୍ବାଦରୁ ମୋର ଦେହଭଲ ଅଛି । ଆଶା କରେ କି ଆପଣମାନେ ସମସ୍ତେ ଭଲରେ ଥିବେ । ବାପା, ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥାଏ । ଲକ୍ଷ୍ୟବିହୀନ ମନୁଷ୍ୟର ଜୀବନ ନାବିକବିହୀନ ନୌକା ସଦୃଶ ଅଟେ । ଏଣୁ ମୋ ଜୀବନର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଅଛି । ମୁଁ ଭବିଷ୍ୟତରେ ଜଣେ ଆଦର୍ଶ କୃଷକ ହେବାକୁ ଲକ୍ଷ୍ୟ ରଖିଛି । ଦେଶର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ କହିଥିଲେ 'ଜୟ ଜବାନ୍ ଜୟ କିଷାନ୍' । ଏଣୁ ଦେଶ ଗଠନରେ ସୈନିକ ପରି କୃଷକର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ବର୍ତ୍ତମାନ ଭାରତରେ ଜନସଂଖ୍ୟାର ଅଭିବୃଦ୍ଧି ଅନୁସାରେ ଖାଦ୍ୟର ଘୋର ଅଭାବ ପରିଲକ୍ଷିତ ହେଉଛି । ପ୍ରତ୍ୟେକ ବ୍ୟକ୍ତି ପାଠ ପଢ଼ି ଚାକିରି-ମୁଖୀ ହେଉଛନ୍ତି । ମୁଁ ପାଠ ପଢ଼ି ଚାକିରି ଆଶାୟୀ ନହୋଇ ଜଣେ ଆଦର୍ଶ କୃଷକ ହେବାକୁ ଲକ୍ଷ୍ୟ ରଖିଛି । ଆପଣଙ୍କର ଆଶୀର୍ବାଦ ମୋର କାମ୍ୟ ।

ଆପଣଙ୍କର ସ୍ନେହାଧୀନ ପୁତ୍ର

ବାବୁ

**ଠିକଣା**

**ଟିକଟ**

**ପ୍ରେରକ**

ନାମ – ଦୀପକ ମିଶ୍ର

ସ୍ଥାନ – ପୁରୀ ଜିଲ୍ଲା ସ୍କୁଲ

ପୋ – ପୁରୀ

ଜି – ପୁରୀ

ପିନ୍ – ୭୫୨୦୦୨

**ପ୍ରାପକ**

ନାମ – ଶ୍ରୀ ଭଗବାନ୍ ମିଶ୍ର

ସ୍ଥାନ – କୋଣାର୍କ

ପୋ – କୋଣାର୍କ

ଜି – ପୁରୀ

ପିନ୍ – ୭୫୨୧୧୧

୨. ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବାକୁ ଉପଦେଶ ଦେଇ ସାନଭାଇ ନିକଟକୁ ପତ୍ର ଲେଖ ।

ସିଦ୍ଧମହାବୀର ପାଟଣା

୧୮ ନଭେମ୍ବର, ୨୦୧୪

ସ୍ନେହର / ଶ୍ରଦ୍ଧେୟ ପିଙ୍କୁ,

ମୋର ଶୁଭାଶିଷ ଗ୍ରହଣ କରିବୁ ଓ ଗୁରୁଜନମାନଙ୍କୁ ମୋର ନମସ୍କାର ଜଣାଇବୁ । ପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଦେହ ସେଠାରେ ଭଲ ଥାଉ । ଆମ୍ଭେମାନେ ଏଠାରେ ଭଲରେ ଅଛୁ । ଗତକାଲି ତୋର ପତ୍ର ପଢ଼ି ମନରେ ବହୁତ ଦୁଃଖ ହେଲା । ତୁ ଆଜିକୁ ପାଞ୍ଚଦିନ ହେଲା ଛାତ୍ରାବାସରେ ଜ୍ୱରରେ ପୀଡ଼ିତ ଅଛୁ । ଏକଥା ସ୍ପଷ୍ଟ ଯେ ତୁ ସର୍ବଦା ପାଠ ପଢ଼ାରେ ବ୍ୟସ୍ତ ରହି ଶରୀର ପ୍ରତି ଅବହେଳା କରୁଛୁ । ଏକଥା ମନେରଖିବୁ ଯେ ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟହୀନ ବ୍ୟକ୍ତି ପରିବାର ଓ ସମାଜ ପାଇଁ ଏକ ବୋଝ । ଏଣୁ ସ୍ୱାସ୍ଥ୍ୟର ଯତ୍ନ ନେବା ତୋର ପ୍ରଥମ କର୍ତ୍ତବ୍ୟ । ଏଥିପାଇଁ ସର୍ବଦା ସକାଳେ ବ୍ୟାୟାମ କରିବା ଓ ପୁଷ୍ଟିକର ଖାଦ୍ୟ ଖାଇବା ଉଚିତ । ସଫା ପୋଷାକ ପରିଧାନ କରିବା ବିଧେୟ । ସର୍ବୋପରି ଶରୀରକୁ ଆବଶ୍ୟକ ବେଳେ ବିଶ୍ରାମ ଦେବା ବିଧେୟ । ଆଶା ମୋର ଉପଦେଶ ଗ୍ରହଣ କରିବୁ ।

ତୋର ଶୁଭାକାଙ୍କ୍ଷୀ ବଡ଼ଭାଇ

ପ୍ରକାଶ

**ଠିକଣା**

| ପ୍ରେରକ | ପ୍ରାପକ | ଟିକଟ |
|---|---|---|
| ପ୍ରକାଶ କୁମାର ସାହୁ | ଅଭିଷେକ ସାହୁ | |
| ସ୍ଥା/ପୋ- ସିଦ୍ଧ ମହାବୀର ପାଟଣା | ସ୍ଥା- ଗୋପବନ୍ଧୁ ଛାତ୍ରାବାସ | |
| ଜି - ପୁରୀ | ପୋ - ବାଙ୍କୀ | |
| | ଜି - କଟକ | |

**୩. ହାଇସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଯୋଗୁଁ ଅଭିନନ୍ଦନ ଜଣାଇ ସାଙ୍ଗ ନିକଟକୁ ପତ୍ର ଲେଖ ।**

ଭବାନୀପାଟଣା

୫ ଅଗଷ୍ଟ, ୨୦୧୪

ପ୍ରିୟ ରମେଶ,

ଶୁଭେଚ୍ଛା ଗ୍ରହଣ କରିବୁ ଓ ଗୁରୁଜନମାନଙ୍କୁ ମୋର ଭୂମିଷ୍ଠ ପ୍ରଣାମ ଜଣାଇବୁ । ଆଶା କରେ ତୁ ଭଲରେ ଥିବୁ । ମୁଁ ତୋର ପରୀକ୍ଷାରେ ସଫଳତା କଥା ପ୍ରଥମେ ଖବର କାଗଜରେ ପଢ଼ିଥିଲି । ମୋର ଆନନ୍ଦର ସୀମା ରହିଲା ନାହିଁ । ମୁଁ ଏ ଖବର ମୋର ବାପା, ମା' ଓ ସାନଭାଇ ଟୁନାକୁ ଜଣାଇଲି । ସତରେ ମୁଁ ତୋ ପାଇଁ ଗର୍ବିତ । ତୁ ତୋର ପରିଶ୍ରମର ମୂଲ୍ୟ ପାଇଛୁ । ଭଗବାନ କରନ୍ତୁ, ତୋର ଏହି ପ୍ରଗତିର ମାର୍ଗ ଲମ୍ବି ଲମ୍ବି ଯାଉ । ତୋର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ କାମନା କରି ରହୁଛି ।

ତୋର ଅଭୁଲା ସାଙ୍ଗ,

ସୁରେଶ

**ଠିକଣା**

| **ପ୍ରେରକ** | **ପ୍ରାପକ** | **ଟିକଟ** |
|---|---|---|
| ଶ୍ରୀ ସୁରେଶ ଚନ୍ଦ୍ର ଦାଶ | ଶ୍ରୀ ରମେଶ କୁମାର ରାଉତ | |
| ଗ୍ରା/ପୋ- ଭବାନୀପାଟଣା | ସ୍ଥା/ପୋ- ମଙ୍ଗଳପୁର | |
| ଜି – କଳାହାଣ୍ଡି | ଜି – ଯାଜପୁର | |

## ଦରଖାସ୍ତ ଲିଖନ

ସରକାର ବା ଉପରିସ୍ଥ କର୍ମକର୍ତ୍ତାଙ୍କ ନିକଟକୁ କୌଣସି ବିଷୟରେ ଲିଖିତ ଆବେଦନକୁ ଦରଖାସ୍ତ କୁହାଯାଏ । ସରକାରୀ କାର୍ଯ୍ୟାଳୟ, ବେସରକାରୀ ସଂସ୍ଥା, ବିଭିନ୍ନ ଅନୁଷ୍ଠାନ, ସ୍କୁଲ ଓ କଲେଜକୁ ବ୍ୟକ୍ତି ନିଜର କାର୍ଯ୍ୟ ଉପଲକ୍ଷ୍ୟେ ବିଭିନ୍ନ ସମୟରେ ପତ୍ର ଲେଖିଥାଏ । ଏଥିରେ ଆବେଦନ, ଅଭିଯୋଗ, ଅନୁରୋଧ ଓ ପ୍ରତିବାଦ ପ୍ରକାଶ ପାଏ ।

**ଦରଖାସ୍ତ ଲେଖିବା ବେଳେ ସାବଧାନତା :**

୧. ଦରଖାସ୍ତରେ ବ୍ୟବହୃତ ଭାଷା ସରଳ ଓ ସୁବୋଧ ହେବା ବିଧେୟ ।

୨. ନିଜର ବକ୍ତବ୍ୟ ସ୍ପଷ୍ଟ ଓ ପ୍ରାଞ୍ଜଳ ହେବା ଉଚିତ ।

୩. ଦରଖାସ୍ତର ବିଷୟବସ୍ତୁ ସଂକ୍ଷିପ୍ତ ହେବା ଉଚିତ ।

୪. ଦରଖାସ୍ତରେ ଲେଖକର ଭଦ୍ରତା ଓ ସଂସ୍କାର ପ୍ରକାଶ ପାଇବା ଉଚିତ ।

୫. ପ୍ରତ୍ୟେକ ଦରଖାସ୍ତର ଏକ ନିର୍ଦ୍ଦିଷ୍ଟ ଶୈଳୀ ଅଛି । ସୁତରାଂ ସେହି ଶୈଳୀରେ ଦରଖାସ୍ତ ଲେଖାଯିବା ଉଚିତ ।

## ନମୁନା ଦରଖାସ୍ତ

**୧. ବିଦ୍ୟାଳୟରେ ଅନୁପସ୍ଥିତ ରହିବାର କାରଣ ଦର୍ଶାଇ ଛୁଟି ମଂଜୁର ପାଇଁ ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତ ଲେଖ ।**

ମାନନୀୟ ଶ୍ରୀଯୁକ୍ତ ପ୍ରଧାନ ଶିକ୍ଷକ ମହୋଦୟ
ବି.ଜେ.ବି ହାଇସ୍କୁଲ, ଖୋର୍ଦ୍ଧା

(ଶ୍ରେଣୀ ଶିକ୍ଷକଙ୍କ ଜରିଆରେ)

ବିଷୟ - ଛୁଟି ମଂଜୁର ପାଇଁ ନିବେଦନ

ମହାଶୟ,

ନିବେଦନର ଅଭିପ୍ରାୟ ଏହିକିଯେ, ମୋତେ ପ୍ରବଳ ଥଣ୍ଡା ଓ ଜ୍ୱର ହୋଇଥିବାରୁ ମୁଁ ଗତ ତା ୧୫.୧୦.୦୯ ରିଖରୁ ତା ୧୮.୧୦.୦୯ ରିଖ ପର୍ଯ୍ୟନ୍ତ ଶ୍ରେଣୀରେ ଅନୁପସ୍ଥିତ ଥିଲି ।

ଏଣୁ, ବିନୀତ ପ୍ରାର୍ଥନା କରେ କି, ମୋତେ ଉପରୋକ୍ତ ଦିନଗୁଡ଼ିକ ଛୁଟି ମଂଜୁର କଲେ ମୁଁ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିବି ।

ଆପଣଙ୍କର ଆଜ୍ଞାଧୀନ ଛାତ୍ର
ବି. ପ୍ରସାଦ ରାଓ
ଦଶମ ଶ୍ରେଣୀ (କ)
ରୋଲ୍ ନଂ-୧୫

ବି.ଜେ.ବି ହାଇସ୍କୁଲ
ଖୋର୍ଦ୍ଧା
ତା ୧୯.୧୦.୧୪

**୨. ତୁମ ଗ୍ରାମ ସ୍କୁଲରେ ମଧ୍ୟାହ୍ନ ଭୋଜନ ଅବ୍ୟବସ୍ଥା ସମ୍ବନ୍ଧରେ ସଂପୃକ୍ତ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।**

ମାନନୀୟ,

ଶ୍ରୀଯୁକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ, ମହୋଦୟ
ସତ୍ୟବାଦୀ, ପୁରୀ

ପ୍ରସଙ୍ଗ - ଭୀମପୁର ଉ.ପ୍ରା. ସ୍କୁଲରେ ମଧ୍ୟାହ୍ନ ଭୋଜନ ଅବ୍ୟବସ୍ଥାର ପ୍ରତିକାର ।

ମହାଶୟ,

ନିବେଦନର ଅଭିପ୍ରାୟ ଏହିକିଯେ, ଭୀମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସତ୍ୟବାଦୀ ଅଞ୍ଚଳର ସର୍ବପୁରାତନ ବିଦ୍ୟାଳୟ । ସଂପ୍ରତି ଏଠାରେ ପାଞ୍ଚଶହ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଆମର ଜନପ୍ରିୟ ସରକାରଙ୍କର ମଧ୍ୟାହ୍ନ ଭୋଜନ

କାର୍ଯ୍ୟକ୍ରମ ଏକ ଅଭିନନ୍ଦନୀୟ ପଦକ୍ଷେପ । ଏହାଦ୍ୱାରା ବିଦ୍ୟାଳୟରେ ଛାତ୍ରଛାତ୍ରୀ ଉପସ୍ଥାନ ବୃଦ୍ଧିପାଇବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନେ ପୁଷ୍ଟିକର ଖାଦ୍ୟ ଖାଇବାର ସୁଯୋଗ ପାଇଥାନ୍ତି । ମାତ୍ର ଦୁଃଖର କଥା ଯେ ଉକ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ବ୍ୟାହତ ହୋଇଛି । ସପ୍ତାହର ଅଧିକାଂଶ ଦିନ ଛାତ୍ରଛାତ୍ରୀମାନେ ଖାଦ୍ୟ ପାଉନାହାନ୍ତି । ଯେଉଁ ଦିନ ଖାଦ୍ୟ ପାଉଛନ୍ତି, ତାହା ନିମ୍ନମାନର ହେଉଛି ।

ଏଣୁ, ବିନୀତ ଅନୁରୋଧ, ଆପଣ ଉକ୍ତ ବିଷୟକୁ ସହୃଦୟତାର ସହ ବିଚାର କରି ଅନୁସନ୍ଧାନ ପୂର୍ବକ ପଦକ୍ଷେପ ନେଲେ କୋମଳମତି ଛାତ୍ରଛାତ୍ରୀମାନେ ଉପକୃତ ହେବେ ।

ଆପଣଙ୍କର ବିଶ୍ୱସ୍ତ ଭୀମପୁର ଗ୍ରାମବାସୀ ବୃନ୍ଦ

ସ୍ୱାକ୍ଷର – କ

ଭୀମପୁର ଖ

ତା ୧୦.୧୨.୧୪ ଗ

ଘ

## ତୁମ ପାଇଁ କାମ :

୧. ତୁମ ଗ୍ରାମରେ ନଳକୂପ ବସାଇବାକୁ ଅନୁରୋଧ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ଦରଖାସ୍ତ ଲେଖ ।
୨. ଶ୍ରେଣୀରୁ ଅଧା ଛୁଟି ନେବାପାଇଁ କାରଣ ଦର୍ଶାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତ ।
୩. ବିଦ୍ୟାଳୟର ଗରିବ ବାଳକମାନଙ୍କ ପାଇଁ ଉଦ୍ଦିଷ୍ଟ ପାଣ୍ଠିରୁ ସାହାଯ୍ୟ ଦେବାପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନିକଟକୁ ଦରଖାସ୍ତ ।
୪. ବିଦ୍ୟାଳୟ ପୁସ୍ତକ ବ୍ୟାଙ୍କରୁ ପୁସ୍ତକ ନେବାପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଦରଖାସ୍ତ ।
୫. ତୁମ ଅଞ୍ଚଳରେ ବ୍ୟାପିଥିବା ହଇଜାର ପ୍ରତିକାର ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

## ବିଜ୍ଞାପନ

ଆଧୁନିକ ଯୁଗ ବିଜ୍ଞାନର ଯୁଗ । ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ହେତୁ ଆଜି ଏହି ବିରାଟ ବିଶ୍ୱ ପରସ୍ପରର ନିକଟତର ହୋଇପାରିଛି । ଆମ୍ଭେ ଆଜି ପୃଥିବୀର ଯେକୌଣସି ସ୍ଥାନରେ ଥିବା ବ୍ୟକ୍ତିବିଶେଷଙ୍କ ସହିତ ଯୋଗାଯୋଗ କରିପାରିବା । 'ବିଜ୍ଞାପନ' ଆଜି ଯୋଗାଯୋଗର ଏକ ପ୍ରମୁଖ ମାଧ୍ୟମ ହୋଇଛି ।

**ବିଜ୍ଞାପନ କ'ଣ –** ବିଜ୍ଞାପନର ଅର୍ଥ 'ଅନ୍ୟକୁ କିଛି ଜଣାଇବା' ବା ବିଶେଷ ଭାବେ ଦୃଷ୍ଟି ଆକର୍ଷଣ କରିବା । ସାଧାରଣତଃ ଆଧୁନିକ ଯୁଗରେ ମଣିଷ ବିଭିନ୍ନ ଖବର କାଗଜ ମାଧ୍ୟମରେ ନିଜର ବାର୍ତ୍ତା ପଠାଏ । ଏହା ବ୍ୟବସାୟ ଭିତ୍ତିକ, ବ୍ୟକ୍ତିଗତ କିମ୍ବା ପରିବାର ଭିତ୍ତିକ ହୋଇପାରେ । ଗଣ ମାଧ୍ୟମରେ ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ପୃଷ୍ଠା ରଖାଯାଇଥାଏ । ଏହାଦ୍ୱାରା ବ୍ୟକ୍ତି ଅଳ୍ପ ସମୟରେ ନିଜର ଆବଶ୍ୟକତା ପୂରଣ କରେ ।

**ବିଜ୍ଞାପନ ଲିଖନ କୌଶଳ :**

୧. ଏହା ସଂକ୍ଷିପ୍ତ ହେବା ବିଧେୟ । କାରଣ ଶବ୍ଦ ବା ସ୍ତମ୍ଭ ଅନୁଯାୟୀ ମୂଲ୍ୟ ଦେବାକୁ ପଡ଼େ । ଏହା ବ୍ୟୟସାପେକ୍ଷ ହୋଇଥାଏ ।

୨. ସହଜ ଓ ବୋଧଗମ୍ୟ ଭାଷା ଏଥିରେ ପ୍ରୟୋଗ ହୋଇଥାଏ, ନଚେତ୍ ବିଜ୍ଞାପନର ଲକ୍ଷ୍ୟ ସାଧିତ ହୋଇପାରେ ନାହିଁ ।

୩. ପ୍ରତ୍ୟେକ ବିଜ୍ଞାପନ, ଅନ୍ୟ ବିଜ୍ଞାପନଠାରୁ ପୃଥକ । ଏଣୁ ବିଜ୍ଞାପନର ଲିଖନ ଶୈଳୀରେ ଭିନ୍ନତା ଥାଏ ।

## ନମୁନା ବିଜ୍ଞାପନ

**୧. ତୁମର ବଡ଼ଭାଇ ନିମିତ୍ତ ସୁଶ୍ରୀ ପାତ୍ରୀ ଆବଶ୍ୟକ ।**

### ପାତ୍ରୀ ଆବଶ୍ୟକ

ଦିଲ୍ଲୀରେ ଅବସ୍ଥାପିତ କମ୍ପ୍ୟୁଟର ଇଞ୍ଜିନିୟର କ୍ଷତ୍ରିୟ ଯୁବକଙ୍କ ପାଇଁ ପାତ୍ରୀ ଆବଶ୍ୟକ । ପାତ୍ରୀର ଉଚ୍ଚତା ଅନ୍ୟୂନ ୫ଫୁଟ ୩ ଇଞ୍ଚ ଓ ଯୋଗ୍ୟତା ଶିକ୍ଷାଗତ ଏମ୍.ଏ. କିମ୍ବା ଏମ.ଏସ୍‌ସି ହେବା ବିଧେୟ । ପାତ୍ରୀ ସୁଶ୍ରୀ ଓ ଗୌରବର୍ଣ୍ଣା ହେବା ବାଞ୍ଛନୀୟ । ବିବାହ ପାଇଁ ଜାତିଗତ ବାଧା ନାହିଁ । ଆଗ୍ରହୀ ବ୍ୟକ୍ତିବିଶେଷ ବା ଅଭିଭାବକ ପାତ୍ରୀର ଫଟୋ, ବିବରଣୀ ସହ ଫୋନନମ୍ବର ଦେଇ ଶୀଘ୍ର ଯୋଗାଯୋଗ କରନ୍ତୁ ।

ବକ୍ସ ନଂ - ୪୨୫

ମାର୍ଫତ- ସମାଜ

**୨. ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ତୁମର ହଜିଯାଇଥିବା ସୁଟ୍‌କେଶ୍ ଫେରିପାଇବା ପାଇଁ ବିଜ୍ଞାପନ ପ୍ରକାଶ କର ।**

### ସୁଟ୍‌କେଶ୍ ହଜିଛି

ଗତ ୩.୧୦.୧୪ ଶୁକ୍ରବାର ଦିନ କଟକରୁ ଭୁବନେଶ୍ୱର ଆସିବା ରାସ୍ତାରେ କଳାରଙ୍ଗର ଭି.ଆଇ.ପି. ସୁଟ୍‌କେଶ୍ ହଜିଛି । ଏଥିରେ ବହୁ ଦରକାରୀ କାଗଜପତ୍ର ଯଥା: ଡ୍ରାଇଭିଙ୍ଗ୍ ଲାଇସେନ୍‌ସ, ପାସପୋର୍ଟ ଓ ପ୍ୟାନ୍‌କାର୍ଡ ପ୍ରଭୃତି ଥିଲା । କୌଣସି ସହୃଦୟ ବ୍ୟକ୍ତି ପାଇଥିଲେ ଫେରାଇବାକୁ ଅନୁରୋଧ ।

ପ୍ରମଥେଶ ଚାଟାର୍ଜୀ
ବଙ୍ଗାଳୀ ସାହି
କଟକ
ଫୋନ୍-

**୩. ତୁମ୍ଭେ ତୁମ୍ଭ ଘରର କିଛି ଅଂଶ ଭଡ଼ା ଦେବାକୁ ଇଚ୍ଛୁକ । ଏଥିପାଇଁ ବିଜ୍ଞାପନ ଦିଅ ।**

## ଘରଭଡ଼ା ଦିଆଯିବ

କଟକ ବାଦାମବାଡ଼ି ନିକଟସ୍ଥ ରାଜା ବଗିଚା ଲେନ୍‌ରେ ଘର ଖାଲିଅଛି । ଘରଟିର ସାମନାରେ ଗାଡ଼ି ରଖିବା ସୁବିଧା ଥିବା ସହ ଆଧୁନିକ ଶୈଳୀରେ ନିର୍ମିତ ବାରଶହ ବର୍ଗଫୁଟର ଘର ଭଡ଼ା ଦିଆଯିବ । ଆଗ୍ରହୀ ବ୍ୟକ୍ତି ନିମ୍ନ ଠିକଣାରେ ଶୀଘ୍ର ଯୋଗାଯୋଗ କରନ୍ତୁ ।

ସୟଦ୍ ମନସୁର୍ ଅଲ୍ଲୀ
ରାଜା ବଗିଚା ଲେନ୍, ବାଦାମବାଡି
କଟକ-୭୫୩୦୦୧

**୪. ତୁମର ପୁରୁଣା ଆମ୍ବାସଡ଼ର୍ ଗାଡ଼ି ବିକ୍ରି କରିବା ଲକ୍ଷ୍ୟରେ ବିଜ୍ଞାପନ ପ୍ରକାଶ କର ।**

## ଗାଡ଼ି ବିକ୍ରି

୧୯୯୬ ମଡ଼େଲ ପୁରୁଣା ଆମ୍ବାସଡ଼ର (ପେଟ୍ରୋଲ) ଗାଡ଼ି ବିକ୍ରି ହେବ । ଧଳା ରଙ୍ଗର ଏହି ଗାଡ଼ି ଚଳନ୍ତି ଅବସ୍ଥାରେ ଅଛି । କିଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ ।

ଅଭିଜିତ୍ ଦାସ
ସେକ୍ଟର -୧୮
ରାଉରକେଲା
ସୁନ୍ଦରଗଡ

**୫. ହୋଟେଲ ପାଇଁ ମହିଳା ଅଭ୍ୟର୍ଥନାକାରୀ ଆବଶ୍ୟକ ଦର୍ଶାଇ ବିଜ୍ଞାପନ ପ୍ରକାଶ କର ।**

## ମହିଳା ଅଭ୍ୟର୍ଥନାକାରୀ ଆବଶ୍ୟକ

ପୁରୀ ସମୁଦ୍ର କୂଳରେ ଅବସ୍ଥିତ ଏକ ହୋଟେଲ ପାଇଁ ମହିଳା ଅଭ୍ୟର୍ଥନାକାରୀ ଆବଶ୍ୟକ । ପ୍ରାର୍ଥିନୀଙ୍କର ଇଂରାଜୀ, ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ଭାଷାରେ ଦକ୍ଷତା ଥିବା ଆବଶ୍ୟକ । ହୋଟେଲ ପରିଚାଳନାରେ ଡିଗ୍ରୀ କିମ୍ବା ଡିପ୍ଲୋମା ଶିକ୍ଷାଗତ ଯୋଗ୍ୟତା ଥାଇ ଉତ୍ତମ ବ୍ୟକ୍ତିତ୍ୱ ଥିବା ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ । ନିମ୍ନ ଠିକଣାରେ ଆବେଦନ କରିବାକୁ ଅନୁରୋଧ ।

ବକ୍ସ ନଂ- ୧୦୨
ମାର୍ଫତ - ଧରିତ୍ରୀ

❖❖❖